READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୪ ସଂଖ୍ୟା-୧୫ ୨୭ ଏପ୍ରିଲ - ୦୩ ମଇ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-15 27th APRIL - 03rd MAY, 2020 BHUBANESWAR ₹ 5/- (8 Pages)

### କେନ୍ଦ୍ର ଓ ରାଜ୍ୟର ମାର୍ଗଦର୍ଶିକା ଜାରି

# ଦୋକାନ ବଜାର ଆଂଶିକ ଖୋଲା

**ନୂଆଦିଲ୍ଲୀ :** ସାରା ଦେଶରେ ଲକ୍‌ଡାଉନ୍ ଯୋଗୁଁ ଦୋକାନ ବଜାର ବନ୍ଦ ରହିଥିଲା ବେଳେ ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଏଥିରୁ ସେମାନଙ୍କୁ ଆଶ୍ୱସ୍ତ କରିବାକୁ ଯାଇ କେନ୍ଦ୍ର ସରକାର ଗ୍ରାମାଞ୍ଚଳରେ ସମସ୍ତ ଦୋକାନ ଏବଂ ସହରାଞ୍ଚଳରେ ପଡିଶା ଓ ଗୋଟିକିଆ ଦୋକାନ ଖୋଲିବା ପାଇଁ ଅନୁମତି ଦେଇଛନ୍ତି। ଶୁକ୍ରବାର ମଧ୍ୟରାତ୍ରିରେ ଏ ସଂକ୍ରାନ୍ତରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। କେନ୍ଦ୍ରଗୃହ ସଚିବ ଅଜୟ ଭାଲ୍ଲାଙ୍କ ପକ୍ଷରୁ ଜାରି ଏହି ନିର୍ଦ୍ଦେଶନାମା ଅନୁଯାୟୀ ଶନିବାର ଠାରୁ ସହରାଞ୍ଚଳର ଆବାସିକ ଅଞ୍ଚଳରେ ଥିବା ଦୋକାନ ଏବଂ ଦୁରଛଡ଼ା ହୋଇ ରହିଥିବା ଦୋକାନଗୁଡିକରେ ଅଣଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ କରାଯାଇପାରିବ। ତେବେ ଏହା କରୋନା ହଟ୍‌ସ୍ପଟ୍ ଅଞ୍ଚଳ ପାଇଁ ଲାଗୁ ହେବ ନାହିଁ।



ସେହିପରି ଗ୍ରାମାଞ୍ଚଳରେ ଥିବା ସମସ୍ତ ଦୋକାନ ଖୋଲିପାରିବ ଏବଂ ସବୁପ୍ରକାର ସାମଗ୍ରୀ ବିକ୍ରୟ ହୋଇପାରିବ। ଇ-କମର୍ସ କମ୍ପାନୀଗୁଡିକ କେବଳ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ପାରିବେ। କିନ୍ତୁ ମଦ ଦୋକାନ ଖୋଲିପାରିବ ନାହିଁ। ମାର୍କେଟ୍ କମ୍ପ୍ଲେକ୍ସରେ ଥିବା ସେଲୁନ୍ ଓ ପାର୍ଲର ଖୋଲିବ ନାହିଁ। ମଲ୍ ଏବଂ ସିନେମା ହଲ୍ ଖୋଲାଯିବ ନାହିଁ। ପୌରାନିଗମ ବାହାରେ ଥିବା ➤ ପୃ-୬

## ସାମାଜିକ ଦୂରତା, ମାସ୍କ ବାଧ୍ୟତାମୂଳକ

**ଭୁବନେଶ୍ୱର :** ରାଜ୍ୟରେ ଲକ୍‌ଡାଉନ୍ ଜାରି ରହିଥିବା ବେଳେ ଦୋକାନଗୁଡ଼ିକ ପାଇଁ ଥିବା କଟକଣାରେ ସାମାନ୍ୟ କୋହଳ କରାଯାଇଛି। ଶନିବାର ଠାରୁ ଦେଶରେ ସର୍ତ୍ତମୂଳକ ଭାବେ ସମସ୍ତ ଦୋକାନ ଖୋଲିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି ହେବା ପରେ ରାଜ୍ୟରେ ମଧ୍ୟ କିଛି ସର୍ତ୍ତ ରଖି ଦୋକାନ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଏହି କୋହଳ ହଟ୍‌ସ୍ପଟ୍ କିମ୍ୱା କଣ୍ଟେନ୍‌ମେଣ୍ଟ ଜୋନ୍ ଅଞ୍ଚଳରେ ଲାଗୁ ହେବ ନାହିଁ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। କେଉଁ ଦୋକାନ କେତେ ସମୟ ଖୋଲା ରହିବ ତା'ର ନିଷ୍ପତ୍ତି ଜିଲ୍ଲାପାଳ ଓ ମ୍ୟୁନିସିପାଲଟି କମିଶନର ସ୍ଥିର କରିବେ। କେବଳ ପଞ୍ଜିକୃତ ଦୋକାନଗୁଡ଼ିକୁ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୋକାନ ଖୋଲିବା ସମୟରେ ମାସ୍କ ପିନ୍ଧିବା ଜରୁରୀ ସହ ସାମାଜିକ ଦୂରତା ରଖିବା ବାଧ୍ୟତାମୂଳକ କରାଯାଇଛି। ସେହିପରି କେଉଁ ଅଞ୍ଚଳରେ କେଉଁ ଦୋକାନ ଖୋଲିବ ସେନେଇ ମଧ୍ୟ ସ୍ପଷ୍ଟ କରାଯାଇଛି। ଗ୍ରାମାଞ୍ଚଳରେ ରେସିଡେନ୍ସିଆଲ କମ୍ପ୍ଲେକ୍ସ ଏବଂ ମାର୍କେଟ କମ୍ପ୍ଲେକ୍ସ ଖୋଲାଯିବାକୁ ଅନୁମତି ମିଳିଥିବା ବେଳେ ସହରାଞ୍ଚଳରେ ଗୋଟିକିଆ ଦୋକାନ ଏବଂ ରେସିଡେନ୍ସିଆଲ କମ୍ପ୍ଲେକ୍ସ ଖୋଲିବା ଲାଗି ଅନୁମତି ମିଳିଛି। ସେହିପରି ସହରାଞ୍ଚଳରେ ସାହି, ଗଳିରେ ଥିବା ଦୋକାନଗୁଡ଼ିକ ମଧ୍ୟ ଖୋଲାଯାଇ ପାରିବ ବୋଲି କୁହାଯାଇଛି। ତେବେ ରାଜ୍ୟରେ ଥିବା ସମସ୍ତ ସପିଙ୍ଗ ମଲ୍ କିମ୍ୱା ସପିଙ୍ଗ୍ କମ୍ପ୍ଲେକ୍ସ ଏହି ସମୟରେ ଖୋଲି ପାରିବ ନାହିଁ। ସପ୍ ଆଣ୍ଡ ଏଷ୍ଟାବ୍ଲିସମେଣ୍ଟ ଆକ୍ଟରେ ପଞ୍ଜିକୃତ ହେଇଥିବା ସମସ୍ତ ଦୋକାନ, ପୌରପାଳିକା ଅଞ୍ଚଳ ବାହାରେ ଥିବା ରେସିଡେନ୍ସିଆଲ କମ୍ପ୍ଲେକ୍ସ ଓ ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୋକାନ, ରେସିଡେନସିଆଲ ଅଞ୍ଚଳ ଓ ଏହା ଆଖପାଖ ବଜାରରେ ଥିବା ଦୋକାନ, ଗ୍ରାମାଞ୍ଚଳରେ ସବୁ ପ୍ରକାର ପଞ୍ଜିକୃତ ଦୋକାନ ଖୋଲିବାକୁ ଅନୁମତି ମିଳିଛି। ସହରାଞ୍ଚଳରେ କେବଳ ଗୋଟିକିଆ ଦୋକାନ ଖୋଲାଯାଇ ପାରିବ। ପୌରପାଳିକା ଭିତରେ ନଥିବା ଦୋକାନ ୫୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଖୋଲିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି।

## ପଞ୍ଜୀକରଣ ପାଇଁ ଆଧାର, ଫୋନ୍ ନମ୍ବର ବାଧ୍ୟତାମୂଳକ



**ଭୁବନେଶ୍ୱର :** ଓଡ଼ିଶା ବାହାରେ ଯେଉଁ ଓଡ଼ିଆ ଭାଇ-ଭଉଣୀମାନେ ରହିଛନ୍ତି ଓ ଓଡ଼ିଶା ଫେରିବା ଲାଗି ଅତି ବ୍ୟଗ୍ର ଅଛନ୍ତି, ସେମାନଙ୍କ ଫେରିବା ପାଇଁ ସରକାର ସମସ୍ତ ବ୍ୟବସ୍ଥା କରିଛନ୍ତି। ସେମାନଙ୍କ ସମସ୍ୟା ଓ ବ୍ୟଗ୍ରତା ଉପରେ ସରକାର ସମ୍ବେଦନଶୀଳ ରହିଛନ୍ତି। ଲକ୍‌ଡାଉନ୍ ଉଠିବା ପରେ ଯେଉଁମାନେ ରାଜ୍ୟକୁ ଫେରିବାକୁ ଚାହୁଁଛନ୍ତି, ସେମାନଙ୍କୁ ପଞ୍ଜୀକରଣ କରିବାକୁ ପଡ଼ିବ। ସେମାନେ ସହରାଞ୍ଚଳବାସୀ ହୁଅନ୍ତୁ ବା ଗ୍ରାମଞ୍ଚଳବାସୀ, ସମସ୍ତଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଦେଓରଞ୍ଜନ କୁମାର ସିଂ କହିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ଫେରନ୍ତାଙ୍କ ଲାଗି ରାଜ୍ୟ ସରକାର ଏକ ପୋର୍ଟାଲ ବ୍ୟବସ୍ଥା କରିଛନ୍ତି। ଏହି ପୋର୍ଟାଲଟି ହେଲା covid19.odisha.gov.in। ➤ ପୃ-୬

## ବିଶ୍ୱରେ ମୃତ୍ୟୁସଂଖ୍ୟା ୨ ଲକ୍ଷ ଟପିଲା

**ୱାଶିଂଟନ :** ବିଶ୍ୱ ମହାମାରୀ କରୋନା ସଂକ୍ରମଣରେ ମୃତ୍ୟୁସଂଖ୍ୟା ୨ ଲକ୍ଷ ୩ହଜାର ୨୮୯ ରେ ପହଞ୍ଚିଛି। ଇତି ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୨୯ ଲକ୍ଷ ୨୧ ହଜାର ୪୩୯କୁ ବୃଦ୍ଧିପାଇଛି। ଏ ପର୍ଯ୍ୟନ୍ତ ୮ ଲକ୍ଷ ୩୬ ହଜାର ୯୭୮ ରୋଗୀ ସୁସ୍ଥ ହୋଇ ହସ୍ପିଟାଲରୁ ଫେରିଛନ୍ତି। କରୋନାରେ ସବୁଠାରୁ ଅଧିକ ପ୍ରଭାବିତ ଆମେରିକାରେ ମୃତ୍ୟୁସଂଖ୍ୟା ୫୨ ହଜାର ୯୪୮ କୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଆମେରିକାରେ ୧୬ହଜାର ୨୪୬ ଜଣ ନୂଆ ରୋଗୀ ଚିହ୍ନଟ ହେବା ପରେ ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୪୧ହଜାର ୪୭୮କୁ ବୃଦ୍ଧି ପାଇଛି। ସ୍ପେନ୍‌ରେ ୨ ଲକ୍ଷ ୨୩ ହଜାର ୭୫୯ ଜଣ କୋଭିଡ୍-୧୯ ଦ୍ୱାରା ସଂକ୍ରମିତ ହେଲେଣି। ସେଠାରେ ମୃତ୍ୟୁସଂଖ୍ୟା ୨୩ ହଜାରରେ ପହଞ୍ଚିଛି। ➤ ପୃ-୬



## ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୨୬ ହଜାର ଟପିଲା

**ନୂଆଦିଲ୍ଲୀ :** ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୬,୪୯୬ ହଜାରକୁ ଛୁଇଁଥିଲା ବେଳେ ଏ ପର୍ଯ୍ୟନ୍ତ ଏହି ରୋଗରେ ୮୨୪ ଜଣଙ୍କ ମୃତ୍ୟୁ ଘଟିଲାଣି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଏଥିରେ ୧୮,୯୫୩ ସକ୍ରିୟ ମାମଲା ରହିଛି। ଇତି ମଧ୍ୟରେ ୫୨୧୦ ରୋଗୀ ସୁସ୍ଥ ହୋଇ ହସ୍ପିଟାଲରୁ ଫେରିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ୧୪୯୦ ନୂଆ ମାମଲା ଚିହ୍ନଟ ହୋଇଥିଲା ବେଳେ ୫୬ ଜଣଙ୍କ ମୃତ୍ୟୁ ଘଟିଥିବା ରେକର୍ଡ କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଶନିବାର ଦାଦନ ଶ୍ରମିକଙ୍କୁ ଫେରାଇ ନେବା ପାଇଁ ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କ ସହ ଆଲୋଚନା କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ହର୍ଷବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ (ଜିଓଏମ୍) ବୈଠକରେ ➤ ପୃ-୬

## ରବିଧାନ ସଂଗ୍ରହ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ



**ଭୁବନେଶ୍ୱର :** କରୋନା ଭୂତାଣୁ (କୋଭିଡ୍-୧୯)ର ମୁକାବିଲା ନିମନ୍ତେ ସମଗ୍ର ଦେଶ ସମେତ ରାଜ୍ୟରେ ଲକ୍‌ଡାଉନ୍ ବଳବତ୍ତର ରହିଥିବା ଦୃଷ୍ଟିରୁ ରାଜ୍ୟରେ ଲୋକମାନଙ୍କର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ତ୍ୱରାନ୍ୱିତ ପଦକ୍ଷେପ ନେବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ଲୋକସେବା ଭବନଠାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକ୍ରମର ସମୀକ୍ଷା କରିବା ଅବସରରେ ଅଗ୍ରୀମ ତ୍ରୈମାସିକ ପିଡିଏସ୍ ରାସନ ସାମଗ୍ରୀ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା, ନଗଦ ଅର୍ଥ ବଣ୍ଟନ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ନୂତନ ହିତାଧିକାରୀଙ୍କୁ ସାମିଲ୍ କରିବା ଏବଂ ରବିଧାନ ସଂଗ୍ରହ ଆଦି କାର୍ଯ୍ୟକୁ ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଏସବୁ କାର୍ଯ୍ୟ ସମ୍ପାଦନ ଦିଗରେ ସାମାଜିକ ଦୂରତ୍ୱ ରକ୍ଷା କରି ଏବଂ କୋଭିଡ୍ ସମ୍ପର୍କିତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ମାର୍ଗଦର୍ଶିକାକୁ କଡ଼ାକଡ଼ି ଅନୁପାଳନ କରିବା ପାଇଁ କହିଥିଲେ। କରୋନା ଭଳି ଏକ ଅସ୍ୱାଭାବିକ ପରିସ୍ଥିତିରେ ସାରା ରାଜ୍ୟରେ ଲକ୍‌ଡାଉନ୍ ଜାରି ରହିଥିବାବେଳେ ବିଭାଗୀୟ କର୍ମକର୍ତ୍ତା ଓ କ୍ଷେତ୍ର ଅଧିକାରୀମାନେ ନିଷ୍ଠା ଓ ଆନ୍ତରିକତା ଉତ୍ସର୍ଗୀକୃତ ମନୋଭାବ ନେଇ ହିତାଧିକାରୀଙ୍କୁ ପିଡିଏସ୍ ସାମଗ୍ରୀ ବଣ୍ଟନ, ନଗଦ ଅର୍ଥ ବଣ୍ଟନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ହିତାଧିକାରୀଙ୍କ ନାମ ସାମିଲ ଆଦି କାର୍ଯ୍ୟ ସମ୍ପାଦନ କରିଥିବାରୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟରେ ଏ ପର୍ଯ୍ୟନ୍ତ ୮୩ ଲକ୍ଷ ୫୫ ହଜାର ୭୩୪ ଜଣ ରାସନ କାର୍ଡଧାରୀ ପରିବାରଙ୍କୁ ଅଗ୍ରୀମ ତ୍ରୈମାସିକ ରାସନ ସାମଗ୍ରୀ ଯୋଗାଇ ଦିଆଇଛି। ଏଥିସହିତ ଶୁକ୍ରବାର ସୁଦ୍ଧା ୮୮ ଲକ୍ଷ ୯୩ ହଜାର ୬୬୪ ଜଣ ପିଡିଏସ୍ ରାସନ କାର୍ଡଧାରୀ ପରିବାର ପିଛା ନଗଦ ରିଲିଫ୍ ୧୦୦୦ ଟଙ୍କା ଆକାରରେ ମୋଟ ୮୮୯ କୋଟି ୩୬ ଲକ୍ଷ ୬୪ ହଜାର ଟଙ୍କା ବଣ୍ଟନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ମଧ୍ୟ ଅତିରିକ୍ତ ଚାଉଳ ଓ ଡାଲି ବିନାମୂଲ୍ୟରେ ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ରବିଧାନ ସଂଗ୍ରହ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପନ୍ନ କରିବା ନିମନ୍ତେ ସମସ୍ତ ଆଗୁଆ ପଦକ୍ଷେପ ➤ ପୃ-୬

### ବକ୍ରବାଣୀ



କାଳିଆର ଡୋରି ଲାଗିଲା ବୋଲି
ମାଇପକୁ ନେଇ ପୁରୀ ମୁଁ ଗଲି
ଗାଡି ଘୋଡା ସବୁ ବଅନ୍ଦ ଥିଲା
ଯାଇଥା'ନ୍ତି କଣ ଚାଲିକି ଭଲା
ସର୍କାରୀ ବାରଣ ନିଜ ଗାଡିକି
ସେଥିଲାଗି ଚୋରାଗାଡି ଚଢ଼ିକି
ଦେଉଳେ ପଶିଲି ଦକ୍ଷିଣ ଦ୍ୱାରେ
ଅଭଡା ପାଇଲି ଦର୍ଶନ ପରେ
କିଏ ସେ ବାଲୁଙ୍ଗା ଭିଡିଓ କରି
ମାନ ମହତ ମୋ ଦେଲାରେ ସାରି।

—— ଟୁଟୁ

# କରୋନା ମୁକାବିଲାରେ ନବୀନ ଆଗୁଆ

**ଭୁବନେଶ୍ୱର:** ବିପର୍ଯ୍ୟୟ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ବିଶ୍ୱରେ ନିଜର ଛାପ ଛାଡ଼ିଛନ୍ତି। ପୂର୍ବରୁ ଫାନି, ଫାଇଲିନ୍ ଓ ହୁଡ୍‌ହୁଡ୍ ଭଳି ଭୟଙ୍କର ସାମୁଦ୍ରିକ ଝଡ଼ର ସଫଳତା ସହ ମୁକାବିଲା କରି ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସାର ପାତ୍ର ସାଜିଥିବା ନବୀନ ପୁଣି ଥରେ ସମସ୍ତଙ୍କ ନଜର ନିଜ ଆଡ଼କୁ ଟାଣିଛନ୍ତି। ସାରା ବିଶ୍ୱ ଏବେ କରୋନା କବଳରେ ଆଉଟପାଉଟ୍ ହେଉଥିବା ବେଳେ ଓଡ଼ିଶା ଏହାର ଅତି ଚତୁର ଓ ଗୁରୁତର ସହ ମୁକାବିଲା କରୁଛି। ବିପର୍ଯ୍ୟୟ ପରିଚାଳନାରେ ଥିବା ଅଭିଜ୍ଞତାକୁ ଆଧାର କରି ନବୀନ ଏହି ମୁକାବିଲା କରୁଥିବା ବେଳେ କେନ୍ଦ୍ର ଓ ବହୁ ରାଜ୍ୟ ସରକାର ତାଙ୍କର ପଦାଙ୍କ ଅନୁସରଣ କରୁଛନ୍ତି। ସବୁଠାରୁ ବଡ଼ କଥା ହେଲା ରାଜ୍ୟରେ କରୋନା ଗତିରେ ବ୍ରେକ୍ ଲଗାଇବା ପାଇଁ ନବୀନ ନେଉଥିବା



ପଦକ୍ଷେପଗୁଡ଼ିକୁ କେନ୍ଦ୍ର ସରକାର ସମଗ୍ର ଦେଶ ପାଇଁ ଲାଗୁ କରୁଥିବାର ଦେଖିବାକୁ ମିଳୁଛି। ଫଳରେ ଜାତୀୟ ଗଣମାଧ୍ୟମଗୁଡ଼ିକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଚର୍ଚ୍ଚା ଜୋର ଧରିଛି। ଯେମିତି ପ୍ରଥମ ରାଜ୍ୟ ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ସରପଞ୍ଚମାନଙ୍କ ସହ କଥା ହେବା ସହିତ ସେମାନଙ୍କୁ ନିଜ ନିଜ ଅଞ୍ଚଳରେ କରୋନାକୁ ନପୁରାଇଦେବା ପାଇଁ ଶପଥପାଠ କରାଇଥିଲେ। ଏହାସହିତ ସରପଞ୍ଚମାନଙ୍କୁ କରୋନା ମୁକାବିଲା ବାବଦରେ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କ କ୍ଷମତା ମଧ୍ୟ ପ୍ରଦାନ କରିଥିଲେ। ସମାନ ପନ୍ଥାକୁ ଆପଣାଇ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥା ସହିତ ଜଡ଼ିତ ସରପଞ୍ଚମାନଙ୍କ ସହ କଥା ହୋଇ ସେମାନଙ୍କ ଦାୟିତ୍ୱବୋଧ ବିଷୟରେ ଅବଗତ କରାଇଛନ୍ତି। ସେହିପରି କୋରନା ମୁକାବିଲା କ୍ଷେତ୍ରରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ସେମାନଙ୍କ ମନୋବଳ ବଢ଼ାଇଛନ୍ତି। ଏହି ଗୋଟିଏ ପଦକ୍ଷେପ ନୁହେଁ ପ୍ରଥମ ରାଜ୍ୟଭାବେ ଓଡ଼ିଶାରେ ବିଧାନସଭା ➤ ପୃ-୬




# ଶୁଭାରମ୍ଭ ହେଲା ସ୍ୱାମୀତ୍ୱ ଯୋଜନା

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାରା ଦେଶର ସରପଞ୍ଚ ଓ ଗ୍ରାମ ପଞ୍ଚାୟତ ଅଧିକାରୀମାନଙ୍କ ସହ ଭିଡିଓ କନଫରେନ୍ସିଂ ଯୋଗେ ଭାବ ବିନିମୟ କରିଛନ୍ତି। ଜାତୀୟ ପଞ୍ଚାୟତିରାଜ ଦିବସ ୨୦୨୦ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଏହିସବୁ ଗ୍ରାମାଞ୍ଚଳ ପ୍ରତିନିଧି ତଥା ଅଧିକାରୀମାନଙ୍କ ସହ ଆଲୋଚନା କରିବା ଅବସରରେ ସମନ୍ୱିତ ଗ୍ରାମ ସ୍ୱରାଜ ପୋର୍ଟାଲ ତଥା ମୋବାଇଲ ଆପ୍ଲିକେଶନ ଏବଂ ସ୍ୱାମୀତ୍ୱ (ଜମିର ମାଲିକାନା) ଯୋଜନାର ଶୁଭାରମ୍ଭ କରିଛନ୍ତି। ଇ-ଗ୍ରାମ ସ୍ୱରାଜ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପାଇଁ ପ୍ରସ୍ତୁତ ହେବାକୁ ତଥା ବିଭିନ୍ନ କାର୍ଯ୍ୟକ୍ରମର ରୂପାୟନ ନିମନ୍ତେ ସରପଞ୍ଚ ଓ ଅଧିକାରୀମାନଙ୍କୁ ଯଥେଷ୍ଟ ମାତ୍ରାରେ ଏହା ସହାୟକ ହେବ। ଏହି ପୋର୍ଟାଲ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ରିଅଲ ଟାଇମ ମନିଟରିଂ ତଥା ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିପାରିବ। ଗ୍ରାମ ପଞ୍ଚାୟତ ସ୍ତରରେ ଡିଜିଟାଇଜେସନକୁ କାର୍ଯ୍ୟକାରୀ କରିବା ଦିଗରେ ଏହି ପୋର୍ଟାଲକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚନା କରାଯାଉଛି। ସେହିଭଳି ସ୍ୱାମୀତ୍ୱ ଯୋଜନାକୁ ପାଇଲଟ ଭିତ୍ତିରେ ଆରମ୍ଭ କରାଯାଇଛି ଏବଂ ପ୍ରଥମେ ତାହା ଛଅଟି



ରାଜ୍ୟରେ ପ୍ରବର୍ତ୍ତନ କରାଯିବ। ଏହାଦ୍ୱାରା ଗ୍ରାମାଞ୍ଚଳରେ ଡ୍ରୋନ୍ ବ୍ୟବହାର କରାଯାଇ ଆବାସିକ କ୍ଷେତ୍ରକୁ ମ୍ୟାପିଂ କରାଯିବ। ଏହା ହେଉଛି ସର୍ଭେ କାର୍ଯ୍ୟକ୍ରମର ସର୍ବାଧୁନିକ ପଦ୍ଧତି। ଏହି ଯୋଜନା ରାଜସ୍ୱ ସଂଗ୍ରହକୁ ସୁନିଶ୍ଚିତ କରିବା ସହିତ ଗ୍ରାମାଞ୍ଚଳରେ ସମ୍ପତ୍ତି ଅଧିକାର ଉପରେ ଲୋକମାନଙ୍କ ମନରେ ସ୍ୱଚ୍ଛତା ଜାଗ୍ରତ କରିବ। ଏହା ଫଳରେ ଭୂସମ୍ପତ୍ତିର ମାଲିକାନା ଥିବା ବ୍ୟକ୍ତିବିଶେଷ ତାହାରି ଆଧାରରେ ବିଭିନ୍ନ ଆର୍ଥିକ ଅନୁଷ୍ଠାନଠାରୁ ଋଣ ପାଇଁ ଆବେଦନ କରିପାରିବେ। ଭୂସମ୍ପତ୍ତି ସଂପର୍କୀତ ବିବାଦମାନ ଏହି ଯୋଜନା ମାଧ୍ୟମରେ ପ୍ରଦାନ କରାଯାଇଥିବା ଟାଇଟଲ ଡିଡ୍ ଆଧାରରେ ସମାଧାନ କରାଯାଇପାରିବ। ଦେଶର ସରପଞ୍ଚମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଲେ ଯେ ବିଶ୍ୱ ମହାମାରୀ କରୋନା ଲୋକମାନଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଘଟାଇଛି ଏବଂ ସେମାନଙ୍କୁ ଏକ ମହାଶିକ୍ଷା ମଧ୍ୟ ଦେଇଛି। କିଭଳି ଆତ୍ମନିର୍ଭରଶୀଳ ଭାବେ ଜୀବନ ବଞ୍ଚିବାକୁ ପଡ଼େ ତାହା ଏହି ମହାମାରୀରୁ ଲୋକମାନେ ଶିକ୍ଷାଲାଭ କରିଛନ୍ତି। ଏହି ମହାମାରୀ ଆମ ସମ୍ମୁଖରେ ନୂଆ ନୂଆ ଆହ୍ୱାନ ଏବଂ ସମସ୍ୟା ଉଭା କରାଇଛି; ଯାହାକି ଆମେ କେବେ କଳ୍ପନା ସୁଦ୍ଧା କରିନଥିଲେ। ଏହା ଆମକୁ ଶିଖାଇଛି ଯେ ଏଭଳି ସମସ୍ୟାର ସମାଧାନ ସକାଶେ ଆମକୁ ଦେଶ ବାହାରେ ଉପାୟ ଖୋଜିବାର ଆବଶ୍ୟକତା ନାହିଁ। ପ୍ରତ୍ୟେକ ଗ୍ରାମ ସ୍ୱୟଂସମ୍ପୂର୍ଣ୍ଣ ହେବା ଉଚିତ; ଯାହାଦ୍ୱାରା ସେଠାରେ ବସବାସ କରୁଥିବା ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ହୋଇପାରିବ। ସେହିଭଳି ପ୍ରତିଟି ଜିଲ୍ଲା ମଧ୍ୟ ନିଜ ସ୍ତରରେ ଆତ୍ମ ନିର୍ଭରଶୀଳ ହେବା ବାଞ୍ଛନୀୟ। ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। ବନ୍ଧୁମିଳନ ଘଟିପାରେ।

**ବୃଷ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନ ଠାରୁ ଦୂରେଇ ରୁହନ୍ତୁ।

**ମିଥୁନ** ପାରିବାରିକ କଳହରୁ ମୁକ୍ତି ମିଳିବ। ବୈବାହିକ ଜୀବନ ସୁଖମୟ ହେବ। ଶାରୀରିକ ସୁସ୍ଥତା ଅନୁଭବ କରିବେ। ଚାକିରିଆଙ୍କର ଦୂରସ୍ଥାନକୁ ବଦଳି ହୋଇପାରେ। ଆଶା କରିଥିବା କର୍ମରେ ଶୁଭଫଳ ମିଳିବ।

**କର୍କଟ** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ସରକାରୀ ଚାକିରିଆଙ୍କୁ ଲାଭ ମିଳିପାରେ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ। ବ୍ୟବସାୟରେ ଅଚାନକ କିଛି ପରିବର୍ତ୍ତନ ଘଟିପାରେ।

**ସିଂହ** ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**କନ୍ୟା** ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।

**ତୁଳା** ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ।

**ବିଛା** ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**ଧନୁ** ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ।

**ମକର** ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**କୁମ୍ଭ** ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ। ରାଜନୈତକ ବ୍ୟକ୍ତିମାନେ ସତର୍କ ରହିବେ।

**ମୀନ** ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ୨୦୨୧ ଜୁଲାଇ ଯାଏ ଡିଏ ଓ ଡିଆର ବନ୍ଦ

**ନୂଆଦିଲ୍ଲୀ :** କରୋନା ପ୍ରଭାବିତ ଅର୍ଥନୀତି ବ୍ୟବସ୍ଥାକୁ ନେଇ ଗୁରୁବାର କେନ୍ଦ୍ର ସରକାର କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗାଭତ୍ତା ବୃଦ୍ଧି ଉପରେ ରୋକ୍ ଲଗାଇଛନ୍ତି। ସାଂପ୍ରତିକ ସ୍ଥିତିରେ ସରକାରଙ୍କ ଉପରେ ପ୍ରବଳ ଆର୍ଥିକ ଚାପ ସୃଷ୍ଟି ହୋଇଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରଣାଳୟ ଅଧୀନସ୍ଥ ବ୍ୟୟ ବିଭାଗ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ୨୦୨୧ ଜୁଲାଇ ମାସ ପର୍ଯ୍ୟନ୍ତ ପ୍ରାୟ ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଏବଂ ୬୧ ଲକ୍ଷ ପେନ୍‌ସନଧାରୀଙ୍କ ମହଙ୍ଗାଭତ୍ତା(ଡିଏ) ଏବଂ ମହଙ୍ଗା ରିଲିଫ୍(ଡିଆର୍)ରେ କୌଣସି ବୃଦ୍ଧି ହେବ ନାହିଁ। ତେବେ ପରବର୍ତ୍ତୀ ସମୟରେ ପ୍ରଚଳିତ ହାରରେ କର୍ମଚାରୀମାନଙ୍କୁ ମହଙ୍ଗାଭତ୍ତା ପ୍ରଦାନ କରାଯିବ ବୋଲି ସଂପୃକ୍ତ ବିଭାଗ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ୨୦୨୦ ଜାନୁଆରୀ ୧ ତାରିଖରୁ କେନ୍ଦ୍ର କର୍ମଚାରୀଙ୍କ ପାଇଁ ଲାଗୁ କରାଯାଇଥିବା ମହଙ୍ଗାଭତ୍ତା ବୃଦ୍ଧି ଗତ ମାସରୁ କାର୍ଯ୍ୟକାରୀ କରାଯାଇଥିଲା। ଏହିକ୍ରମରେ କର୍ମଚାରୀମାନଙ୍କୁ ୪ ପ୍ରତିଶତ ଏବଂ ପେନସନ୍‌ଧାରୀଙ୍କୁ ୨୧% ହାରରେ ମହଙ୍ଗାଭତ୍ତା ମିଳିଥିଲା। ତେବେ ଏହାକୁ ଜୁଲାଇ ମାସ ପର୍ଯ୍ୟନ୍ତ ବନ୍ଦ କରାଯିବା ସହିତ ଗତ ଜାନୁଆରୀ ୧ ତାରିଖରୁ କର୍ମଚାରୀମାନଙ୍କ ଅତିରିକ୍ତ ମହଙ୍ଗାଭତ୍ତା ଏବଂ ପେନସନ୍‌ଧାରୀଙ୍କ ଅତିରିକ୍ତ ଡିଆର୍ କିସ୍ତି ପ୍ରଦାନରେ ରୋକ୍ ଲଗାଯିବ। ସେହି ରି ୨୦୨୦ ଜୁଲାଇ ୧ରୁ ୨୦୨୧ ଜାନୁଆରୀ ୧ ପର୍ଯ୍ୟନ୍ତ ଅତିରିକ୍ତ ମହଙ୍ଗାଭତ୍ତା ଏବଂ ଡିଆର୍ ମଧ୍ୟ ପ୍ରଦାନ କରାଯିବ ନାହିଁ ବୋଲି କୁହାଯାଇଛି। ଆସନ୍ତା ବର୍ଷ ଜୁଲାଇ ପର୍ଯ୍ୟନ୍ତ ବାକିଆ ଡିଏ ଓ ଡିଆର୍ ମଧ୍ୟ ଦିଆଯିବ ନାହିଁ।

# ଦକ୍ଷିଣ ଚୀନ୍ ସାଗରରେ ବେଜିଂର ଦାଦାଗିରି



**ୱାଶିଂଟନ୍ :** ଚଳିତ ମାସରେ ଦ୍ୱିତୀୟ ଥର ପାଇଁ ଆମେରିକାର ଯୁଦ୍ଧ ଜାହାଜ ତାଇୱାନ ଉପକୂଳ ଦେଇ ଯାଉଥିଲା ବେଳେ ଦକ୍ଷିଣ ଚୀନ୍ ସାଗରରେ ବେଜିଂରାଜ ଦେଖିବାକୁ ପାଇଥିଲା। ସାରା ଦୁନିଆ ଏବେ କରୋନା ସହ ଲଢୁଥିଲା ବେଳେ ବେଜିଂ ଦକ୍ଷିଣ ଚୀନ୍ ସାଗରକୁ ନେଇ ଦେଖିଥିବା ହୀନ ଉଦ୍ଦେଶ୍ୟ ପୂରଣ କରିବାକୁ ତତ୍ପର। ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହକର୍ମୀ ମାଇକ ପମ୍ପେଓଙ୍କ ମନ୍ତବ୍ୟରୁ ବେଜିଂର ହୀନ ଆଭିମୁଖ୍ୟ ଜଣାପଡ଼ିଛି। ଦକ୍ଷିଣ ଚୀନ୍ ସାଗର ଉପରେ ଭିଏତ୍‌ନାମ, ଦି ଫିଲିପାଇନ୍ସ, ତାଇୱାନ, ମାଲେସିଆ ଓ ବ୍ରୁନେଇର ଅଧିକାର ଥିଲାବେଳେ ଚୀନ୍ ସେମାନଙ୍କ ଉପରେ ପତିଆରା ଜମାଇବାକୁ ବସିଛି। କରୋନା ସଂକ୍ରମଣକୁ ନେଇ ଦକ୍ଷିଣ-ପୂର୍ବ ଏସିଆର ୧୦ ରାଷ୍ଟ୍ରକୁ ନେଇ ଗଠିତ ସାର୍କ ସଂଗଠନର ସବୁ ସଭ୍ୟମାନେ ଭିଡିଓ କନ୍‌ଫରେନ୍ସି ଜରିଆରେ ଆଲୋଚନା କରୁଥିଲା ବେଳେ ପମ୍ପେଓଙ୍କ ଚୀନ୍ ମନ୍ତବ୍ୟ ପ୍ରତି ଗୁରୁତ୍ୱାରୋପ କରିଥିଲେ। ଚଳିତ ମାସ ପ୍ରଥମ ସପ୍ତାହରେ ଦକ୍ଷିଣ ଚୀନ୍ ସାଗରରେ ଭିଏତ୍‌ନାମର ଗୋଟିଏ ମାଛଧରା ଜାହାଜ ଯାଉଥିବା ସମୟରେ ବେଜିଂ ତାକୁ ବୁଡ଼ାଇ ଦେଇଥିଲା। ଦକ୍ଷିଣ ଚୀନ୍ ସାଗରରେ ଗଚ୍ଛିତ ପ୍ରାକୃତିକ ବାଷ୍ପ ଓ ପେଟ୍ରୋଲିୟମକୁ ଏକୁଟିଆ ଚୀନ୍ ହାତେଇବାକୁ ବସିଛି। ଖାସ୍ ସେଇଥିପାଇଁ ଚୀନ୍ ଉକ୍ତ ସାଗରରେ ପ୍ରତିରକ୍ଷା ଶକ୍ତି ବୃଦ୍ଧି କରୁଛି। ତା'ର ପ୍ରମାଣ ସ୍ୱରୂପ ଚଳିତ ମାସ ପ୍ରଥମ ସପ୍ତାହରେ ବେଜିଂ ପାରାସେଲ୍ ଦ୍ୱୀପପୁଞ୍ଜ ଓ ସ୍ପ୍ରାଟ୍‌ଲୀ ଦ୍ୱୀପପୁଞ୍ଜ ଉପରେ ସାର୍ବଭୌମତ୍ୱ ଘୋଷଣା କରିଛି। ଗତ କିଛିଦିନ ମଧ୍ୟରେ ଭାରତ ପକ୍ଷରୁ ଦକ୍ଷିଣ ଚୀନ୍ ସାଗରରେ କୌଣସି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବାର ସୂଚନା ନାହିଁ। ତେବେ ଉକ୍ତ ସାଗରକୁ ନେଇ ନୂଆଦିଲ୍ଲୀ ଏକାଧିକ ପରିକଳ୍ପନା ପ୍ରସ୍ତୁତ କରିଛି। ସେଥିମଧ୍ୟରୁ ଗୋଟିଏ ହେଉଛି ମଲାକ୍କା ଷ୍ଟ୍ରେଟ୍ ନିକଟରେ ଭାରତର ବୃହତ୍ ବାଣିଜ୍ୟ ପ୍ରକଳ୍ପ। ଏହି ପ୍ରକଳ୍ପରେ ଭାରତର ୫୫% ଅଂଶୀଦାରସ୍ୱତ୍ତ୍ୱ ଅଛି। ଏହାଛଡ଼ା ଭିଏତ୍‌ନାମ ସହ ଭାରତର ଓଏନ୍‌ଜିସି ବୁଝାମଣା କରି ପେଟ୍ରୋଲିୟମ ଉତ୍ତୋଳନ ପ୍ରକଳ୍ପ କାମ ଆରମ୍ଭ କରିବାର ଅଛି। ଅବଶ୍ୟ ଚୀନ୍ କାରଣରୁ ଏହି ପ୍ରକଳ୍ପ କାର୍ଯ୍ୟ ଏବେସୁଦ୍ଧା ବୁଝାମଣାରେ ସୀମିତ ଅଛି। ଦକ୍ଷିଣ ଚୀନ୍ ସାଗରକୁ ଲାଗି ରହିଥିବା ଦେଶଗୁଡ଼ିକ ଏକଜୁଟ୍ ହୋଇ ଚୀନ୍‌କୁ ସାମ୍ନା କରିବା ପାଇଁ ଭାରତ ଏକାଧିକବାର ପରାମର୍ଶ ଦେଇଥିଲେ ମଧ୍ୟ ବିଭିନ୍ନ କାରଣରୁ ସେଭଳି ପଦକ୍ଷେପ ଗ୍ରହଣ କରାଯାଇନି। ଗତ ସପ୍ତାହରେ ଚୀନ୍ ତଟରକ୍ଷୀ ବାହିନୀର ଗୋଟିଏ ଯୁଦ୍ଧ ଜାହାଜ ଜାପାନ ଉପକୂଳ ପର୍ଯ୍ୟନ୍ତ ଯାଇ ପ୍ରାୟ ୯୦ ମିନିଟ୍ କାଳ ଅଟକି ରହିବା ପରେ ପ୍ରତ୍ୟାବର୍ତ୍ତନ କରିଥିଲା। ଜାପାନର ସେଙ୍କାକୁ ଦ୍ୱୀପପୁଞ୍ଜ ନିକଟକୁ ଲାଗି ରହିଥିବା ଏକ ପରିତ୍ୟକ୍ତ ଟାପୁ ଉପରେ ବେଜିଂ ସାର୍ବଭୌମତ୍ୱ ଜାହିର କରିଛି। ବେଜିଂର ଏପରି କାର୍ଯ୍ୟଧାରାକୁ ଜାପାନ ବୈଦେଶିକ ମନ୍ତ୍ରୀ ତୋଶିମିତ୍‌ସୁ ମାଟେଗୀ ପ୍ରତିବାଦ କରିଛନ୍ତି। ସେହିପରି ପଶ୍ଚିମ ଫିଲିପାଇନ୍ସ ସାଗରରେ ଚୀନ୍‌ର ଦାଦାଗିରିକୁ ପ୍ରତିବାଦ କରି ଫିଲିପାଇନ୍ସ ସରକାର ରାଜଧାନୀ ମାନିଲାସ୍ଥିତ ଚୀନ୍ ଦୂତାବାସକୁ ଚିଠି ଲେଖି ତୀବ୍ର ପ୍ରତିବାଦ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଦକ୍ଷିଣ ଚୀନ୍ ସାଗରକୁ ଲାଗି ରହିଥିବା ଦେଶଗୁଡ଼ିକ ସହ ବେଜିଂର ବିବାଦ କ୍ରମେ ଉଗ୍ର ହେବାର ସମ୍ଭାବନା ଅଛି।

# ଏବେବି ୟୁହାନ୍‌ବାସୀଙ୍କ ମନରେ ଭୟ

**ୟୁହାନ୍ :** ଦୀର୍ଘ ୭୬ ଦିନ ଧରି କରୋନାର ଅନ୍ତର୍ଭୂଶାଳ ରୂପେ ପରିଚିତ ୟୁହାନ୍ ଲକ୍‌ଡାଉନ୍‌ରେ ରହିବା ପରେ ବେଜିଂ ସରକାରଙ୍କ ଆଦେଶ ବଳରେ କଟକଣାମୁକ୍ତ ହେଲେ ମଧ୍ୟ ସହରଟି ଆତଙ୍କମୁକ୍ତ ହୋଇପାରିନି। ଚାରିଆଡ଼େ ଭୟ ଓ ଆତଙ୍କିତ ବାତାବରଣ ସ୍ପଷ୍ଟ ବାରି ହୋଇପଡୁଛି। ଲୋକଙ୍କ ମନରୁ କରୋନା ଭୟ ଦୂର ହୋଇନାହିଁ। ଲୋକମାନେ ଘରୁ ବାହାରିବାକୁ ଏବେ ମଧ୍ୟ ଭୟ କରୁଛନ୍ତି। କେବଳ ୟୁହାନ୍ ନୁହେଁ, ସମ୍ପୂର୍ଣ୍ଣ ହୁବେଇ ପ୍ରଦେଶରେ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ସହରର ବାଣିଜ୍ୟ ପ୍ରତିଷ୍ଠାନ ମଧ୍ୟରୁ ଅଧିକାଂଶ ଖୋଲୁନାହିଁ। ଉଭୟ ବ୍ୟବସାୟୀ ଓ ଗରାଖଙ୍କ ମନରେ ସରସତା ନାହିଁ। କରୋନାର ଦ୍ୱିତୀୟ ସଂକ୍ରମଣ ଆଶଙ୍କା ସମସ୍ତଙ୍କୁ ଆଚ୍ଛନ୍ନ କରିଛି। କରୋନା ଭୂତାଣୁର ପ୍ରଥମ ପର୍ଯ୍ୟାୟ ସଂକ୍ରମଣ ସମୟରେ ୟୁହାନ୍‌ବାସୀଙ୍କୁ ଜାନୁଆରୀ ୨୩ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ଲକ୍‌ଡାଉନ୍‌ରେ ରହିବାକୁ ବାଧ କରାଯାଇଥିଲା। ସଂକ୍ରମଣ ରୋକିବା ପାଇଁ ବେଜିଂ ସରକାର ଏପରି ପଦକ୍ଷେପ ଗ୍ରହଣ କରିଥିଲେ। ବର୍ତ୍ତମାନ ସାରା ବିଶ୍ୱରେ ପ୍ରାୟ ଅଢ଼େଇ କୋଟି ଲୋକଙ୍କୁ କରୋନା ଆକ୍ରାନ୍ତ କରିଥିଲା ବେଳେ ୟୁହାନ୍ ସ୍ଥିତିରେ ସୁଧାର ଆସିଛି। ଗତ କିଛି ସପ୍ତାହ ଧରି ୟୁହାନ୍ ସଡ଼କରେ ପୁଲିସର ବ୍ୟାରିକେଡ୍ ଦେଖିବାକୁ ମିଳୁନି। ତଥାପି ସଡ଼କରେ ଲୋକଙ୍କ ଭିଡ଼ ଜମୁନାହିଁ। ପାର୍କ, ସିନେମା ଘର, ରେଷ୍ଟୁରାଣ୍ଟ ଭଳି ସାଧାରଣ ସ୍ଥାନରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁନି। ୟୁହାନ୍ ଚିଡିଆଖାନା ଖୋଲିଥିଲେ ମଧ୍ୟ ଲୋକଙ୍କ ସମାଗମ ନାହିଁ। କେତେକଙ୍କ ମତରେ ଏବେମଧ୍ୟ ୟୁହାନ୍‌ରେ ସରକାରଙ୍କ କଟକଣା ବ୍ୟବସ୍ଥା ଏକପ୍ରକାର ବଳବତ୍ତର ରହିଛି। ଲୋକଙ୍କୁ ଅନ୍ୟୂନ ୫ ଫୁଟ୍‌ର ସାମାଜିକ ଦୂରତା ରକ୍ଷା କରିବା ପାଇଁ ବେଜିଂ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେଣୁ ସାଧାରଣ ସ୍ଥାନରେ ଲୋକଙ୍କ ଭିଡ଼ ନଜମିବା ସ୍ୱାଭାବିକ। ଚୀନ୍‌ର ଜଣେ ବ୍ୟବସାୟୀଙ୍କ ମତରେ ସେ ଏପ୍ରିଲ ପ୍ରଥମ ସପ୍ତାହରୁ ଦୋକାନ ଖୋଲିଥିଲେ ମଧ୍ୟ ଗରାଖଙ୍କ ଚଳପ୍ରଚଳ ସନ୍ତୋଷଜନକ ହେଉନାହିଁ। ବ୍ୟବସାୟ ଆଗଭଳି ପୂରାଦମ୍‌ରେ ଚାଲିବ କି ନା', ତାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି।

### ସ୍ୱାସ୍ଥ୍ୟକର୍ମୀଙ୍କ ଆକ୍ରମଣକାରୀଙ୍କୁ ଦଣ୍ଡ ପ୍ରସଙ୍ଗ

# ଅଧ୍ୟାଦେଶକୁ ରାଷ୍ଟ୍ରପତିଙ୍କ ଅନୁମୋଦନ

**ନୂଆଦିଲ୍ଲୀ :** କରୋନା ସଂକ୍ରମିତଙ୍କ ଚିକିତ୍ସାରେ ନିୟୋଜିତ ଡାକ୍ତର ନର୍ସ ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ହେଉଥିବା ଆକ୍ରମଣକୁ ରୋକିବା ଲାଗି କେନ୍ଦ୍ର ସରକାର ମହାମାରୀ ରୋଗ ଆଇନ, ୧୮୯୭ରେ ସଂଶୋଧନ ଆଣିବା ନିମନ୍ତେ ଅଧ୍ୟାଦେଶକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅନୁମୋଦନ କରିଛନ୍ତି। ଗତ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ଅଧ୍ୟାଦେଶକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଏଣିକି ଏଭଳି ଘଟଣାରେ ଆକ୍ରମଣକାରୀଙ୍କୁ ୬ ମାସରୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ହେବ। ଏଥିସହିତ ୧ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରାଯିବ ବୋଲି ଏହି ଅଧ୍ୟାଦେଶରେ ବ୍ୟବସ୍ଥା ରହିଛି। କ୍ୟାବିନେଟ୍ ବୈଠକ ପରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡ଼େକର କହିଥିଲେ ଡାକ୍ତର, ନର୍ସ, ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଯେଉଁମାନେ ଆକ୍ରମଣ କରିବେ କିମ୍ବା ସେମାନଙ୍କ ପ୍ରତି ଭେଦଭାବ ଆଚରଣ ପ୍ରଦର୍ଶନ କରିବେ ସେମାନଙ୍କୁ ୩ ମାସରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବା ସହ ୫୦ ହଜାରରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼ିବ। ଯଦି ଘଟଣା ଗୁରୁତର ହୁଏ ତେବେ ଜେଲ୍‌ଦଣ୍ଡ ୬ ମାସରୁ ୭ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ସହିତ ୧ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼ିବ। ଏ ପ୍ରକାର ଅପରାଧକୁ ଏବେ ଜାମିନ ବିହୀନ ଧର୍ତ୍ତବ୍ୟ ଅପରାଧ ଭାବେ ବିବେଚନା କରାଯିବ। ୩୦ ଦିନ ମଧ୍ୟରେ ଏ ସମ୍ପର୍କିତ ମାମଲାର ଅନୁସନ୍ଧାନ କରାଯିବ। ଏହାଛଡ଼ା ହସ୍ପିଟାଲ ଓ କ୍ଲିନିକ୍ ଭଙ୍ଗାରୁଜା ଘଟଣାରେ ଆକ୍ରମଣକାରୀଙ୍କ ଠାରୁ କ୍ଷୟକ୍ଷତି ବାବଦରେ ବଜାରମୂଲ୍ୟର ୨ ଗୁଣ ଅର୍ଥ ଆଦାୟ କରାଯିବ।

# ମୁକେଶ ପୁଣି ଏସିଆର ସବୁଠୁ ଧନୀ



**ନୂଆଦିଲ୍ଲୀ :** ସର୍ବବୃହତ୍ ସୋସିଆଲ୍ ମିଡିଆ କମ୍ପାନୀ ଫେସ୍‌ବୁକ୍ ସହିତ ଟେକ୍ କ୍ଷେତ୍ରର ସବୁଠୁ ବଡ଼ ଡିଲ୍ କରିବା ମାତ୍ରକେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ପ୍ରମୁଖ ମୁକେଶ ଅମ୍ବାନୀ ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ଚାଇନିଜ୍ ଇ-ବାଣିଜ୍ୟ କମ୍ପାନୀ ଆଲିବାବାର ସଂସ୍ଥାପକ ଜ୍ୟାକ୍ ମା'ଙ୍କୁ ପଛରେ ପକାଇ ମୁକେଶ ବର୍ତ୍ତମାନ ଏସିଆର ସବୁଠୁ ବଡ଼ ଧନୀ ବ୍ୟକ୍ତି ରୂପେ ଖ୍ୟାତି ଅର୍ଜନ କରିଛନ୍ତି। ଫେସ୍‌ବୁକ୍ ଜିଓରେ ପ୍ରାୟ ୧୦ ପ୍ରତିଶତ ଭାଗୀଦାରୀ କ୍ରୟ କରିଛି। ଯାହା ଭାରତରେ ଟେକ୍ନୋଲୋଜି କ୍ଷେତ୍ରରେ ବର୍ତ୍ତମାନ ପର୍ଯ୍ୟନ୍ତର ସବୁଠୁ ବଡ଼ ଡିଲ୍। ଏହି ଡିଲ୍ ପରେ ଜ୍ୟାକ୍ ମା' ଏସିଆ ମହାଦେଶର ଧନୀ ତାଲିକାରେ ଅମ୍ବାନୀଙ୍କ ଠାରୁ ପଛୁଆ ଅଛନ୍ତି। ଏହି ଡିଲ୍ ପରେ ଅମ୍ବାନୀଙ୍କ ସମ୍ପତ୍ତିରେ ପ୍ରାୟ ୪୦୦ କୋଟି ଡଲାର ବୃଦ୍ଧି ପରିଲକ୍ଷିତ ହୋଇଛି ଏବଂ ଏହି ବୃଦ୍ଧି ପରେ ତାଙ୍କର ମୋଟ ସମ୍ପତ୍ତି ୪୯୦୦ କୋଟି ଡଲାର ଆଖପାଖରେ ପହଞ୍ଚିଛି। ବ୍ଲୁମ୍‌ବର୍ଗ ରିପୋର୍ଟ ମୁତାବକ, ଏପ୍ରିଲ୍ ୨୧ ପର୍ଯ୍ୟନ୍ତ ମୁକେଶଙ୍କ ସମ୍ପତ୍ତି ୧୪୦୦ କୋଟି ଡଲାର ପର୍ଯ୍ୟନ୍ତ ହ୍ରାସ ପାଇଥିଲାବେଳେ ଜ୍ୟାକ୍ ମା'ଙ୍କ ସମ୍ପତ୍ତିରେ ୧୦୦ କୋଟି ଡଲାର ହ୍ରାସ ଘଟିଥିଲା। ମାତ୍ର ଫେସ୍‌ବୁକ୍‌ର ସହସଂସ୍ଥାପକ ମାର୍କ ଜୁକେର୍‌ବର୍ଗ ଧନୀ ତାଲିକାରେ ମୁକେଶ ଅମ୍ବାନୀଙ୍କ ଠାରୁ ଆଗରେ ରହିଛନ୍ତି। ତାଙ୍କ ମୋଟ ସମ୍ପତ୍ତି ୬୩୩୦ କୋଟି ଡଲାର ରହିଥିବାବେଳେ ବର୍ତ୍ତମାନ ସମୟରେ ସେ ବିଶ୍ୱର ସବୁଠୁ ବଡ଼ ଧନୀ ତାଲିକାର ଷଷ୍ଠ ସ୍ଥାନରେ ଅଛନ୍ତି। ସେହି ରି ୪୯୪୦ କୋଟି ଡଲାରର ସମ୍ପତ୍ତି ସହିତ ମୁକେଶ ଅମ୍ବାନୀ ଏହି ତାଲିକାର ୧୬ତମ ସ୍ଥାନରେ ଅଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଆମେରିକାର ଫେସ୍‌ବୁକ୍ ଇନ୍‌କର୍ପୋରେସନ୍ ସହିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅନ୍ତର୍ଭୁକ୍ତ ଜିଓ ଇନ୍‌ଫୋକମ୍‌ର ବ୍ୟବସାୟିକ ଚୁକ୍ତି ହୋଇଥିବା ବେଳେ ଫେସ୍‌ବୁକ୍ ଏହି କମ୍ପାନୀରେ ପ୍ରାୟ ୪୩ ହଜାର କୋଟି ଟଙ୍କା ବିନିଯୋଗ କରିବ ବୋଲି ଘୋଷଣା କରିଥିଲା। ଭାରତରେ କୌଣସି ଅଣ ବୃହତ କ୍ଷେତ୍ରରେ ଏଭଳି ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ(ଏଫ୍‌ଡିଆଇ) ସର୍ବାଧିକ ରହିଥିବା ବେଳେ ଏହି ପରିମାଣର ଅର୍ଥ ବିନିଯୋଗ ଦ୍ୱାରା ଜିଓ ପ୍ଲାଟଫର୍ମ ମୂଲ୍ୟ ୪.୬୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି କୁହାଯାଇଥିଲା। ଉଭୟ କମ୍ପାନୀର ଏହି ମିଳିତ ଉଦ୍ୟମ ଆଗାମୀ ଦିନରେ ଭାରତକୁ ବିଶ୍ୱର ଏକ ପ୍ରମୁଖ ଡିଜିଟାଲ୍ ସୋସାଇଟି ଭାବେ ପ୍ରତିଷ୍ଠା କରିବାକୁ ସୁଯୋଗ ଦେବ ବୋଲି ଫେସ୍‌ବୁକ୍ ମୁଖ୍ୟ ମାର୍କ ଜୁକରବର୍ଗ କହିଥିବା ବେଳେ ଭାରତର ଟେଲିକମ୍ କ୍ଷେତ୍ର ପାଇଁ ଏହା ଏକ ବଡ଼ ସୁଯୋଗ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଥିଲା। କେବଳ ସେତିକି ନୁହେଁ, ଏହାକୁ ନେଇ ଗତକାଲି ଷ୍ଟକ୍ ବଜାର ମଧ୍ୟ ଉତ୍ସାହିତ ରହିଥିଲା। ଫେସ୍‌ବୁକ୍ ଜିଓ ପ୍ଲାଟ୍‌ଫର୍ମରେ ପ୍ରାୟ ୧୦ ପ୍ରତିଶତ ଅଂଶଧନ ଗ୍ରହଣ କରୁଥିବାରୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଶେୟାର ମୂଲ୍ୟରେ ଅଚାନକ ଭାବେ ୧୦ ପ୍ରତିଶତ ବୃଦ୍ଧି ଘଟିଥିଲା। ଫଳରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସମେତ ଅନ୍ୟ କେତେକ ପ୍ରମୁଖ କମ୍ପାନୀଙ୍କ କାରବାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିବା ସହିତ ବଜାର ପୁଞ୍ଜି ସ୍ଥିତିରେ ମଧ୍ୟ ବୃଦ୍ଧି ପରିଲକ୍ଷିତ ହୋଇଥିଲା।

# କରୋନା ଆକ୍ରାନ୍ତଙ୍କୁ ଭାରତ ପଠାଉଛି ପାକିସ୍ତାନ

**ନୂଆଦିଲ୍ଲୀ :** ଏପର୍ଯ୍ୟନ୍ତ ପାକିସ୍ତାନ ଭାରତକୁ ଆତଙ୍କବାଦୀଙ୍କୁ ପଠାଇଚାଲିଥିଲା। ଏବେ କରୋନା ମହାମାରୀ ପରିପ୍ରେକ୍ଷୀରେ ପାକିସ୍ତାନ ଜମ୍ମୁ କଶ୍ମୀର ସୀମା ଦେଇ କରୋନା ରୋଗୀଙ୍କୁ ପଠାଇବାକୁ ଉଦ୍ୟମ କରୁଛି ବୋଲି ଏହି କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ମହାନିର୍ଦ୍ଦେଶକ ଦିଲବାଗ ସିଂହ ବୁଧବାର କହିଛନ୍ତି। ଏହି ଘଟଣାରେ ଉଦବେଗ ପ୍ରକାଶ କରି ସେ କହିଛନ୍ତି, ଭାରତରେ ଯେପରି କରୋନା ସଂକ୍ରମଣ ବ୍ୟାପିବ ସେଥିପାଇଁ ପାକିସ୍ତାନ ହୀନ ଉଦ୍ୟମ ଚଳାଇଛି। ଏଥିପାଇଁ ଆମକୁ ବିହୀତ ପଦକ୍ଷେପ ନେବାକୁ ପଡ଼ିବ। ସେ ଆହୁରି କହିଛନ୍ତି, ସାରା ବିଶ୍ୱ ଏବେ ଏହି ମହାମାରୀକୁ ରୋକିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛି। କିନ୍ତୁ ପାକିସ୍ତାନ ତା'ର ଭାରତ ବିରୋଧୀ କାର୍ଯ୍ୟକଳାପ ଜାରି ରଖିଛି। ଗୋଟିଏ ପଟେ ଜମ୍ମୁ କଶ୍ମୀର ସୀମାରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ ପାଇଁ ସାହାଯ୍ୟ ସହଯୋଗ କରୁଥିବାବେଳେ ଅନ୍ୟପଟେ ଭାରତରେ କିଭଳି କରୋନା ସଂକ୍ରମଣ ମହାମାରୀ ରୂପ ନେବ ସେଥିପାଇଁ ମଧ୍ୟ ଚାଲ୍ ଚଳାଇଛି। ପାକିସ୍ତାନ ନିଜେ ମଧ୍ୟ କରୋନା ବିରୋଧରେ ସଂଗ୍ରାମ କରୁଛି। ଗତ ୨୪ ଘଣ୍ଟା ମଧ୍ୟରେ ପାକିସ୍ତାନରେ କରୋନାରେ ୧୭ ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଦେଶରେ ୨୦୯ ଜଣ ମୃତ୍ୟୁ ଘଟିଲାଣି। କେବଳ ସେତିକି ନୁହେଁ ପାକିସ୍ତାନରେ ଏପର୍ଯ୍ୟନ୍ତ କରୋନାରେ ପ୍ରାୟ ୧୦ହଜାର ଲୋକ ସଂକ୍ରମିତ ହେଲେଣି। ପାକିସ୍ତାନର ପଞ୍ଜାବ ପ୍ରଦେଶରେ ସର୍ବାଧିକ ୪୩୨୮ ଜଣ ସଂକ୍ରମିତ ହୋଇଥିବାବେଳେ ସିନ୍ଧରେ ୩୦୫୩, ଖାଇବର-ପାଖ୍‌ତୁନ୍‌ଖ୍ୱା'ରେ ୧୩୪୫, ବେଲୁଚିସ୍ତାନରେ ୪୯୫, ଗିଲ୍‌ଗିଟ-ବଲ୍ଟିସ୍ତାନରେ ୨୮୪, ଇସଲାମାବାଦରେ ୧୯୪ ଏବଂ ପିଓକେରେ ୫୧ ଜଣ କରୋନା ସଂକ୍ରମିତ ହୋଇଛନ୍ତି। ଇତିମଧ୍ୟରେ କରୋନାରେ ସଂକ୍ରମିତ ହୋଇଥିବା ଜଣେ ବିଶିଷ୍ଟ ସମାଜସେବୀଙ୍କ ସହିତ ପାକିସ୍ତାନର ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ସାକ୍ଷାତ କରିଥିବାରୁ ବୁଧବାର ତାଙ୍କର ଟେଷ୍ଟ କରାଯିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ପାକିସ୍ତାନ କରୋନାରୁ ବର୍ତ୍ତିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ଇତିଣଧରେ ଭିତିରିଆ ଭାବେ ୧୮୦୦ ଆତଙ୍କବାଦୀଙ୍କୁ ୱାଚ୍‌ଲିଷ୍ଟରୁ ବାଦ୍ ଦେଇଛି। ଏମାନଙ୍କ ମଧ୍ୟରେ ରହିଛି ୨୦୦୮ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଜାକିଉର୍ ରହମାନ୍ ଲକ୍‌ଭି।

# '୧ ପ୍ରତିଶତ ତଳକୁ ଖସିବ ଜିଡିପି'




**ନୂଆଦିଲ୍ଲୀ :** କରୋନା ପ୍ରଭାବରେ ଅର୍ଥନୀତି ବ୍ୟବସ୍ଥାର ଅନେକ ଦିଗ ଦୋହଲି ଯାଇଥିବା ବେଳେ ୨୦୨୦-୨୧ ଆର୍ଥିକ ବର୍ଷର ଫଳାଫଳ ନେଇ ଏବେ ବିଭିନ୍ନ ମହଲରେ ଚିନ୍ତା ପ୍ରକଟ କରାଯାଇଛି। କରୋନା ପ୍ରଭାବିତ ପୂର୍ବ ସ୍ଥିତିକୁ ଅନୁଧ୍ୟାନ କଲେ ଏହି ବର୍ଷରେ ଗତ ଆର୍ଥିକ ବର୍ଷ ତୁଳନାରେ ଅଧିକ ହାରରେ ଅଭିବୃଦ୍ଧି ହାସଲ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲା। କିନ୍ତୁ ଚଳିତ ଆର୍ଥିକ ବର୍ଷ ପ୍ରାରମ୍ଭରୁ ହିଁ ସବୁକିଛି ଓଲଟପାଲଟ ହୋଇଯାଇଛି। ଏହାକୁ ନେଇ ଦେଶର ମୋଟ ଘରୋଇ ଉତ୍ପାଦନ(ଜିଡିପି) ହାର ଯଥେଷ୍ଟ ମାତ୍ରାରେ ପ୍ରଭାବିତ ହେବ ବୋଲି ବିଭିନ୍ନ ସଂଗଠନ ଏବଂ ଏଜେନ୍ସି ପକ୍ଷରୁ ଆକଳନ କରାଯାଇଥିବା ବେଳେ ଭାରତୀୟ ଶିଳ୍ପ ମହାସଂଘ ପକ୍ଷରୁ ଏ ସମ୍ପର୍କିତ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ ୨୦୨୦-୨୧ ବର୍ଷରେ ଦେଶର ଜିଡିପି ୧ ପ୍ରତିଶତରୁ କମ୍ ରହିବା ସହିତ ଏହା ପ୍ରାୟ ୦.୯ ପ୍ରତିଶତ ରହିବା ସହିତ ଅଭିବୃଦ୍ଧି ହାର ୧.୫ ପ୍ରତିଶତକୁ ଖସି ଆସିବ ବୋଲି କୁହାଯାଇଛି। ବର୍ତ୍ତମାନ ସାରା ଦେଶରେ ଲକ୍‌ଡାଉନ୍ ଜାରି କରାଯାଇଥିବା ବେଳେ ସାଧାରଣ ଜନଜୀବନ ଏକ ପ୍ରକାର ଠପ୍ ହୋଇଯିବା ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିବନ୍ଧକ ଲଗାଯାଇଛି। ଫଳରେ ବିଭିନ୍ନ କ୍ଷେତ୍ରରେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ସହିତ ଉପଯୋଗ, ପୁଞ୍ଜି ନିବେଶ, ଚାହିଦା ଏବଂ ଆୟ ଦିଗ ପ୍ରଭାବିତ ହୋଇଛି। ଏହାକୁ ନେଇ ସାଧାରଣ ଅର୍ଥନୀତି ବ୍ୟବସ୍ଥା ମଧ୍ୟ ଯଥେଷ୍ଟ ମାତ୍ରାରେ ବାଧାପ୍ରାପ୍ତ ହୋଇଥିବାରୁ ବାର୍ଷିକ ହାରରେ ସାମଗ୍ରିକ ଘରୋଇ ଉତ୍ପାଦନ(ମୌଳିକ ଆଧାରରେ) ମାତ୍ର ୦.୬ ପ୍ରତିଶତ ରହିବ ବୋଲି ସିଆଇଆଇ ପକ୍ଷରୁ ଆକଳନ କରାଯାଇଛି। ତେଣୁ ଅର୍ଥନୀତି ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ତୁରନ୍ତ ବିକଳ୍ପ ପନ୍ଥା ଗ୍ରହଣ କରାଯିବା ସହିତ ସରକାର ଏଥିନେଇ ହସ୍ତକ୍ଷେପ କରିବା ଆବଶ୍ୟକ। ସାଧାରଣ ଲୋକଙ୍କ ପାଇଁ ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧.୭ ଲକ୍ଷ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ଘୋଷଣା କରାଯାଇଥିଲେ ହେଁ ଜନଧନ ଆକାଉଣ୍ଟକୁ ଆହୁରି ୨ ଲକ୍ଷ କୋଟି ଟଙ୍କା କେନ୍ଦ୍ର ସରକାର ଯୋଗାଇ ଦେବା ଉଚିତ୍ ବୋଲି ସିଆଇଆଇ ପକ୍ଷରୁ କୁହାଯାଇଛି। ଏହାବ୍ୟତୀତ ବ୍ୟାଙ୍କମାନଙ୍କ ପାଇଁ ଅତିରିକ୍ତ ପୁଞ୍ଜି ବ୍ୟବସ୍ଥା ସହିତ ଏପ୍ରିଲ ରୁ ଜୁନ୍ ମାସ ପର୍ଯ୍ୟନ୍ତ ଦରମା ବିଲ୍‌କୁ ନିଶ୍ଚିତ କରାଯିବା ଆବଶ୍ୟକ ବୋଲି କୁହାଯାଇଛି। ଏଥିସହିତ ଏନ୍‌ସିଡି/କର୍ପୋରେଟ୍ ବଣ୍ଡ ମାଧ୍ୟମରେ ୧.୫ ଲକ୍ଷ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପାଣ୍ଠି ଗଠନ କରିବାକୁ ମଧ୍ୟ ସିଆଇଆଇ ପକ୍ଷରୁ ସରକାରଙ୍କ ପରାମର୍ଶ ଦିଆଯାଇଛି। କରୋନା ସଂକ୍ରମଣ ପ୍ରଭାବକୁ ନେଇ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ସର୍ବାଧିକ ପ୍ରଭାବିତ ହୋଇଥିଲା ବେଳେ ଏହି କ୍ଷେତ୍ରକୁ ଦିଆଯାଇଥିବା ଋଣର ୭୫ ରୁ ୮୦ ପ୍ରତିଶତ ପରିଶୋଧଜନିତ ଗ୍ୱାରେଣ୍ଟି ରିଜର୍ଭ ବ୍ୟାଙ୍କ ବହନ କରିବା ଉଚିତ୍ ବୋଲି ସିଆଇଆଇ କହିଛି।

### ନବୀନଙ୍କ ନିକଟରେ ସରପଞ୍ଚଙ୍କ ଶପଥ

# ଗାଁରେ ପୂରେଇ ଦେବୁନି କରୋନା



**ଭୁବନେଶ୍ୱର :** ରାଜ୍ୟରେ କରୋନାର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୬୭୯୮ ପଞ୍ଚାୟତର ସରପଞ୍ଚ ମାନଙ୍କୁ ଦାୟିତ୍ୱର ଶପଥ ପାଠ କରାଇଛନ୍ତି। ଅନ୍ୟ ରାଜ୍ୟରୁ ଗାଁକୁ ଆସୁଥିବା ଲୋକଙ୍କୁ କ୍ୱାରେଣ୍ଟାଇନରେ ରଖିବା ଏବଂ ସେମାନଙ୍କର ରହିବା, ଖାଇବା, ଚିକିତ୍ସାର ଉଚିତ ବ୍ୟବସ୍ଥା କରିବା ସହିତ ଗାଁରେ କରୋନାକୁ ପଶିବାକୁ ଦେବେ ନାହିଁ ବୋଲି ମଧ୍ୟ ସେମାନେ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ନବୀନ ନିବାସରୁ ପଞ୍ଚାୟତିରାଜ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଲୋକସେବା ଭବନରୁ ଏବଂ ସରପଞ୍ଚମାନେ ବ୍ଲକ ସ୍ତରରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଯୋଡି ହୋଇଥିଲେ। ସୂଚନାଯୋଗ୍ୟ ଯେ, ନିକଟରେ ରାଜ୍ୟରେ କରୋନା ସଂକ୍ରମଣ ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ସରପଞ୍ଚ ମାନଙ୍କୁ ଜିଲ୍ଲାପାଳ କ୍ଷମତା ଦେଇଛନ୍ତି। ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରପଞ୍ଚ ମାନଙ୍କ ଦକ୍ଷତା ଉପରେ ତାଙ୍କର ପୁରା ଭରସା ରହିଛି। ସେମାନେ ଯଦି କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପଦକ୍ଷେପକୁ କଡାକଡି ଭାବେ ଅନୁପାଳନ କରିବେ, ତେବେ ଗାଁରେ କରୋନା ପଶିପାରିବ ନାହିଁ। ସରପଞ୍ଚମାନଙ୍କୁ ଭଲ କାମ ଜାରି ରଖିବାକୁ ପରାମର୍ଶ ଦେଇ ପୁରା ସରକାର ଓ ସରକାରୀ କଳ ସେମାନଙ୍କ ସହିତ ଏଥିପାଇଁ ସବୁବେଳେ ରହିଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବ୍ଲକରେ ଥିବା ସରପଞ୍ଚ ମାନଙ୍କ ସହିତ ଆଲୋଚନା କରିଥିଲେ। କୋରାପୁଟ ସଦର ବ୍ଲକ, କେନ୍ଦ୍ରାପଡା ସଦର ବ୍ଲକ, ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ, ସମ୍ବଲପୁରର ଧାନକଉଡା ବ୍ଲକ, ବରଗଡର ବର୍ଦ୍ଦୋଲ ଏବଂ ଭଦ୍ରକର ବାସୁଦେବପୁର ବ୍ଲକର ବିଭିନ୍ନ ସରପଞ୍ଚମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ସରପଞ୍ଚମାନେ ସେମାନଙ୍କ ପଞ୍ଚାୟତରେ କିଭଳି ପ୍ରସ୍ତୁତି ଜାରି ରହିଛି, କ୍ୱାରେଣ୍ଟାଇନ ସେଣ୍ଟରରେ କିଭଳି ବ୍ୟବସ୍ଥା କରାଯାଇଛି ତଥା ଏ ସମ୍ପର୍କିତ ଅନ୍ୟାନ୍ୟ ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା କହିଥିଲେ ଯେ, ରାଜ୍ୟରେ କରୋନାର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ବାସ୍ତବ ପଦକ୍ଷେପକୁ ସବୁସ୍ତରରୁ ପ୍ରଶଂସା ମିଳୁଛି। ଏଥିପାଇଁ ଓଡ଼ିଶାବାସୀ ଗର୍ବିତ। ସରପଞ୍ଚମାନଙ୍କ ଉପରେ ଆସ୍ଥାପ୍ରକଟ କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଯେପରି ଜିଲ୍ଲାପାଳ କ୍ଷମତା ପ୍ରଦାନ କରିଛନ୍ତି, ତାହା ମଧ୍ୟ ଏକ ଉଲ୍ଲେଖନୀୟ ପଦକ୍ଷେପ। ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ଯୋଗୁ ବର୍ତ୍ତମାନ ଗ୍ରାମାଞ୍ଚଳରେ ସରପଞ୍ଚମାନେ ହିଁ ଆଗଧାଡିର କୋଭିଡ ଯୋଦ୍ଧା ଭାବରେ କାର୍ଯ୍ୟ କରିବେ। ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ପଦକ୍ଷେପ ଯୋଗୁଁ ଆମେ କରୋନା ମୁକାବିଲାରେ ଏପର୍ଯ୍ୟନ୍ତ ଆଗୁଆ ରହିଛୁ। ପଞ୍ଚାୟତ ଉପରେ ସରକାରଙ୍କର ଭରସା ରହିଛି ଏବଂ ସେମାନେ ସରକାରଙ୍କ ଭରସାକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବେ ବୋଲି ଶ୍ରୀ ତ୍ରିପାଠୀ ଆଶାପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ ସରପଞ୍ଚ ମାନଙ୍କ ସହିତ ଆଲୋଚନା କରି ଗ୍ରାମାଞ୍ଚଳରେ କରୋନା ସଂକ୍ରମଣକୁ ରୋକିବା ପାଇଁ କେତେକ ସୁଚିନ୍ତିତ ତଥା ବାସ୍ତବବାଦୀ ପରାମର୍ଶ ଦେଇଥିଲେ। ପୂର୍ବରୁ ପଞ୍ଚାୟତିରାଜ ପ୍ରମୁଖ ସଚିବ ଡିକେ ସିଂହ ରାଜ୍ୟ ବାହାରୁ ଆସୁଥିବା ଓଡ଼ିଆ ମାନଙ୍କୁ କ୍ୱାରେଣ୍ଟାଇନ ପାଇଁ କିଭଳି ବ୍ୟବସ୍ଥା କରିବାକୁ ପଡିବ ସେ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଆଗାମୀ ଦିନରେ ଓଡ଼ିଶା ବାହାରୁ ପ୍ରାୟ ୫ଲକ୍ଷ ଓଡ଼ିଆ ନିଜ ନିଜ ଗାଁକୁ ଆସିବାର ସମ୍ଭାବନା ରହିଛି ବୋଲି ସେ କହିଥିଲେ। ପ୍ରତ୍ୟେକ ସରପଞ୍ଚ ନିଜ ପଞ୍ଚାୟତକୁ ଆସିବାକୁ ଥିବା ଲୋକମାନଙ୍କ ସମ୍ଭାବନାକୁ ଦୃଷ୍ଟିରେ ରଖି କ୍ୱାରେଣ୍ଟାଇନର ବ୍ୟବସ୍ଥା କରିବାକୁ ପଡିବ ବୋଲି ସେ କହିଥିଲେ। ଏଥିପାଇଁ ରାଜ୍ୟ ସରକାର ଏପ୍ରିଲ ୨୪ ତାରିଖ ଦିନ ଏକ ପୋର୍ଟାଲ ଖୋଲିବେ ଏବଂ ସମସ୍ତ ଆସୁଥିବା ଲୋକଙ୍କ ଆତ୍ମୀୟ ଓ ପରିବାର ଯେପରି ନିଶ୍ଚିତ ଭାବରେ ଏହି ପୋର୍ଟାଲରେ ପଞ୍ଜିକରଣ କରିବେ, ତାହା ସୁନିଶ୍ଚିତ କରିବା ହେଉଛି ସରପଞ୍ଚ ମାନଙ୍କ ଦାୟିତ୍ୱ। ସବୁ ପଞ୍ଚାୟତ ପାଇଁ ଜଣେ ଜଣେ ନୋଡାଲ ଅଫିସର ରହିବା ସହିତ ବିଡିଓମାନେ ପ୍ରତ୍ୟେକ ପଞ୍ଚାୟତରେ ତଦାରଖ ପାଇଁ ଏକ ୫ ଜଣିଆ ଟିମ୍ ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ସୂଚନାଥାଉ କି, କ୍ୱାରେଣ୍ଟାଇନରେ ରହୁଥିବା ଲୋକମାନଙ୍କ ରହିବା, ଖାଇବା ଓ ଚିକିତ୍ସା ଖର୍ଚ୍ଚ ମାଗଣାରେ ଯୋଗାଇ ଦିଆଯିବା ସହିତ କ୍ୱାରେଣ୍ଟାଇନ ସରିବା ପରେ ପ୍ରୋତ୍ସାହନ ରାଶି ଆକାରରେ ୨ ହଜାର ଟଙ୍କା ଲେଖାଏ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ।

### +୨ ପାଇଁ ଲାଗୁହେବ ନୂଆ ନିୟମ

## ନୂଆ ଶିକ୍ଷାବର୍ଷରୁ ଶତପ୍ରତିଶତ ଉପସ୍ଥାନ ନଥିଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର :** ଚଳିତବର୍ଷ ରାଜ୍ୟରେ +୨ ପାଇଁ କେତେକ ନୂଆ ନିୟମ ଲାଗୁ କରାଯିବ। ନୂଆ ନିୟମ ଅନୁଯାୟୀ ଯଦି ଶ୍ରେଣୀ କକ୍ଷରେ ଛାତ୍ରଛାତ୍ରୀଙ୍କର ଉପସ୍ଥାନ ଶତପ୍ରତିଶତ ନରହେ ତେବେ ସମ୍ପୃକ୍ତ ଜୁନିୟର କଲେଜର ଅଧକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଗତ ୫ବର୍ଷ ହେବ ରାଜ୍ୟରେ +୨ ଶେଷବର୍ଷ ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀଙ୍କ ଫର୍ମପୂରଣ ସମୟରେ ସରକାରୀ କଲେଜଗୁଡ଼ିକର ପ୍ରାୟ ୪୫% ଛାତ୍ରଛାତ୍ରୀଙ୍କ ଉପସ୍ଥାନ ୩୫% ତଳକୁ ଥିବାବେଳେ ଅନୁଦାନପ୍ରାପ୍ତ କଲେଜରେ ୭୦%ରୁ ଅଧିକ ଛାତ୍ରଛାତ୍ରୀଙ୍କ ଶ୍ରେଣୀରେ ଉପସ୍ଥାନ ୪୦% ରହୁଛି। ପରୀକ୍ଷା ଫର୍ମ ପୂରଣ ଲାଗି ସର୍ବନିମ୍ନ ଶ୍ରେଣୀରେ ଉପସ୍ଥାନ ୭୫% ସରକାର ଧାର୍ଯ୍ୟ କରିଛନ୍ତି। ୭୫%ରୁ କମ୍ ଉପସ୍ଥାନ ଥିବା ପିଲାଙ୍କୁ ଫର୍ମ ପୂରଣରୁ ବାଦ୍‌ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ମାତ୍ର ଶ୍ରେଣୀରେ ପିଲାଙ୍କର ଉପସ୍ଥାନ ଖୁବ୍ କମ୍ ରହୁଥିଲେ ହେଁ ପିଲାଙ୍କର ଭବିଷ୍ୟତକୁ ଗୁରୁତ୍ୱ ଦେଇ ସରକାର ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ଫର୍ମ ପୂରଣ ଲାଗି ସୁଯୋଗ ଦେଉଛନ୍ତି। ମାତ୍ର ଏହି ଅବ୍ୟବସ୍ଥାକୁ ଆଉ ସରକାର ବରଦାସ୍ତ କରିବେ ନାହିଁ। ଆସନ୍ତା ଶିକ୍ଷାବର୍ଷରୁ ଶ୍ରେଣୀରେ ଉପସ୍ଥାନ ଶତପ୍ରତିଶତ ରଖିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀଙ୍କ ପାଇଁ ଶ୍ରେଣୀରେ ଶତପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। ତେଣୁ କଲେଜର ଅଧକ୍ଷ ଏ ଦିଗରେ ସର୍ବାଧିକ ଗୁରୁତ୍ୱ ଦେବା ସହ ଅନୁପସ୍ଥିତ ରହୁଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏଣିକି ଦୈନିକ କଲେଜ ଛୁଟି ହେବା ପରେ ସବୁ ବିଷୟର ଆଟେଣ୍ଡାନ୍ସକୁ ଅଧକ୍ଷ ଯାଞ୍ଚ କରିବେ। ଯେଉଁ ଛାତ୍ରଛାତ୍ରୀ କ୍ଲାସ୍‌ରେ ଅନୁପସ୍ଥିତ ଥିବେ ସେମାନଙ୍କୁ ଅନୁପସ୍ଥିତର କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦିଆଯିବ। ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀ ଯେଉଁ ଦସ୍ତଖସ୍ତ ଦେବେ ସେଥିରେ ଉଭୟ ପିଲା ଏବଂ ସେମାନଙ୍କର ଅଭିଭାବକଙ୍କର ଦସ୍ତଖତ ମଧ୍ୟ ରହିବା ବାଧ୍ୟତାମୂଳକ ହୋଇଛି। ଗୋଟିଏ ମାସରେ ଯେଉଁ ଛାତ୍ରଛାତ୍ରୀ ସର୍ବାଧିକ ୧୦ଦିନରୁ ଅଧିକ ଛୁଟି ରହିବେ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯିବ। ସନ୍ତୋଷମୂଳକ କାରଣ ନଦର୍ଶାଇବା ପର୍ଯ୍ୟନ୍ତ ସେହି ପିଲାମାନେ କଲେଜ ଆସିଲେ ମଧ କୌଣସି କ୍ଲାସ୍‌ରେ ବସିପାରିବେ ନାହିଁ। ଉଭୟ ଅଭିଭାବକ ଏବଂ ପିଲା କଲେଜର ଅଧକ୍ଷଙ୍କୁ ସାକ୍ଷାତ କରି ଅଣ୍ଡରଟେକିଂ ଦେବାପରେ ସମ୍ପୃକ୍ତ ପିଲାକୁ କ୍ଲାସ୍‌କୁ ଯିବାକୁ ଅନୁମତି ଦିଆଯିବ ବୋଲି ଜଣାପଡ଼ିଛି। ସେହିପରି ଚଳିତବର୍ଷ ଉଭୟ ପ୍ରାକ୍ଟିକାଲ ଏବଂ ଥିଓରୀ ଲାଗି ନୂଆ ଟାଇମ୍‌ଟେବୁଲ କରାଯିବ। ପୂର୍ବରୁ ଥିଓରୀ ଲାଗି ସର୍ବାଧିକ ୫୦ମିନିଟ୍ ଥିବାବେଳେ ଏହାକୁ ଦେଢ଼ଘଣ୍ଟା କରିବାକୁ ସମୀକ୍ଷା କରାଯାଉଛି। ସେହିରି ପ୍ରାକ୍ଟିକାଲ ଲାଗି ସମୟସୀମାକୁ ସର୍ବାଧିକ ଅଢ଼େଇ ଘଣ୍ଟାକୁ ବୃଦ୍ଧି କରାଯିବ ବୋଲି ମଧ୍ୟ ବିଭାଗ ପକ୍ଷରୁ ପ୍ରସ୍ତାବ ରହିଛି। ଦୈନିକ ୪ଟି ଥିଓରୀ କ୍ଲାସ୍ ରହିବ। ତେବେ ଏହି ନୂଆ ନିୟମର ସମୀକ୍ଷା ଆସନ୍ତା ଜୁନ୍ ଶେଷ ସପ୍ତାହରେ ବିଭାଗ ପକ୍ଷରୁ କରାଯିବ। ସେଥିପାଇଁ ରାଜ୍ୟର ୫୩ଟି କଲେଜର ଅଧକ୍ଷଙ୍କ ମତାମତ ଗ୍ରହଣ କରାଯିବ। ସମୀକ୍ଷା ଏବଂ ଆଲୋଚନା କରିବା ପରେ ନୂଆ ନିୟମ ଲାଗୁ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି।

## ସକାଳୁଆ ବ୍ୟାଙ୍କ୍

**ଭୁବନେଶ୍ୱର :** ରାଜ୍ୟର ସମସ୍ତ ବ୍ୟାଙ୍କଗୁଡ଼ିକ ସକାଳ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଖୋଲାରହିବ। ତେବେ ଭୁବନେଶ୍ୱର, କଟକ, ପୁରୀ, ଛତ୍ରପୁର, ବ୍ରହ୍ମପୁର ଓ କୋରାପୁଟ ସହରରେ ଏହା ଲାଗୁ ହେବ ନାହିଁ। ଏହି ସହର ଗୁଡିକ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ସ୍ଥାନରେ ଥିବା ବ୍ୟାଙ୍କଗୁଡ଼ିକରେ ଗ୍ରାହକ ସେବା ସକାଳ ୮ଟାରୁ ଆରମ୍ଭ ହେବ। ଲକଡାଉନ ଏବଂ ଗ୍ରୀଷ୍ମପ୍ରବାହ ପାଇଁ ଉପଭୋକ୍ତାଙ୍କ ସୁବିଧା ନିମନ୍ତେ ବ୍ୟାଙ୍କ କାର୍ଯ୍ୟ ସକାଳୁଆ କରାଯିବାକୁ ସ୍ଥିର ହୋଇଛି। ଲକଡାଉନ ଅବଧି ଶେଷ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତର ରହିବ । ତେବେ ଏହି ସମୟରେ ସମସ୍ତ ବ୍ୟାଙ୍କଗୁଡ଼ିକ ପକ୍ଷରୁ ସାମାଜିକ ଦୂରତାକୁ କଡ଼ାକଡ଼ି ଭାବେ ପାଳନ କରିବା ନିମନ୍ତେ ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ ଅପରିବର୍ତ୍ତିତ ରଖାଯାଇଛି। ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ର ଧାରା ୨୨ରେ ଥିବା ବ୍ୟବସ୍ଥା ଅନୁସାରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଓଡ଼ିଶା ଫେରନ୍ତାଙ୍କ ପାଇଁ କ୍ୱାରେଣ୍ଟାଇନ ବାଧ୍ୟତାମୂଳକ

**ଭୁବନେଶ୍ୱର :** କରୋନା ସଂକ୍ରମଣକୁ ରୋକିବା ନିମନ୍ତେ ଓଡ଼ିଶା ଫେରିବାକୁ ଥିବା ଶ୍ରମିକମାନଙ୍କ ପଞ୍ଜିକରଣ ଓ ୧୪ଦିନିଆ କ୍ୱାରେଣ୍ଟାଇନ୍‌କୁ ବାଧ୍ୟତାମୂଳକ କରିଥିବା ରାଜ୍ୟ ସରକାର ଆଜି ଏନେଇ କେତେକ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବାହାର ରାଜ୍ୟରୁ ଫେରିବାକୁ ଥିବା ସମସ୍ତ ଓଡ଼ିଆଙ୍କୁ କ୍ୱାରେଣ୍ଟାଇନରେ ରଖାଯିବା ସହ ସେମାନଙ୍କ ହାତରେ କ୍ୱାରେଣ୍ଟାଇନ ଆରମ୍ଭର ତାରିଖକୁ ଷ୍ଟାମ୍ପ ଆକାରରେ ଲଗାଯିବ। ନିର୍ବାଚନ ବେଳେ ହାତରେ ଲାଗୁଥିବା କାଳି ଭଳି ଏହାକୁ ମଧ୍ୟ ସଙ୍ଗେ ସଙ୍ଗେ ଲିଭାଯାଇ ପାରିବ ନାହିଁ। ଏନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସରପଞ୍ଚମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶନାମା ଓ ଗାଇଡଲାଇନ୍ ଯୋଗାଇ ଦେବାକୁ କୁହାଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଦୀପ କୁମାର ଜେନା ଉଭୟ ପଞ୍ଚାୟତିରାଜ ବିଭାଗ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବଙ୍କୁ ଚିଠି ଲେଖି ଲକଡାଉନ୍ ସରିବା ପରେ ଅନ୍ୟ ରାଜ୍ୟରୁ ନିଜ ଘରକୁ ଫେରିବାକୁ ଇଚ୍ଛୁକ ଥିବା ଓଡ଼ିଆ ଲୋକମାନଙ୍କୁ କ୍ୱାରେଣ୍ଟାଇନରେ ରଖିବା ନିମନ୍ତେ ଆବଶ୍ୟକ ପଞ୍ଜିକରଣ ଓ ବ୍ୟବସ୍ଥା କିଭଳି କରାଯିବ ସେ ନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଶ୍ରୀ ଜେନା କହିଛନ୍ତି ଯେ, ପ୍ରତ୍ୟେକ ପଞ୍ଚାୟତ ଓ ପୌର ସଂସ୍ଥାରେ ଏହି ଓଡ଼ିଶା ଫେରନ୍ତାଙ୍କ ପାଇଁ ପଞ୍ଜିକରଣର ସୁବିଧା ରହିବ। ସେମାନଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ପଞ୍ଜିକରଣ କରାଇ ପାରିବେ। ପଞ୍ଚାୟତ ଚାହିଁଲେ ଏଭଳି ଲୋକଙ୍କ ନାଁ ଆବଶ୍ୟକ ସୂଚନା ସହ ସ୍ୱୟଂ ପଞ୍ଜିକରଣ କରାଇ ପାରିବ। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତ ପାଇଁ ଜଣେ ଲେଖାଏଁ ନୋଡାଲ ଅଫିସରଙ୍କୁ ନିଯୁକ୍ତି ଦିଆଯିବ। ସେହିପରି ନଗର ଉନ୍ନୟନ ବିଭାଗ ମଧ୍ୟ ୱାର୍ଡ ଅବା କ୍ଲଷ୍ଟର ପାଇଁ ନୋଡାଲ ଅଫିସର ନିଯୁକ୍ତି ଦେବେ। ପଞ୍ଜିକରଣ ସୁବିଧା ଥିବା ୱେବ୍‌ସାଇଟ୍‌ରେ ଏହି ଅଫିସରମାନଙ୍କ ପାଇଁ ଓ ଟେଲିଫୋନ୍ ନମ୍ବର ରହିବ। ଓଡ଼ିଶା ଫେରିଲା ପରେ ସମସ୍ତଙ୍କ ପାଇଁ କ୍ୱାରେଣ୍ଟାଇନରେ ରହିବା ବାଧ୍ୟତାମୂଳକ ଥିବାରୁ ସେମାନଙ୍କ ହାତରେ ତାରିଖ ସହ ଷ୍ଟାମ୍ପ (ଅଲିଭା କାଳି) ଲଗାଯିବ। କ୍ୱାରେଣ୍ଟାଇନରେ ବ୍ୟକ୍ତିମାନଙ୍କ ରହିବା, ଖାଇବା, ପାନୀୟ ସୁବିଧା, ଶୌଚ କାର୍ଯ୍ୟ, ପରିଚ୍ଛନ୍ନତା ଓ ଚିକିତ୍ସା ନିମନ୍ତେ ଆବଶ୍ୟକ ସୁବିଧା ସରପଞ୍ଚମାନେ କରିବେ। ଏନେଇ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଗାଇଡଲାଇନ୍ ଜାରି କରାଯିବ। କ୍ୱାରେଣ୍ଟାଇନ ସୁବିଧା ନିମନ୍ତେ ଅନୁରୂପ ନିର୍ଦ୍ଦେଶନାମା ମଧ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ କରାଯିବ। ଯଦି କୌଣସି ଲୋକଙ୍କୁ ନିଜ ଘରେ କ୍ୱାରେଣ୍ଟାଇନରେ ରହିବା ପାଇଁ ଅନୁମତି ଦିଆଯାଏ ତା'ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଷ୍ଟିକର ଲଗାଯିବ। ଯାହାଫଳରେ ଅନ୍ୟମାନେ ସମ୍ପୃକ୍ତ ଘରେ କ୍ୱାରେଣ୍ଟାଇନରେ କେହି ଅଛନ୍ତି ବୋଲି ଭଲଭାବେ ଜାଣିପାରିବେ। ଏହାସହିତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ମଧ୍ୟ କଡାକଡି ଭାବେ ପାଳନ କରାଯିବ। ସେହିପରି ଯଦି କୌଣସି ବ୍ୟକ୍ତି ହୋଟେଲରେ ନିଜ ଖର୍ଚ୍ଚରେ କ୍ୱାରେଣ୍ଟାଇନରେ ରହିବା ପାର୍ଇ ଆଗ୍ରହ ଦେଖାଇବେ ସେନେଇ ନଗର ଉନ୍ନୟନ ବିଭାଗ ବିଭନ୍ନ ହୋଟେଲ ସହ ସମନ୍ୱୟ ରକ୍ଷା କରିବେ। କ୍ୱାରେଣ୍ଟାଇନରେ ରହୁଥିବା ବ୍ୟକ୍ତିମାନଙ୍କର ଉପଯୁକ୍ତ ତଦାରଖ ପାଇଁ ଉଭୟ ପଞ୍ଚାୟତିରାଜ ଓ ନଗର ଉନ୍ନୟନ ବିଭାଗ ବିସ୍ତୃତ ବ୍ୟବସ୍ଥା କରିବେ। ଏହି କ୍ୱାରେଣ୍ଟାଇନ ବାବଦ ସମସ୍ତ ଖର୍ଚ୍ଚ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଭରଣା କରାଯିବ।



### ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା

# ମାଗଣା ଗ୍ୟାସ ସିଲିଣ୍ଡର ପାଇବେ ଓଡ଼ିଶାର ୪୭ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ

**ଭୁବନେଶ୍ୱର, (ପିଆଇବି):** କୋଭିଡ-୧୯ ମହାମାରୀ କାରଣରୁ ଦେଶବ୍ୟାପୀ ଜାରି ହୋଇଥିବା ଲକଡାଉନ ସମୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାଗଣାରେ ଗ୍ୟାସ ସିଲିଣ୍ଡର ରିଫିଲ ଯୋଗାଇ ଦିଆଯାଉଛି। ଏହି ଯୋଜନାରେ ହିତାଧିକାରୀମାନେ ତିନି ମାସ ପର୍ଯ୍ୟନ୍ତ ମାଗଣାରେ ତିନୋଟି ଗ୍ୟାସ ସିଲିଣ୍ଡର ରିଫିଲ ପାଇପାରିବେ। ଓଡ଼ିଶାର ମୋଟ ୪୭,୪୭,୩୭୦ ଜଣ ଉଜ୍ଜ୍ୱଳା ହିତାଧିକାରୀଙ୍କୁ ତିନି ମାସ ଲାଗି ମାଗଣାରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୋଟ ୧୧୦୨.୮୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ ସିଲିଣ୍ଡର ବୁକିଂ ନିମନ୍ତେ ବ୍ୟାଙ୍କ ଆକାଉଂଟ ଜରିଆରେ ୭୭୪ ଟଙ୍କା ୫୦ ପଇସା ପ୍ରଦାନ କରାଯାଉଛି। ଏହିପରି ଭାବେ ସେମାନେ ତିନି ମାସ ଲାଗି ମୋଟ ୨୩୨୩ ଟଙ୍କା ଗ୍ୟାସ ସିଲିଣ୍ଡର ରିଫିଲ ନିମନ୍ତେ ପାଇବେ। ଇତିମଧ୍ୟରେ ପ୍ରଥମ ମାସ ପାଇଁ ବହୁସଂଖ୍ୟକ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କ ଘରେ ମାଗଣା ଗ୍ୟାସ ପହଁଚି ସାରିଲାଣି। ଲକଡାଉନ କାରଣରୁ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ହିତାଧିକାରୀଙ୍କ ପାଇଁ ମାଗଣାରେ ରୋଷେଇ ଗ୍ୟାସ ମିଳିଯାଉଥିବାରୁ ସେମାନେ ସନ୍ତୋଷ ପ୍ରକାଶ କରିଛନ୍ତି। ଗଜପତି ଜିଲ୍ଲାର ବହୁସଂଖ୍ୟକ ହିତାଧିକାରୀ ଏହାଦ୍ୱାରା ଉପକୃତ



ହୋଇଛନ୍ତି। ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଜୀବା ପଂଚାୟତର ଅନୁକୁଣ୍ଡା ଗ୍ରାମର ଦୁଇ ମହିଳା ହିତାଧିକାରୀ ସୁଲୋଚନା କାଉଁରୀ ଏବଂ ମଞ୍ଜୁ ଶବର ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସିଲିଣ୍ଡର ଗ୍ରହଣ କରିଛନ୍ତି। ଏଥିରେ ସେମାନେ ବେଶ ଖୁସି ବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଜିଲ୍ଲାର ଗୋସାଣି ବ୍ଲକ୍ ଅନ୍ତର୍ଗତ ଉପଲଡ଼ା ଗ୍ରାମର ଦୁଇ ଜଣ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ମହିଳା ହିତାଧିକାରୀ କେ. ଉନୀଷା ଓ ବି. ସାରଦା ମଧ୍ୟ ଏପ୍ରିଲ ମାସ ପାଇଁ ଗ୍ୟାସ ରିଫିଲ ବୁକିଂ କରି ମାଗଣାରେ ପାଇପାରିଛନ୍ତି। ଏଥିଯୋଗୁ ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ଅଧୀନ ତିନୋଟି ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ, ଏଚପି, ଭାରତ ଗ୍ୟାସ ପକ୍ଷରୁ ବିତରକମାନଙ୍କ ଜରିଆରେ ମାଗଣାରେ ଗ୍ୟାସ ସିଲିଣ୍ଡର ରିଫିଲ ଯୋଗାଇ ଦିଆଯାଉଛି। ଉପଭୋକ୍ତାମାନେ ଗ୍ୟାସ ସିଲିଣ୍ଡର ପାଇଁ ବୁକିଂ କରିବା ପରେ ସେମାନଙ୍କ ବ୍ୟାଙ୍କ ଖାତାକୁ ସମ୍ପୂର୍ଣ୍ଣ ଗ୍ୟାସ ସିଲିଣ୍ଡର ରିଫିଲ ବାବଦ ଅର୍ଥ ସିଧାସଳଖ ଚାଲିଆସୁଛି। ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ ସିଲିଣ୍ଡର ରିଫିଲ କରାଯିବାକୁ ଘୋଷଣା କରାଯିବା ପରଠାରୁ ଏପ୍ରିଲ ୧୪ ତାରିଖ ସୁଦ୍ଧା ତୈଳ ବିପଣନ କମ୍ପାନୀଗୁଡ଼ିକ ୭.୨୩ କୋଟି ଉପଭୋକ୍ତାମାନଙ୍କ ଆକାଉଂଟକୁ ପାଖାପାଖି ୫୬୭୩ କୋଟି ଟଙ୍କା ହସ୍ତାନ୍ତର କରିସାରିଲେଣି। ସେହିପରି ୧.୩୨ କୋଟି ମାଗଣା ଏଲପିଜି ରିଫିଲ ଉପଭୋକ୍ତାମାନଙ୍କୁ ଯୋଗାଇ ଦିଆଯାଇସାରିଛି। ଓଡ଼ିଶାରେ ତୈଳ ବିପଣନ କମ୍ପାନୀଗୁଡ଼ିକ ପ୍ରଥମ ରିଫିଲ ବୁକିଂ ବାବଦକୁ ଉପଭୋକ୍ତାଙ୍କ ଆକାଉଂଟକୁ ୩୪୧ କୋଟି ଟଙ୍କା ଅଗ୍ରୀମ ହସ୍ତାନ୍ତର କରିସାରିଲେଣି। ୧୪ ଏପ୍ରିଲ ସୁଦ୍ଧା ଓଡ଼ିଶାରେ ଥିବା ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ୫.୮୮ ଲକ୍ଷ ଏଲପିଜି ରିଫିଲ ଯୋଗାଇ ଦିଆଯାଇସାରିଛି। କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ତଥା ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କ ନିକଟରେ ଏହି ସୁବିଧା ପହଁଚାଇବା ସୁନିଶ୍ଚିତ କରିବା ଲାଗି ତୈଳ ବିପଣନ କମ୍ପାନୀ ଓ ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## କରୋନା ସତର୍କତା

୧. ଗୃହର ସବୁ କୋଠରୀରେ ସକାଳ ସନ୍ଧ୍ୟାରେ ଝୁଣାଧୂଆଁ ବୁଲାନ୍ତୁ। ଝର୍କା କବାଟ ସାନିଟାରୀ କପଡ଼ାରେ ପୋଛନ୍ତୁ। ପ୍ରତିଦିନ ଡେଟଲ୍ ପାଣିରେ କୋଠରୀର ଚଟାଣ ପୋଛନ୍ତୁ। ଡଷ୍ଟବିନ୍‌ରୁ ଅଳିଆ ଫିଙ୍ଗି ଦିନକୁ ଦୁଇଥର ସଫା କରନ୍ତୁ।

୨. ସକାଳ କିମ୍ବା ଅପରାହ୍ନ ଖରାରେ ୧୦ ମିନିଟ୍ ଖୋଲା ଦେହରେ ବସନ୍ତୁ। ପ୍ରତି ୨ ଘଣ୍ଟାରେ ଥରେ ହାତପାପୁଲି ଡେଟଲ୍, ଲାଇଫ୍‌ବୟ ସାବୁନ କିମ୍ବା ହ୍ୟାଣ୍ଡ୍ ୱାସ୍‌ରେ ୧୦ ସେକେଣ୍ଡ୍ ପର୍ଯ୍ୟନ୍ତ ସଫାକରନ୍ତୁ।

୩. ଶୋରିଷ ତେଲରେ ତରକାରୀ ରାନ୍ଧନ୍ତୁ। ଷ୍ଟିଲ୍ ବାସନରେ ଭୋଜନ କରନ୍ତୁ ନାହିଁ। ଗରମ ଖାଦ୍ୟ ଖାଆନ୍ତୁ। ଉଷୁମ ପାଣି ପିଅନ୍ତୁ। ଖାଲି ପେଟରେ କିଛି ପାଖୁଡ଼ା ତୁଳସୀପତ୍ର ଚୋବାଇ ଖାଆନ୍ତୁ। ଖାଦ୍ୟରେ କିଛି କଞ୍ଚାରସୁଣ ଖାଆନ୍ତୁ। ଆମିଷ ଖାଉଥିଲେ ବ୍ରଏଲର କୁକୁଡ଼ା ଓ ଅଣ୍ଡା କିଛିଦିନ ବ୍ୟବହାର ନ କଲେ ଭଲ। ପ୍ରାକୃତିକ ସମୁଦ୍ର, ନଦୀ କିମ୍ବା ଚିଲିକା ମାଛ, ଛେଳିମାଂସ ଖାଇପାରନ୍ତି।

୪. ଜରୁରୀ କାମରେ ବାହାରକୁ ବାହାରିଲେ ମାସ୍କ ପିନ୍ଧନ୍ତୁ। କୋଳାହଳ ସ୍ଥାନରୁ ଦୂରେଇ ରହନ୍ତୁ। ବାହାରୁ ଆସିବା କ୍ଷଣି ହସ୍ତପାଦ, ମୁଖ ସଫାକରନ୍ତୁ। ଅଳ୍ପ କଥା କହନ୍ତୁ ଅଧିକ ନିରବ ରହନ୍ତୁ। ଏ.ସି ଅଳ୍ପ ବ୍ୟବହାର କରନ୍ତୁ। ପ୍ରତି ସନ୍ଧ୍ୟାରେ ଗରମ ଲୁଣପାଣି ଗାର୍ଗଲିଙ୍ଗ୍ କଲେ ଗଳା ସଂକ୍ରମଣ ସମ୍ଭାବନାକୁ ଏଡ଼ାଇ ହୁଏ।

୫. ବିଶ୍ୱବାସୀଙ୍କୁ ମହାବିପତ୍ତିରୁ ରକ୍ଷାକରିବା ପାଇଁ ସୃଷ୍ଟିକର୍ତ୍ତାବିଷ୍ଣୁଙ୍କୁ ପ୍ରାର୍ଥନା କରନ୍ତୁ। ଗୃହରେ ଓଁ କାର ଧ୍ୱନି କରନ୍ତୁ। ଗୀତା, ଭାଗବତ, ହନୁମାନଚାଳିଶା ପାଠକରନ୍ତୁ। ପୂର୍ବପୁରୁଷଙ୍କ ନିତ୍ୟ ଚଳଣି ପଦ୍ଧତି ଆପଣାନ୍ତୁ।

**ସତର୍କତା ଆମ ଜୀବନର ଲକ୍ଷ୍ୟ ହେଉ।**

*ଯୋଗୀ ଗଣେଶ୍ୱର*
*ମିଶନ ଭାଗବତ, ଦୂରଭାଷ-୯୬୬୮୬୩୧୨୫୭*



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୭ ଏପ୍ରିଲ - ୦୩ ମଇ, ୨୦୨୦

# ବିପତ୍ତିରୁ ଉଦ୍ଧାର କରିବ ସତର୍କତା

ସମ୍ପାଦକୀୟ



ତାରକ ମହାନ୍ତି

ରାଜ୍ୟରେ ମହାକାରୀ କରୋନା ଭୂତାଣୁର ସଂକ୍ରମଣ ବୃଦ୍ଧି ପାଇଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିଲେ ବି ସେମାନଙ୍କ ମଧ୍ୟରୁ ୩୦ଜଣ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ କରୋନା ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା କମ ରହିଛି। ମାତ୍ର ଜଣେ ଆକ୍ରାନ୍ତ ବ୍ୟକ୍ତି ଏଥିରେ ମୃତ୍ୟୁବରଣ କରିଛନ୍ତି। ଗତ କିଛିଦିନ ଧରି ରେକର୍ଡ ନମୁନା ପରୀକ୍ଷା ଫଳରେ ସଂକ୍ରମିତଙ୍କ ବିଷୟରେ ଜଣାପଡିବା ସହ ସହଜରେ ପଜିଟିଭ ଚିହ୍ନଟ ହୋଇପାରୁଛନ୍ତି। ନିକଟରେ ଭଦ୍ରକରେ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଙ୍କ ବାବଦରେ ଯାହା ସୂଚନା ମିଳିଛି, ସେମାନଙ୍କର ଟ୍ରାଭେଲ ହିଷ୍ଟ୍ରୀ କୋଲକାତାର ସହ ରହିଛି। ନୂଆ ପଜିଟିଭରେ ପଶ୍ଚିମବଙ୍ଗ କନେକ୍ସନ ଓଡ଼ିଶା ପାଇଁ ଚିନ୍ତାର କାରଣ। ବାସୁଦେବପୁରର ୬ କରୋନା ଆକ୍ରାନ୍ତ ଚିହ୍ନଟ ହେବା ଫଳରେ ସେଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅବରୋଧ ବଢ଼ିଛି। ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିଲା ବେଳେ ମହାରାଷ୍ଟ୍ରରେ ସର୍ବାଧିକ କରୋନା ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏଭଳି ପରିସ୍ଥିତିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କରୋନା ମହାମାରୀକୁ ନେଇ ଯେଉଁ ଆକଳନ କରିଛନ୍ତି ତାହା ଅତ୍ୟନ୍ତ ଭୟଙ୍କର। ଲକଡାଉନ କୋହଳ ହେଲେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଭୟାନକ ହେବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଚେତାବନୀ ଦେଇଛନ୍ତି। କଟକଣା କୋହଳ ହେଲେ କରୋନା ଭୂତାଣୁ ସଂକ୍ରମଣ ବଢ଼ିଚାଲିବ। ଆଫ୍ରିକୀୟ ଦେଶରେ ଚିକିତ୍ସା ଅଭାବରୁ କରୋନା ଆତଙ୍କ ରଚିବ ବୋଲି ଡବ୍ଲୁଏଚ୍‌ଓ କହିଛି। ଗୋଟେପଟେ ଅର୍ଥନୀତି, ଅନ୍ୟପଟେ ଲୋକଙ୍କ ଜୀବନ ଓ ଜୀବିକା ବର୍ତ୍ତମାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବର୍ତ୍ତମାନ ପରିପ୍ରେକ୍ଷୀରେ ଭାରତରୁ କରୋନା କେବେ ବିଦାୟ ନେବ ତାହା କେହି ସୁନିଶ୍ଚିତ କରିବା ସହଜ ନୁହେଁ। କାରଣ ଯେ ପର୍ଯ୍ୟନ୍ତ ଏହି ରୋଗର ଟୀକା ବା ଔଷଧ ବାହାରିପାରିନି ସେତେଦିନ ପର୍ଯ୍ୟନ୍ତ କରୋନା ନିର୍ମୂଳ ହେଲା ବୋଲି କହି ହେବନାହିଁ। ବିଶ୍ୱ ସ୍ତରରେ ଏହାର ମୁକାବିଲା ପାଇଁ ଦୃଢ଼ ପଦକ୍ଷେପ ମାନ ନିଆଯାଉଛି। ହେଲେ ସଠିକ ଭାବେ ସ୍ପଷ୍ଟ ହୋଇପାରୁନି କରୋନା ଭୂତାଣୁ କିଭଳି ନଷ୍ଟ ହେବ। ଏଭଳି ଏକ ଘଡିସନ୍ଧି ସମୟ ଦେଇ ସମଗ୍ର ବିଶ୍ୱ ତିଷ୍ଠି ରହିବା ପାଇଁ ଚେଷ୍ଟା କରୁଛି। ନିରାଶ ଭିତରେ ଆଶାର କିରଣ ଭଳି କିଛି ଔଷଧ ଆକ୍ରାନ୍ତଙ୍କ ଶରୀରରେ କାର୍ଯ୍ୟ କରିବା ଫଳରେ ସେମାନେ ସୁସ୍ଥ ହୋଇପାରିଛନ୍ତି। ଯାହା ନିଶ୍ଚୟ ଆଶ୍ୱସ୍ତ କଲା ଭଳି ସକରାତ୍ମକ ଖବର।

ଓଡ଼ିଶାରେ କରୋନା ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସଠିକ ହୋଇଥିଲେ ବି ସମ୍ପ୍ରତି ପଶ୍ଚିମବଙ୍ଗ ଲିଙ୍କ ଯୋଗୁ ଭଦ୍ରକ ଜିଲ୍ଲାରେ ଏହା ଚିନ୍ତାଜନକ ପ୍ରଭାବ ଦେଖାଉଛି। ଆରମ୍ଭରୁ ଆମ ରାଜ୍ୟର ସୀମା ସିଲ ଥିଲା ବେଳେ ଆକ୍ରାନ୍ତ ବ୍ୟକ୍ତି କିଭଳି ପ୍ରବେଶ କଲେ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୀମାନ୍ତବର୍ତ୍ତୀ ଗାଁ ଗୁଡିକରେ ପହରା କଡା ନଥିବାରୁ ଏଭଳି ସ୍ଥିତି ଉପୁଜିଥିବା ସନ୍ଦେହ କରାଯାଉଛି। ଏନେଇ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସମ୍ପୃକ୍ତ ଜିଲ୍ଲା ଗସ୍ତ କରିବା ସହ ସୀମା ସୁରକ୍ଷାକୁ ବଢ଼ାଇ ଦେଇଛନ୍ତି। ତେବେ କିଛି ଶ୍ରମିକ ଶ୍ରେଣୀର ଲୋକ ମାଛ ଗାଡି ଓ ଅନ୍ୟ ଉପାୟରେ ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ପ୍ରବେଶ କରିବା ନେଇ ସୂଚନା ମଧ୍ୟ ମିଳୁଛି। ଯେଉଁମାନେ ଏଭଳି ଅବସ୍ଥାରେ ରାଜ୍ୟ ଭିତରକୁ ପ୍ରବେଶ କରୁଛନ୍ତି ସେମାନଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ସଂଗରୋଧରେ ରଖା ନଗଲେ ଆଗାମୀ ଦିନରେ ସଂକ୍ରମଣ ବଢ଼ିବାର ଆଶଙ୍କା ରହିଛି। କେତେକ ଜିଲ୍ଲାରେ କୃଷି ଓ ଶ୍ରମିକ ମାନଙ୍କ କାର୍ଯ୍ୟ କରିବା ଉପରେ କଟକଣା କୋହଳ କରାଯାଇଥିଲେ ବି ନିୟମ ମାନିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ସମଦୂରତା ରକ୍ଷା କରିବା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ତେଣୁ କରୋନାକୁ ହରାଇବାକୁ ହେଲେ ପ୍ରଶାସନ ସହ ସାଧାରଣଲୋକ ମଧ୍ୟ ସଚେତନତା ସୃଷ୍ଟି କରିବା ଓ ଏହାର ଭୟାବହତା ଠାରୁ ଦୂରେଇ ରହିବା ଦରକାର। ପୂର୍ବରୁ କୁହାଯାଇଛି ଏହା ଏକ ଦୀର୍ଘ ଲଢ଼େଇର ପ୍ରସଙ୍ଗ। ଏଥିରେ ସଚେତନତା ଓ ସତର୍କତା ହେଉଛି ମୁଖ୍ୟ କଥା। କରୋନା ଭୂତାଣୁ ସଂକ୍ରମଣର ଆଭାସ ମିଳିବା ମାତ୍ରେ ପ୍ରାସନକୁ ତୁରନ୍ତ ଅବଗତ କରାଯିବା ଉଚିତ। ଏହି ରୋଗ ଲୁଚେଇଲେ ଏହା ଅଧିକ ବିପଦ ସୃଷ୍ଟି କରିବ। ତେଣୁ ନିଜେ ସୁରକ୍ଷିତ ରହି ଅନ୍ୟକୁ ସୁରକ୍ଷିତ ରଖିବା ସମସ୍ତଙ୍କ ଦାୟିତ୍ୱ ହେଲେ ଏହି ମହାମାରୀରୁ ବର୍ତ୍ତିବା ସହଜ। ବିଶେଷ ଭୟଭୀତ ନହୋଇ କରୋନା ମୁକାବିଲା ପାଇଁ ସରକାରୀ ନିୟମ ମାନି ଚାଲିଲେ ସଂକ୍ରମଣ କମିବାର ଆଶା ଅଛି। ତେବେ ବର୍ତ୍ତମାନର ସ୍ଥିତି ଯାହା ସେଥିରେ ମହାମାରୀ କରୋନା ଖୁବଶୀଘ୍ର ବିଦାୟ ନେଲାଭଳି ମନେ ହୁଏନାହିଁ। ଏହାର ବିଭିନ୍ନ ଦିଗ ଓ ସଂକ୍ରମଣର ଲକ୍ଷଣ ସହ ବ୍ୟାପକତା ପ୍ରତି ଦୃଷ୍ଟି ଦେଲେ ଏହା ଜଣାପଡେ। ଯଦିଓ ପୂର୍ବାପେକ୍ଷା ସଂକ୍ରମଣ ଦ୍ୱିଗୁଣିତ ହେବାକୁ ସମୟ ବଢ଼ିଛି। ତଥାପି ସ୍ଥାୟୀ ନିରାକରଣ ପାଇଁ ପ୍ରତିକାର ନାହିଁ। ପ୍ରତିକାର ବ୍ୟବସ୍ଥା ସ୍ୱୀକୃତ ହେବା ସହ ଚିକିତ୍ସା କ୍ଷେତ୍ରରେ ଉନ୍ନତି ନିଆଯିବା ଯାଏ ଏହି ଭୂତାଣୁ କମ ବେଶୀ ହେଉଥିବା ସ୍ପଷ୍ଟ କରିହେଲା ଭଳି ଲାଗୁନି। ସବୁଠୁ ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି ପୂର୍ବରୁ କରୋନାର କୌଣସି ଲକ୍ଷଣ ନଥାଇ ସୁଦ୍ଧା ପଜିଟିଭ ଚିହ୍ନଟ ହେବା। ବୟସ୍କଙ୍କ କ୍ଷେତ୍ରରେ ଏହାର ବ୍ୟାପକତା ଥିଲେ ଛୋଟ ଛୋଟ ଶିଶୁଙ୍କୁ ମଧ୍ୟ ସଂକ୍ରମଣ ହେଉଛି। ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକଙ୍କ ଚେତାବନୀକୁ ଲକ୍ଷ୍ୟ କଲେ ଏହି ଭୂତାଣୁର ପ୍ରାଦୁର୍ଭାବ ନିଶ୍ଚୟ ଚିନ୍ତାଜନକ। ୧୦୦ ବର୍ଷ ତଳେ ଏଭଳି ଏକ ଭୂତାଣୁ ସଂକ୍ରମଣ କୋଟି କୋଟି ଲୋକଙ୍କ ଜୀବନ ନେଇଥିଲା। ହେଲେ ସେତେବେଳେର ସ୍ୱାସ୍ଥ୍ୟ ସେବା ଓ ବର୍ତ୍ତମାନର ବ୍ୟବସ୍ଥାକୁ ତୁଳନା କଲେ ଢେର ପାର୍ଥକ୍ୟ। ଚିକିତସା, ଖାଦ୍ୟ, ବାସଗୃହ ଭଳି ଅନ୍ୟାନ୍ୟ ବ୍ୟବସ୍ଥା ବିକଶିତ ହୋଇସାରିଛି। ସଚେତନତା ଓ ସତର୍କତା ଅବଲମ୍ବନ କ୍ଷେତ୍ରରେ ମଧ୍ୟ ବୈପ୍ଳବିକ ପରିବର୍ତ୍ତନ ଆସିଛି। ବିଜ୍ଞାନ ଓ କାରିଗରୀ, ଗବେଷଣା କ୍ଷେତ୍ରରେ ବିଶ୍ୱର ବୃହତ ସଂସ୍ଥାମାନେ କାର୍ଯ୍ୟରତ ଅଛନ୍ତି। ଆଜି ନହେଲେ ବି ଆସନ୍ତାକାଲି କରୋନାକୁ ପ୍ରତିହତ କରିବ ବିଶ୍ୱ। ହେଲେ ତା ପୂର୍ବରୁ ଯେଉଁ କ୍ଷତି ଘଟିବ ତାହା ଏବେଠାରୁ ଆକଳନ କରିବା ମୁସ୍କିଲ। ତଥାପି ସାବଧାନ ପୂର୍ବକ ନିୟମିତ କାର୍ଯ୍ୟକୁ ଆଗକୁ ବଢ଼ିବାକୁ ହେବ। ଯଦ୍ୱାରା ଅଟକି ରହିଥିବା କାର୍ଯ୍ୟକ୍ରମ ପୁନଃ କାର୍ଯ୍ୟକ୍ଷମ ହୋଇପାରିବ। ଯଦିଓ ଏହି ଭୂତାଣୁ ପାଇଁ ଚୀନକୁ ଦାୟୀ କରାଯାଉଛି। ତଥାପି ଦୋଷ ଦେବାରେ କୌଣସି ରାଷ୍ଟ୍ର ଅଟକି ନଯାଇ ଏହି ବିପଦରୁ କିଭଳି ରକ୍ଷା ମିଳିବ ସେ ନେଇ ଉଚ୍ଚସ୍ତରୀୟ କାର୍ଯ୍ୟ କରିବା ଦରକାର। ନଚେତ ନିରାକରଣ ଚିନ୍ତା କରୁ କରୁ କରୋନା ମାନବ ସଭ୍ୟତାକୁ ଧ୍ୱଂସ କରିଦେବ। ଭାରତ ଏଥିପାଇଁ ଯେତିକି ପଦକ୍ଷେପ ନେଇଛି ତାହା ଠିକ ଥିଲେ ବି ସମୟ ଅନୁସାରେ ଆହୁରି କଠୋର ନିଷ୍ପତ୍ତି ନେଇ ଲୋକଙ୍କ ଜୀବନ ବଞ୍ଚାଇବା ସହ ଜୀବିକା ସୁରକ୍ଷିତ କରିବାକୁ ପଡିବ। ଜନବହୁଳ ରାଷ୍ଟ୍ର ହେତୁ ଆମେରିକା, ଇଟାଲୀ, ଅଷ୍ଟ୍ରେଲିଆ ଭଳି ରାଷ୍ଟ୍ରର ପଦକ୍ଷେପ ଅପେକ୍ଷା ଆମ ପରିବେଶ ଓ ପରିସ୍ଥିତିକୁ ନେଇ କାର୍ଯ୍ୟକ୍ରମ ହେଲେ ଏହି ବିପତ୍ତିରୁ ଉଦ୍ଧାର ମିଳିବ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# କୋଭିଡ-୧୯ ପୃଷ୍ଠଭୂମିରେ ଧର୍ମର ବିକୃତ ସ୍ୱରୂପ ଓ ତା'ର ନିରାକରଣ



ବିନୟ ଭୂଷଣ ପାଣିଗ୍ରାହୀ

ସମାଜରେ ବସବାସ କରୁଥିବା ନାରୀ ଓ ପୁରୁଷମାନଙ୍କ ମଧ୍ୟରୁ ଯେଉଁମାନେ ସାମାଜିକ ନୀତିନିୟମ, ରୀତିନୀତି, ପାରସ୍ପରିକ ବିଶ୍ୱାସ ଓ ସହନଶୀଳତା ଆଦି ପାଳନ ପୂର୍ବକ ସାମଗ୍ରିକ ଭାବେ ସମାଜକୁ ସୁସ୍ଥ ଜୀବନ ଯାପନ ନିମନ୍ତେ ଉପଯୋଗୀ କରିବାରେ ସହଯୋଗ କରିଥାନ୍ତି ସେହିମାନଙ୍କୁ ସାମଜିକ ପ୍ରାଣୀ କୁହାଯାଏ। ଯଦି କେବଳ 'ମଣିଷ ଏକ ସାମାଜିକ ପ୍ରାଣୀ' ଉକ୍ତିଟିକୁ ସମାଜ ଭିତରେ ରହି ସମାଜକୁ ବିପନ୍ନ କରୁଥିବା ସବୁ ମଣିଷଙ୍କୁ ସାମାଜିକ ପ୍ରାଣୀ କୁହାଯିବ ତେବେ ପୋଲିସ ବ୍ୟବସ୍ଥା, ନ୍ୟାୟାଳୟ, ଦଣ୍ଡବିଧି, ଆଇନ, ବନ୍ଦୀଶାଳା, ସୁଧାର ଗୃହ ଇତ୍ୟାଦିର ସାମାନ୍ୟତମ ଆବଶ୍ୟକତା ରହିବ ନାହିଁ। ତେଣୁ, ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋଚନା କରିବା ଆଗରୁ ଆମେ ନିଶ୍ଚିତ ହେଇଯିବା ଉଚିତ ଯେ, ସମାଜରେ ଦୁଇ କିସମର ମଣିଷ ବସବାସ କରନ୍ତି ଯଥା; ସାମାଜିକ ଓ ଅସାମାଜିକ ମଣିଷ। ନିଜ ଘର-ପରିବାର, ନିଜ ନିକଟତମ ପରିବେଷ୍ଟନୀ, ଅନୁସୃତ ଧର୍ମୀୟ ଭାବନା, ନିଜନିଜର ମାନସିକ ଭିତ୍ତିଭୂମି ଆଦି ଅନେକ ଉତ୍ସରୁ ପ୍ରାପ୍ତ ହେଉଥିବା ସଂସ୍କାର ଏବଂ ସେଇ ସଂସ୍କାରର ସୁପରିଚାଳନା ମିଣିଷ ଭିତରେ ସାମାଜିକତାର ଢାଞ୍ଚା ତିଆରି କରିଥାଏ। ସର୍ବଜନାଦୃତ ସାମାଜିକତା ମନୁଷ୍ୟକୁ ସଫଳ ଜୀବନ ଯାପନ ପାଇଁ ପଥ ପ୍ରଦର୍ଶନ କରିବା ସହିତ ଧୀରେ ଧୀରେ ଏକ ନୈସର୍ଗିକ ବନ୍ଧନରେ ସମାଜକୁ ବାନ୍ଧି ରଖିବାର ସୂତ୍ର ପାଲଟିଯାଏ ଯାହାକୁ ଆମେ ସଂକ୍ଷେପରେ 'ଧର୍ମ' ବୋଲି କହିଥାଉ। 'ଧର୍ମ'ର ଅନେକ ସଂଜ୍ଞାଓ ବ୍ୟାଖ୍ୟା ମାନ ରହିଛି ଯାହା ବର୍ତ୍ତାନ ଆଲୋଚ୍ୟ ବିଷୟବସ୍ତୁ ପରିପ୍ରେକ୍ଷୀରେ ସବିସ୍ତାର ବିଶ୍ଳେଷଣ କରିବା ଅପରିହାର୍ଯ୍ୟ ନୁହେଁ। ତେବେ, ମୋ ଦ୍ୱାରା ପ୍ରଦତ୍ତ ଉପରୋକ୍ତ ସଂଜ୍ଞାଟିକୁ ଯଥାର୍ଥ ତର୍କ ଦ୍ୱାରା ସମ୍ପୂର୍ଣ୍ଣ ଭୁଲ ସାବ୍ୟସ୍ତ କରିବା ସେତେଟା ସହଜ କଥା ବୋଲି ମୁଁ ଭାବୁନାହିଁ। ଏକଥା ମଧ୍ୟ ଆପଣମାନଙ୍କୁ ସ୍ୱୀକାର କରିବାରେ କୌଣସି ଅସୁବିଧା ନାହିଁ ଯେ ଧର୍ମ ମଣିଷକୁ ଉଚିତ-ଅନୁଚିତ, ଭଲ-ଭେଲ, କରଣୀୟ-ଅକାର୍ଯ୍ୟ, ଗ୍ରହଣୀୟ-ବର୍ଜନୀୟ ଭିତରେ ଥିବା ପାର୍ଥକ୍ୟକୁ ବୁଝିବା ପାଇଁ ସମର୍ଥ କରାଏ ଏବଂ ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ସତତ ଅନୁପ୍ରେରିତ କରାଇଥାଏ। ବୁଭୁକ୍ଷୁକୁ ଖାଦ୍ୟ ପ୍ରଦାନ କରିବା, ରୋଗୀକୁ ସେବା ଶୁଶ୍ରୁଷା ଯୋଗାଇଦେବା, ନିରାଶ୍ରୟକୁ ଆଶ୍ରୟ ପ୍ରଦାନ କରିବା, ଅନ୍ଧର ମାର୍ଗ ଦର୍ଶନ କରେଇବା, ଅଜ୍ଞ ଜନଙ୍କୁ ଜ୍ଞାନ ବିତରଣ, କୁପଥଗାମୀ ଓ ବିପଥଗାମୀ ମାନଙ୍କୁ ସାମାଜିକ ମୁଖ୍ୟସ୍ରୋତରେ ସାମିଲ କରେଇବା ପାଇଁ ସେମାନଙ୍କର ବୌଦ୍ଧିକ ବିକାଶ ସାଧନ କରିବା ଇତ୍ୟାଦି ସକଳ ସକରାତ୍ମକ ଭାବନା ପ୍ରଣୋଦିତ କାର୍ଯ୍ୟ ଅନୁସୃତ ଧର୍ମ ଓ ଧର୍ମୀୟ ଭାବନାର ନିଛକ ପ୍ରତିଫଳନ ଅଟନ୍ତି।

ଯେଉଁ ଧର୍ମ ଯେତେ ପୁରାତନ ସେ ଧର୍ମ ସେତେ ପରିପୃଷ୍ଟ, ପରିପକ୍ୱ, ଅନୁଭବୀ ଏବଂ ସେଇ ଅନୁସାରେ ଅଧିକ ପ୍ରଭାବୀ ମଧ୍ୟ ହୋଇଥାଏ ଏହା ଅନସ୍ୱୀକାର୍ଯ୍ୟ ହୋଇଥିଲେ ମଧ୍ୟ ଆମେ ଆଖିବୁଜି କହିପାରିବା ନାହିଁ ଯେ ସଦ୍ୟଜାତ ଏବଂ ଅପରିପକ୍ୱ ଯେତେସାରା ଧର୍ମ ପୃଥିବୀରେ ଅଛନ୍ତି ସେଇସବୁ ଧର୍ମମାନେ ସେମାନଙ୍କର ଅନୁଗାମୀ ମାନଙ୍କୁ ସାମାଜିକତା ସମ୍ବନ୍ଧରେ ବହୁତ ଭିନ୍ନ ଅବଧାରଣା ପ୍ରଦାନ କରନ୍ତି ବୋଲି। ତେବେ, କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବନ କରୁଥିବା ଲୋକମାନଙ୍କ ଭିତରୁ ବହୁସଂଖ୍ୟକ ଲୋକ ଯେତେବେଳେ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ସୁସ୍ଥ ସାମାଜିକ ବିଚାରଧାରାରେ ଖୋଲାଖୋଲି ଉଲ୍ଲଘଂନ କରୁଥିଲା ବେଳେ ଯଦି ସେଇ ଧର୍ମର ଅନୁପାଳନ ଓ ପୃଷ୍ଟପୋଷକତା କରୁଥିବା ଅନେକ ଲୋକ ସେଇ ଉଚ୍ଛୃଙ୍ଖଳ ବ୍ୟକ୍ତିବିଶେଷ ମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କ ସପକ୍ଷବାଦୀ ହେଇ ସେମାନଙ୍କୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସହଯୋଗ ଓ ସମର୍ଥନ କରନ୍ତି ସେତେବେଳେ ସବୁ ଦୋଷ ସେଇ ବ୍ୟକ୍ତିମାନଙ୍କ ଦ୍ୱାରା କରାଯାଉଥିବା ଅସାମାଜିକ, ଅମାନବୀୟ ଏବଂ ମାନବଧର୍ମ ପରିପନ୍ଥୀ କାର୍ଯ୍ୟ ପାଇଁ ସେମାନଙ୍କର ଧର୍ମ ଓ ଧର୍ମୀୟ ଭାବନା ଓ ଧାର୍ମିକ ଶିକ୍ଷାର କାନ୍ଧ ଉପରେ ଲଦାଯିବା ଅତ୍ୟନ୍ତ ସ୍ୱାଭାବିକ କଥା।

ଆଲୋଚନାର ପରିସରକୁ ସଙ୍କୁଚିତ କରି, ସାମ୍ପ୍ରତିକ ସମୟରେ ସାରା ବିଶ୍ୱ ସମେତ ଆମ ଦେଶ ଭରତବର୍ଷ ବୈଶ୍ୱିକ ବିପଦ ମହାମାରୀ କରୋନା ବିପକ୍ଷରେ 'କର ଅବା ମର' ଲଢ଼େଇର ପୃଷ୍ଠଭୂମିରେ କେନ୍ଦ୍ରିତ କରି ଏକ ପରୀକ୍ଷଣ କରିବା ନିଶ୍ଚିତ ଭାବରେ ସମୀଚିନ ହେବା ସହିତ ସମୟୋଚିତ ମ ଧ ହେବ। କରୋନା ଭୂତାଣୁ ଜନିତ ମହାମାରୀ କୋଭିଡ-୧୯ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ତୃତୀୟ ବିଶ୍ୱ ସମ୍ମୁଖରେ ସବୁଠାରୁ ବଡ ସମସ୍ୟା ଭାବରେ ଉଭାହେଇ ଶତାବ୍ଦୀ ଶତାବ୍ଦୀ ଧରି ମଣିଷ ସଜାଡିଥିବା ପ୍ରତ୍ୟେକ ବ୍ୟବସ୍ଥାକୁ ଅପ୍ରମିତ ଭାବେ କ୍ଷତିଗ୍ରସ୍ତ କରିଚାଲିଥିବା ବେଳେ ଉନ୍ନତ, ଅନୁନ୍ନତ ଓ ପ୍ରଦତଶୀଳ ପ୍ରତ୍ୟେକ ରାଷ୍ଟ୍ର ତ୍ରାହି ତ୍ରାହି କରୁଛନ୍ତି। ସେତିକି ବେଳେ ପାଖାପାଖି ୧୩୫ କୋଟି ଜନସଂଖ୍ୟା ବିଶିଷ୍ଟ। ଧର୍ମନିରପେକ୍ଷ ଜନମଙ୍ଗଳକାରୀ ରାଷ୍ଟ୍ର ହିନ୍ଦୁସ୍ଥାନର ସରକାର ଜନସାଧାରଣଙ୍କ ଜୀବନକୁ ସୁରକ୍ଷିତ ରଖିବା ସହିତ ଏ ମହାସମରକୁ ଜିତିବା ପାଇଁ ଛାତିରେ ପଥର ଲଦି ନିଜର ବିକାଶଶୀଳ ଅର୍ଥନୀତିକୁ ଗୋଟାପଣ ବାଜିରେ ଲଗାଇ ଦେଇଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଶତ୍ରୁର ପ୍ରକାରଭେଦ ଅନୁସାରେ ଶସ୍ତ୍ର ଓ ସେନାର ସ୍ୱରୂପ ଭିନ୍ନଭିନ୍ନ ହୋଇଥାଏ। ହିନ୍ଦୁସ୍ଥାନ ପାଖରେ ପ୍ରଚୁର ମାତ୍ରାରେ ମହଜୁଦ ଥିବା ପରମାଣୁ କ୍ଷମତା ସମ୍ପନ୍ନ ସୁଦୂର ଲକ୍ଷଭେଦି କ୍ଷେପଣାସ୍ତ୍ର, ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର, ପ୍ରବଳ ପରାକ୍ରମୀ ଜଳ-ସ୍ଥଳ-ଆକାଶ ବାହିନୀ ଇତ୍ୟାଦିର ଉପଯୋଗ ଦ୍ୱାରା କୋଭିଡ-୧୯କୁ ପରାଭୂତ କରିବା ସମ୍ଭବପର ନୁହେଁ ବୋଲି ଜାତି ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଅର୍ଯ୍ୟାବର୍ତ୍ତ ସମେତ ସମଗ୍ର ବିଶ୍ୱ ଯା'ଭିତରେ ଖୁବ ଭଲଭାବରେ ବୁଝିସାରିଛି। ଡାକ୍ତର, ନର୍ସ, ପାରା ମେଡିକ ଷ୍ଟାଫ, ପୋଲିସ, ସଫାଇ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ. ଗଣମାଧ୍ୟମ ଓ ସମାଜସେବୀ ମାନେ ଏହି ମହାସଂଗ୍ରାମରେ ଉତ୍ସର୍ଗୀକୃତ ସେନାନୀ ସାଜି ନିଜନିଜର ଜୀବନକୁ ବିପନ୍ନ କରି ଆଗେଇ ଆସିଛନ୍ତି। ସେମାନଙ୍କୁ ନାରାୟଣ ସେନା କିମ୍ବା ତ୍ରାଣକର୍ତ୍ତା ବୋଲି ବିବେଚନା କରାଯାଉଥିଲା ବେଳେ ସେମାନଙ୍କ ଉପରକୁ ଢେଲାପଥର ମାଡ ଓ ଗୁଳିଚାଳନା ଭଳି ମରଣାନ୍ତକ ଆକ୍ରମଣ ଓ ବିଭିନ୍ନ ପ୍ରକାରର ଦୁର୍ବ୍ୟବହାର କରୁଥିବା ଲୋକମାନେ କେତେଦୂର ସାମାଜିକ ପ୍ରାଣୀ ତାହା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକମାନଙ୍କ ମନରେ ପ୍ରଶ୍ନ ଉଠୁଛି ଯେ, ଯେଉଁମାନେ ଡାକ୍ତର ଓ ନର୍ସମାନଙ୍କ ମୁହଁକୁ ଛେପ ପକାଇବା ସହ ଚିକିତ୍ସାଧୀନ ଥାଇ ମଧ୍ୟ ସେମାନଙ୍କୁ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରୁଛନ୍ତି, ସରକାରୀ ଖର୍ଚ୍ଚରେ ଡାକ୍ତରୀ ସୁବିଧା ସହ ଏକାନ୍ତବାସରେ ରହୁଥିବା ସମୟରେ ଅନ୍ୟ ରୋଗୀ ଓ ଡାକ୍ତରୀ ଦଳର ସଦସ୍ୟମାନଙ୍କୁ କରୋନା ସଂକ୍ରମିତ କରିବା ପାଇଁ ଡାକ୍ତରଖାନାର ସ୍ୱଚ୍ଛ ପରିବେଶ ଭିତରେ ଛେପ ପକେଇବା, ମଳମୂତ୍ର ତ୍ୟାଗ କରିବା ଓ ଜାଣିଶୁଣି ଅନ୍ୟ ରୋଗୀ ମାନଙ୍କର ଅତ୍ୟନ୍ତ ନିକଟବର୍ତ୍ତୀ ହେବା ଭଳି ଦୁଷ୍କର୍ମ ମାନ କରୁଚନ୍ତି ସେମାନଙ୍କୁ ସେଇ ପ୍ରକାରର ସାମାଜିକତା ସମ୍ବନ୍ଧୀୟ ଶିକ୍ଷା କେଉଁ ଧର୍ମ ପ୍ରଦାନ କରିଛି? ସାମାଜିକ ଦୂରତାକୁ ଯେତେବେଳେ ବୈଶିକ ମହାମାରୀ କୋଭିଡ-୧୯ କବଳରୁ ମାନବଜାତିକୁ ନିରାପଦ ରଖିବାର ଏକମାତ୍ର ପ୍ରମାଣିତ ଅବଲମ୍ବନ ବୋଲି ସମଗ୍ର ବିଶ୍ୱ ସ୍ୱୀକାର କରୁଛି ସେତିକିବେଳେ ହିନ୍ଦୁସ୍ଥାନର ସୁସଭ୍ୟ ସମାଜରେ କତିପୟ ଅସାମାଜିକ ତଥା ବିଧର୍ମୀ ମାନଙ୍କର ଏତାଦୃଶ କାର୍ଯ୍ୟକଳାପ ଗଣହ୍ୟା, ଧର୍ଷଣ, ଦେଶଦ୍ରୋହ ଇତ୍ୟାଦି ଭଳି ଦୋଷାବହ ଅପରାଧ ମାନଙ୍କ ଠାରୁ ନିସନ୍ଦେହରେ ଅଧିକ ଧର୍ତ୍ତବ୍ୟ। ମାନବ ଜାତିର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସେଇ ଅପରାଧୀ ମାନଙ୍କ ପ୍ରତି ତୁରନ୍ତ କଠୋରରୁ କଠୋରତମ ନ୍ୟାୟୋଚିତ ଦଣ୍ଡବିଧାନ କରାଯିବା ସହ ସେମାନଙ୍କୁ ଏ ପ୍ରକାରର ଅସାମାଜିକ ଆଚରଣ ଓ କାର୍ଯ୍ୟକଳାପ ପାଇଁ ପ୍ରବର୍ତ୍ତାଉଥିବା ଧର୍ମୀୟ ସଂଗଠନ ଗୁଡିକର ସ୍ୱାଧୀନତାକୁ ସୀମିତ କରିବା ନିହାତି ଜରୁରୀ ନୁହେଁକି?

ପୁନଶ୍ଚ, ବିଶ୍ୱର ସର୍ବପୁରାତନ ଧର୍ମ (ସନାତନ ଧର୍ମ) ଯୁଗେ ଯୁଗେ ପ୍ରମାଣିତ କରିଆସିଛି ଯେ, ଈଶ୍ୱର କେବଳ ମଣିଷ ହାତଗଢ଼ା ମନ୍ଦିର, ମସଜିଦ, ଗୀର୍ଜା, ଗୁରୁଦ୍ୱାର ଇତ୍ୟାଦି ଭିତରେ ଆବଦ୍ଧ ହେଇ ରହି ନଥାନ୍ତି; ବିଶ୍ୱ ବ୍ରହ୍ମାଣ୍ଡର ପ୍ରତିଟି ଅଣୁ ପରମାଣୁ ଭିତରେ ସେ ବିଦ୍ୟମାନ। ସର୍ବଶକ୍ତିମାନ ଓ ସର୍ବବିଦ୍ୟାମାନ ଈଶ୍ୱରଙ୍କର ସବୁଠାରୁ ପ୍ରିୟ ବାସସ୍ଥାନ ହେଉଛି ମଣିଷର ସ୍ୱଚ୍ଛ ହୃଦୟ ଏବଂ ସୁଖଶାନ୍ତି ଭରା ପରିବାର। ନଗଦ ସୃଷ୍ଟି ହେଇଥିବା କିଛି ଧର୍ମ, ଯାହାର ବିସ୍ତାର ପାଇଁ ସେଇ ଧର୍ମକୁ ଭଲଭାବରେ ବୁଝିନଥିବା କେତେକ ସଂଗଠନ ଯଦି ଈଶ୍ୱରଙ୍କ ସର୍ବବିଦ୍ୟମାନ ସ୍ୱରୂପ ବାବଦରେ ବୁଝି ନପାରି ତାଙ୍କର ସାନିଧ ପାଇବା ପାଇଁ ଗୋଟିଏ ଗୋଟିଏ ନିର୍ଦ୍ଧାରିତ ସ୍ଥାନରେ ବହୁସଂଖ୍ୟାରେ ଏକତ୍ରିତ ହେଇ ପୂଜା-ପ୍ରାର୍ଥନା କରିବାକୁ ସମୀଚନ ମନେ କରୁଛନ୍ତି। ସେତେବେଳେ ସେମାନଙ୍କୁ କେହି ଧର୍ମୀୟ ଭାବନାରେ ଈଶ୍ୱରଙ୍କ ଉପସ୍ଥିତି ସମ୍ବନ୍ଧରେ ବୁଝେଇବା ପାଇଁ ଆଗୁସାର ହେଲେ ଯେ କୌଣସି ସୁଫଳ ମିଳିଯିବ ସେମିତି ଭାବିବାକୁ ନିର୍ବୋଧତା ଭିନ୍ନ ଅନ୍ୟ କିଛି କୁହାଯାଇ ପାରିବନାହିଁ। ଏ କ୍ଷେତ୍ରରେ ଦୁଇଟି ଉପାୟ ଦୃଶ୍ୟମାନ ହୁଏ। ପ୍ରଥମଟି ହେଉଛି, ନିଜନିଜର ଧର୍ମାନ୍ଧତା ଓ ଅନ୍ଧବିଶ୍ୱାସ ସହ ସେମାନଙ୍କୁ ମରିବା ପାଇଁ ଛାଡି ଦିଆଯାଇ ଏବଂ ଦ୍ୱିତୀୟଟି ହେଉଛି, କୋଭିଡ-୧୯ ସଙ୍କଟରୁ ହିନ୍ଦୁସ୍ଥାନ ସମ୍ପୂର୍ଣ୍ଣ ମୁକୁଳି ସାରିବା ପର୍ଯ୍ୟନ୍ତ ସେମାନଙ୍କୁ କଳ-ବଳ-କୌଶଳ ଅବଲମ୍ବନରେ ସେଇ ପ୍ରକାର ମାନବତାବାଦ ବିରୋଧୀ କାର୍ଯ୍ୟକଳାପ ଓ ଧର୍ମ ନାମରେ ପାଳନ କରିବାରୁ ନିବୃତ୍ତ କରାଯାଉ। ପ୍ରଥମ ଉପାୟଟି କରୋନା ପୃଷ୍ଠଭୂମିରେ କୌଣସି ଦୃଷ୍ଟିରୁ ଗ୍ରହଣୀୟ ହେଉନଥିବାରୁ ଦ୍ୱିତୀୟଟି ସର୍ବୋତ୍କୃଷ୍ଟ ଅବଲମ୍ବନୀୟ ଉପାୟ ନିଶ୍ଚୟ।

ହରସିଂହପୁର, ପୀରହାଟ ବଜାର, ଭଦ୍ରକ
ଦୂରଭାଷ : ୯୯୩୭୫୪୮୪୩୧

# ସ୍ୱାସ୍ଥ୍ୟ ପାଇଁ ଶାକାହାର ଖାଦ୍ୟ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଜୀବ ଜଗତ କହିଲେ ଆମେ ମୁଖ୍ୟତଃ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ବୁଝିଥାଉ। ମଣିଷ ଯେପରି ପ୍ରାଣୀ ଜଗତରେ ଅନ୍ତର୍ଭୁକ୍ତ ସେହିପରି ଅନ୍ୟ ସମସ୍ତ ହିଂସ୍ର ବା ନିରୀହ ପଶୁପକ୍ଷୀ ମଧ୍ୟ ଏହି ପ୍ରାଣୀଜଗତରେ ଅନ୍ତର୍ଭୁକ୍ତ। ତେଣୁ ସେମାନଙ୍କର ଜୀବକୋଷ ଓ ମଣିଷର ଜୀବକୋଷ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ପ୍ରାଣୀମାନଙ୍କ ମଧ୍ୟରେ ମଣିଷ ସବୁଠାରୁ ଶ୍ରେଷ୍ଠ ଓ ବଳବାନ ଜୀବ ଓ ତା'ର ଇଛା ଏବଂ ରୁଚି ଅନୁସାରେ ସେ ନିଜର ଖାଦ୍ୟ ଗ୍ରହଣ କରେ। ଏହି ଖାଦ୍ୟ ଆମିଷ କିମ୍ବା ନିରାମିଷ ହୋଇପାରେ। ଆବହମାନ କାଳରୁ ସବୁ ସମୟରେ ଆମିଷ ଖାଇବା ପାଇଁ ଆପତ୍ତି ରହିଛି, ତେବେ ମାଛ, ମାଂସ ଖାଇବାରେ ଏତେ ଦୋଷ କାହିଁକି? ଏହି ପ୍ରଶ୍ନର ଉତ୍ତରରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ଶରୀର, ମନ ଓ ଜୀବନ ପକ୍ଷରେ ଯଦି ଆମିଷ ଖାଦ୍ୟ ଭଲ ହୋଇଥାଆନ୍ତା ତେବେ ଏତେ ଆପତ୍ତି କାହିଁକି? ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ। ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ। ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ। କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଂଜ୍ଜିବୀତ। ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଞ୍ଚିବା ପାଇଁ ସଂଗ୍ରାମରତ। ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ। ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତ୍ତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିତୋଳେ। ଏହାଦ୍ୱାରା ସାମୟିକ ଶାରିରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଞ୍ଚଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟ-କ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ। ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଞ୍ଚିବା ପାଇଁ ସଂଗ୍ରାମ କରିବାକୁ ହୁଏ। ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ। କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଭେଜିଟେବ୍‌ଲ ଓ ଫ୍ଲେଶ (ମାଂସ) ଶବ୍ଦ ଦୁଇଟିର ଧାତୁଗତ ଅର୍ଥ ସମୀକ୍ଷା କରି କହିଲେ - ଭେଜିଟେବ୍‌ଲମାନେ ଜୀବନ୍ତ କରିତୋଳିବା ଓ ଫ୍ଲେଶର ସେମିତି କୌଣସି ଅର୍ଥ ନାହିଁ। ଆମେ ଯେଉଁ ମାଛ, ମାଂସ (ଛେଳି, ମେଣ୍ଢା ଓ କୁକୁଡା) ଇତ୍ୟାଦି ଖାଉ ତାହା ଆମ ଶରୀର ପକ୍ଷରେ ସୁସଙ୍ଗତ ନୁହେଁ। ଆଉ ସୁସଙ୍ଗତ ନ ହେଲେ ତାହା ଆମକୁ ପୋଷଣ ଦିଏନାହିଁ। ଏ ସବୁ ଖାଦ୍ୟ ଖାଇଲେ ଆମର କ୍ଷତି ହୁଏ, ଆୟୁଷ କ୍ଷୟ ହୁଏ। ନିରାମିଷ ଆହାରରେ ଶକ୍ତି ବଢ଼େ ଓ ଏହି ଶକ୍ତି ଆମ ପକ୍ଷରେ ସୁସମଞ୍ଜସ୍ୟ। ଯେଉଁ ପ୍ରାଣୀ ନିମିତ୍ତ ଯେଉଁ ଖାଦ୍ୟ ସୁସମଞ୍ଜସ୍ୟ ଓ ସୁସଙ୍ଗତ ତାହା ଗ୍ରହଣ କରିଲେ ଶରୀରରେ ପୁଷ୍ଟି ହୁଏ। ଉଦାହରଣ ସ୍ୱରୂପ - ହାତୀ, ଗାଈ, ଗୋରୁ, ମେଣ୍ଢା ଇତ୍ୟାଦି ପ୍ରାଣୀମାନେ ଘାସ ଖାଆନ୍ତି ଓ ସେଥିରେ ହିଁ ସେମାନଙ୍କର ପୁଷ୍ଟି। କତିପୟ ଚିକିତ୍ସକ ମନୁଷ୍ୟକୁ ଆମିଷ ଆହାର କରିବାକୁ କହିଥାନ୍ତି। ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ଏହି ସବୁ ମତାମତ ନିଜର ବୁଝିବା ଉପରେ ନିର୍ଭର କରେ। ଯାହାର ଯେପରି ବୁଝିବା ସେମାନେ ସେହିପରି ମତ ଦେଇଥାନ୍ତି। ଏପରି ହୋଇପାରେ ଯେ ଚିକିତ୍ସକମାନେ ସ୍ୱାଦ ଓ ଲୋଭର ବଶବର୍ତ୍ତୀ ହୋଇ ଏହା କହିଥାଇପାରନ୍ତି। କିନ୍ତୁ ଥରେ ବୁଝିବା ଠିକ୍ ହେଲେ ନିରାମିଷ ଖାଦ୍ୟ ଶରୀର ପକ୍ଷେ ଯେ ମଙ୍ଗଳକର ଏହା ମଧ୍ୟ ସେମାନେ କହିପାରନ୍ତି। ଅନେକ ବ୍ୟକ୍ତି ପ୍ରଶ୍ନ କରନ୍ତି - ମାଛ, ମାଂସ ଯଦି ଆମ୍ଭେମାନେ ନଖାଇବୁ, ତାହାଲେ ଭଗବାନ କାହିଁକି ଏସବୁ ସୃଷ୍ଟି କରିଛନ୍ତି? ଏହା ଉତ୍ତରରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମନେକର ତୁମ ଜମିରେ ପକ୍ଷୀମାନେ ଆସି ବସୁଛନ୍ତି, ତୁମେ ସେଗୁଡ଼ିକୁ ମାରିଦେଲ। ପକ୍ଷୀମାନେ ତୁମ ଜମିର ପୋକଜୋକ ଖାଉଥିଲେ, ଏବେ ତାଙ୍କ ଅନୁପସ୍ଥିତିରେ ଜମିରେ ପୋକ ଭର୍ତ୍ତି ହୋଇଗଲା। ସେତେବେଳେ ସେହି ପୋକଭରା ଜମିର ଫସଲ ଖାଇ ପେଟ ଖରାପ ହେଲା। ନାନା ପ୍ରକାର ପୋକଜୋକ ଓ ଛେଳି, ମେଣ୍ଢା ଇତ୍ୟାଦିକୁ ଭଗବାନ ମଣିଷର ଉପକାର ପାଇଁ ହିଁ ସୃଷ୍ଟି କରିଛନ୍ତି। ମଣିଷ ପାଇଁ ଧାନ, ଚାଉଳ ଓ ପନିପରିବା ଇତ୍ୟାଦି ସୃଷ୍ଟି କରିଛନ୍ତି। ଆମିଷାହାରୀ ମାନଙ୍କର କୌଣସି ରୋଗ-ବିରାଗ ହେଲେ ଶରୀର ଯେତେ ଗଭୀର ଭାବେ କ୍ଷତିଗ୍ରସ୍ତ ହୁଏ ନିରାମିଷାଶୀଙ୍କ ତଦ୍‌ଜାତୀୟ ଅସୁସ୍ଥତା ହେଲେ ମଧ୍ୟ ଶରୀର ଏତେଟା କ୍ଷତିଗ୍ରସ୍ତ ହୁଏନାହିଁ। ଆମିଷରୁ ବାହାରୁଥିବା ଟକ୍ସିନ୍ ସ୍ନାୟୁକୁ ଉତ୍ତେଜିତ କରେ, ସହନ-ବହନ କ୍ଷମତା କମିଯାଏ, ସ୍ନାୟୁ ଅପଟୁ ଓ ସାମ୍ୟ ସଙ୍ଗତିହରା ହେଲେ ଅହମିକା, କ୍ରୋଧ, ହିଂସା ଓ ଅସହିଷ୍ଣୁତା ବଢ଼ିଉଠେ। ଦୁଗ୍ଧ ଆମିଷ ଖାଦ୍ୟ ହେଲେ ମଧ୍ୟ କ୍ଷତିକାରକ ନୁହେଁ। କାରଣ ଦୁଗ୍ଧ ପେଟରେ ଯାଇ ଲାକ୍‌ଟିକ୍ ଏସିଡ଼୍ ବ୍ୟାସିଲସ୍ ହୁଏ ଓ ବ୍ୟାସିଲସ୍‌ମାନେ ନିରାମିଷ କୋଷ। ବ୍ୟାକ୍ଟେରିଆମାନେ କିନ୍ତୁ ଆନିମଲ୍ ସେଲ୍। ଭେଜିଟେବଲ ସେଲ ଆନିମଲ୍ ସେଲ ତୁଳନାରେ କମ୍ ଜୀବନୀ ଶକ୍ତି ସମ୍ପନ୍ନ। ତେଣୁ ସେମାନେ ଶରୀରରେ ଯାଇ ସଞ୍ଜିବୀତ ହେବାକୁ ଚାହାଁନ୍ତି। ସେମାନଙ୍କ ସହିତ ଦେହ କୋଷର ମଧ୍ୟ ବିରୋଧ କମ୍ ହୁଏ। ତେଣୁ ଶରୀରର ଜୀବନ୍ତ କୋଷ ଗୁଡ଼ିକ ବେଶୀ ପୋଷଣ ପାଆନ୍ତି। ନରହତ୍ୟା ଶବ୍ଦରେ ଆମ୍ଭେମାନେ ଆତଙ୍କିତ ହୋଇଉଠୁ କିନ୍ତୁ ଜୀବ ହତ୍ୟା ସମୟରେ ଆମକୁ କଷ୍ଟ ହୁଏନାହିଁ। ଏହିପରି ସହାନୁଭୂତିହୀନ ହୋଇ ପ୍ରବୃତ୍ତି ସ୍ୱାର୍ଥରେ ମଣିଷକୁ ହତ୍ୟା କରିବା ପାଇଁ ମଧ୍ୟ ମଣିଷକୁ କଷ୍ଟ ହୁଏନାହିଁ। ମଣିଷର ଦନ୍ତକୁ ଭଗବାନ ତୃଣ ଜାତୀୟ ଖାଦ୍ୟ ଖାଇବା ପାଇଁ ଗଢ଼ିଛନ୍ତି। ବାଘ, କୁକୁର ଇତ୍ୟାଦି ମାଂସାଶୀ ପ୍ରାଣୀମାନଙ୍କ ଭଳି ମନୁଷ୍ୟର ଶ୍ୱାନଦନ୍ତ ନାହିଁ। ବରଂ ମଣିଷର ଶ୍ୱାନଦନ୍ତ ଗାଈ, ଘୋଡ଼ା ସହିତ ସମାନ। ବଡ଼ ବଡ଼ ଚିକିତ୍ସକ ଓ ବୈଜ୍ଞାନିକମାନେ ମଧ୍ୟ ନିରାମିଷ ଆହାର ସପକ୍ଷରେ ଅନେକ କଥା କହିଛନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋର ମନେହୁଏ ଯେଉଁମାନେ ଉନ୍ନତର ଜୀବନ ଯାପନ କରିବାକୁ ଚାହାଁନ୍ତି ଓ ସୁସ୍ଥ ଦେହରେ ସ୍ୱଚ୍ଛନ୍ଦ ମନରେ କ୍ରମାଗତି ନେଇ କଠୋର ପରିଶ୍ରମ କରିବାକୁ ଚାହାଁନ୍ତି ସେମାନେ ନିରାମିଷ ଖାଇବା ହିଁ ଉଚିତ ଓ ଗୋଟିଏ ଜୀବନର ଚେତନା ପ୍ରଗତିକୁ ରୁଦ୍ଧକରି ଆମିଷ ଭକ୍ଷଣ କରିବା ଅନୁଚିତ।

*ବିଭାଗୀୟ ମୁଖ୍ୟ*
*ହେପାଟୋଲୋଜି ବିଭାଗ*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*

## ଅପୈଶୁନମ : -

ପାଣି ବହୁତ କୋମଳ ହୋଇଥାଏ ତଥାପି ମଧ୍ୟ ଏହାର ସତତ ପ୍ରଭାବ ଫଳରେ ଶିଳାର ବଡ ବଡ ଖଣ୍ଡ ଭାଙ୍ଗି ଯାଇଥାଏ। ସେହିଭଳି ଚୁଗୁଲି ବା ନିନ୍ଦାକୁ ବାରମ୍ବାର ଶୁଣି ସତଜନଙ୍କର ବୃଦ୍ଧି ମଧ୍ୟ ବଦଳି ଯାଇଥାଏ। କୁହାଯାଇଛ :- ମୃଦୁ ନା ସଲିଳେନଂ ହନ୍ୟମାନାନ୍ୟବ ଧୃପ୍ୟନ୍ତି ଗିରେରପି ସ୍ଥଳାନି।

ଉପଜାପ ବିଂଦା ଚ କର୍ଣ୍ଣଜାପୈଃ କିମୁ ଚେତାଂସି ନୁ କୋମଳାନି ମାନବାନାମ୍।।

ଶୁଣିଥିବା କିମ୍ବା ଦେଖିଥିବା କଥାକୁ ନିଜ ଭିତରେ ପଚାଇବା ବା ହଜମ କରିବା ଏବଂ ଅନ୍ୟ କୌଣସିକୁ ନ କହିବାର ମାନେ ଅପୈଶୁନମ୍। ଏହା ଏକ ବିକଟ ସାଧନା ଅଟେ। ସାଧାରଣତଃ ଯେଉଁ ବ୍ୟକ୍ତିକୁ କହିବ ଏ କଥା କାହାକୁ କହିବ ନାହିଁ ଦେଖିବେ ସେହି କଥା ତୀବ୍ର ଗତିରେ ଚାରିଆଡେ ବ୍ୟାପି ଯାଇଥିବ। ଜଣେ ଅନ୍ୟ ଜଣଙ୍କୁ ଫୋନ କରି ପଚାରିବେ ଆରେ ତୁ ଶୁଣିଛୁ? ଆରେ ତୋତେ ଜଣାନାହିଁ? ଏହି ଲୋକଙ୍କୁ ବାସ୍ତବରେ ସମାଜରେ ଶାନ୍ତି ବରଦାସ୍ତ ହୁଏନା। ସମାଜରେ ଅଶାନ୍ତି ସୃଷ୍ଟି କଲେ ସେମାନଙ୍କୁ ଶାନ୍ତି ମିଳିଥାଏ।

ସ୍ୱାମୀ ଶିବାନନ୍ଦଜୀ ମହାରାଜ ସବୁବେଳେ କୁହନ୍ତି ମୁଁ ମୋର ଶିଷ୍ୟମାନଙ୍କ ଉପରେ ଅପେକ୍ଷା ରଖେ ସେମାନେ କେବେହେଲେ ନିଜର ସମୟକୁ ଅନ୍ୟର ଆଲୋଚନା ନିନ୍ଦା ଇତ୍ୟାଦିରେ ନ ବିତାଇ ନିଜ କାର୍ଯ୍ୟରେ ଧ୍ୟାନ ଦେବେ। ସେମାନଙ୍କୁ ବିସ୍ତୃତ ମନ ଓ ଦୃଷ୍ଟିକୋଣ ରଖିବା ସହିତ ନିଜକୁ ସନ୍ତୁଳିତ ରଖିବା ଆବଶ୍ୟକ। କ୍ଷମା, ସହନଶୀଳତା ଇତ୍ୟାଦି ଗୁଣ ବିକଶିତ କରିବା ଉଚିତ। ଅନ୍ୟର ଦୋଷକୁ ପଚାଇବା ଶିଖିବା ଦରକାର। ନିନ୍ଦା ସଦୈବ ଅନୁଚିତ ଅଟେ। ଯେଉଁ ବ୍ୟକ୍ତି ଅନ୍ୟର ଦୋଷକୁ ଢୋଲ ବଜାଇ ଉଜାଗର କରିଥାଏ ସେ ରାକ୍ଷସ ପ୍ରବୃତ୍ତିର ଅଟେ। ସାଧୁର ସ୍ୱଭାବ ଛୁଞ୍ଚି ଭଳି ହେବା ଉଚିତ। ଯେ କଣାକୁ ବନ୍ଦ କରିପାରେ ମାତ୍ର କଇଁଚି ପରି କାଟି ବଡ କରିବା ସାଧୁର ସ୍ୱଭାବ ନୁହେଁ। ସେଥିପାଇଁ ସନ୍ଥ ଲୋକ ଗାଇଛନ୍ତି :-

ନିନ୍ଦା କିସିକା ହମ କିସିସେ ଭୁଲକର ଭି ନ କରେ
ଦିବ୍ୟ ଜୀବନ ହୋ ହମାରା ତେରେ ଯଶ ଗାୟା କରେ।।

ଓଡ଼ିଆରେ ଏହାକୁ ଲେଖିବା -
ନିନ୍ଦା କାହାର ଆମେ କାହାକୁ ଭୁଲରେ କେବେ କହିବା ନାହିଁ।
ଦିବ୍ୟ ଜୀବନକୁ ଆପଣେଇ ନେବା ଅନ୍ୟର ଗୁଣ ଗାଇବା ପାଇଁ।।

ଚାଲନ୍ତୁ ତେବେ ଏହି କଥାକୁ ଅନୁସରଣ କରି ଦୈବୀସମ୍ପଦା 'ଅପୈଶୁନମ୍' କୁ ହାସଲ କରି ନିଜ ଭିତରେ ଦିବ୍ୟତାକୁ ଅନୁଭବ କରିବା
ଓଁ ନମୋ ନାରାୟଣ

(କ୍ରମଶଃ)



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

ଅନୁବାଦ- ଉପାଲୀ ଦାଶ






# ସମ୍ପର୍କର ସୂତାଖିଅ

**ଘ**ରସାରା ଗୋଟେ ଥମ୍ ଥମ୍ କାନ୍ଦୁରା ପରିବେଶ, ସତେକି ହୃଦୟ ବିଦାରକ ଦୁଃଖଦ ଘଟଣାଟେ କେବଳ ସେ ଘରକୁ ନୁହେଁ, ସାରା ପୃଥିବୀକୁ ଆକ୍ରାନ୍ତ କରି ପକାଇଛି ! ଘରର କାନ୍ଥବାଡଠୁ ଆରମ୍ଭ କରି ଗଛର ଡାଳପତ୍ର ପର୍ଯ୍ୟନ୍ତ ସବୁଆଡେ ଲେସି ହୋଇଯାଇଛି ଅଦୃଶ୍ୟ ଶୋକର ବହଳ ରଙ୍ଗ। ସେ ଶୋକର ସୁଅରେ ଭାସି ଯାଉଥିଲେ ଚାରିପ୍ରାଣୀ କୁଟୁମ୍ବ। କିଛି ଗୋଟିଏ ଅମୂଲ୍ୟ ଦରବ ହଜେଇ ଦେବାପରି ସୁରେନ୍ଦ୍ରବୋଉ ବସିଥିଲା ଲଂଘାରେ। ତା ଲୋଚାକୋଚା ଗାଲର କାନ୍ଥ ଉପର ଦେଇ ଝରି ଯାଉଥିଲା ଧାରଧାର ଲୁହ। ପଞ୍ଚାବନ ବର୍ଷର ତା' ପତଳା ଭଙ୍ଗା ଦେହ ପେଶି ହୋଇଯାଉଥିଲା ସଜ୍ଞାତୀତ ଏକ ଯନ୍ତ୍ରଣାରେ।

ବଡ଼ ଭଉଣୀ ମାମିନା ରୋଷେଇ ଘର ବାରଣ୍ଡାରେ ଠିଆ ହୋଇ ସୁଁ ସୁଁ ହୋଇ କାନ୍ଦୁଥିଲଶ। ଟିକେ ଦୂରରେ ବିଷଦ ଜର୍ଜରିତ ମୁହଁ ନେଇ ବସିଥିଲେ ସନାତନ। ତାଙ୍କ ମୁହଁ ଉପରେ ଘନୀଭୂତ ହୋଇଥିବା ବିକଳତା ଆଉ ବିମର୍ଷଭାବ ଦେଖିଲେ ବୁଝି ହେଉଥିଲା ଯେ ତାହା ହିଁ ଜଣେ ଦୁଃଖୀ ମଣିଷର ଏକମାତ୍ର ସଂଜ୍ଞା ଓ ପରିପ୍ରକାଶ।

ସେଦିନ ସୁରେନ୍ଦ୍ର ଯାଉଥିଲା କଟକ। ରେଭେନ୍ସା କଲେଜରେ ତା'ର ନାମ ଲେଖା ହୋଇ ସାରିଥିଲା। ତାଙ୍କ ଗାଁ'ର ପ୍ରଭାକର ଭାଇ ଯିଏ କି କଟକ ନୂଆବଜାରରେ ଗୋଟେ ଲୁହା ଢଳେଇ କାରଖାନାରେ ମିସ୍ତ୍ରୀ କାମ କରୁଥିଲେ, ଆଠଦଶଦିନ ପୂର୍ବେ ତାଙ୍କ ସହିତ ଯାଇ ସୁରେନ୍ଦ୍ର ଆଡ୍‌ମିଶନ କରି ଫେରିଥିଲା।

ଦୁଇଟା ବ୍ୟାଗରେ ବୋଉ ଭର୍ତ୍ତି କରିଥିଲା ତା' ଲୁଙ୍ଗି, ତଉଲିଆ, ଚୁଡା, ମୁଢ଼ି, ନଡିଆ, ମହାଦେବଙ୍କ ଫଟୋ, ଜଗନ୍ନାଥଙ୍କ ନିର୍ମାଲ୍ୟ। ସୁରେନ୍ଦ୍ର ପ୍ୟାଣ୍ଟସାର୍ଟ ପିନ୍ଧି ବାହାରିବା ବେଳେ ବୋଉର ଛାତି ଫଟେଇ ବାହାରି ଆସିଲା ଗୋଟେ କୋହ। ସମସ୍ତ ଦୁଃଖ ଓ ରିକ୍ତତା ଚାହୁଁଚାହୁଁ ବିଶାଳକାୟ ଆକାର ଧାରଣ କରି ଗୋଟେପଣେ ଗିଳିପକାଇଲା ତାକୁ।

"-ବାଇଆରେ ! ତା' ମୁଣ୍ଡକୁ ସ୍ନେହରେ ଆଉଁସି ଦେଇ ବୋଉ କାନ୍ଦି କାନ୍ଦି କହିଲା, -"କୋଉଦିନ ଏକୁଟିଆ ରଘୁନାଥପୁର ରାହାମା ବଜାରକୁ ବି ଛାଡିନାଇଁ। ଆଜି ଦୂର ବିଦେଶ ଯାଗାକୁ ଯାଉଛୁ। ମୋ ବାପଟା ପରା, ଦେହ ପା'କୁ ଟିକେ ଜଗିରଖି ଚଳିବୁ। କାହା ସାଙ୍ଗରେ ତେରିମେରି ହେବୁ ନାଇଁ। ଖରାରେ ତରାରେ ବେଶୀ ସମୟ ବୁଲିବୁ ନାଇଁ...

ବୋଉ ଆଖିର ଲୁହ ସଂକ୍ରମିତ ହୋଇଯାଉଥିଲା ସୁରେନ୍ଦ୍ର ଆଖିକୁ। ଘୂନ୍ଦାଳି ହୋଇଯାଉଥିଲା ତା ଛାତି।

-'ବାପରେ, ଗାଡ଼ିମଟର ଦେଖି ଚାହିଁ ଯା' ଆସ କରୁଥିବୁ। ବିଦେଶ ଜାଗା, ଗାଧୋଇଲା ବେଳେ ମୁଣ୍ଡରେ ବେଶୀ ପାଣି ଢାଳିବୁନି। ତୋର ଥଣ୍ଡା ଦିହ। ପାଣି ଧରି ପକେଇବ। ସକାଳୁ ଉଠି ଚୁଡାଚିନି ଗଣ୍ଡେ ଖାଇ ଯୁଆଡେ ବାହାରିବୁ...।'

ଠପ୍ ଠପ୍ ଲୁହ କେଇବୁନ୍ଦା ଖସି ପଡୁଥିଲା ସୁରେନ୍ଦ୍ର ଆଖିରୁ। ତା'ର ଇଚ୍ଛା ହେଉଥିଲା ବୋଉକୁ କୁଣ୍ଢାଇ ଧରି ଭେଁ ଭେଁ କାନ୍ଦି ପକାନ୍ତା ! କାନ୍ଦିକାନ୍ଦି ଝାଡ଼ି ପକାନ୍ତା ମନ ଭିତରେ ଘନୀଭୂତ କୋହ ଓ ଲୁହ।

"ହପ୍ତାକୁ ଥରେ ଭଲମନ୍ଦ ଜଣାଇ ଚିଠି ଖଣ୍ଡେ ଖଣ୍ଡେ ଲେଖିବୁ। ନଇଲେ ପରଭା ହାତରେ ବାତିନି ପଠାଇବୁ। ଶନିବାର ରବିବାର ଛୁଟିଦିନ ଦେଖି ଘର ଆଡ଼େ ଟିକେ ମୁହଁ ମାରିଦେଇ ଯାଉଥିବୁ...।"

ବୋଉର ପରାମର୍ଶର ଦୈର୍ଘ୍ୟ ଲମ୍ବି ଲମ୍ବି ଯାଉଥିଲା। ପ୍ରଭାକର ଭାଇଙ୍କୁ ଚାହିଁ କାନ୍ଦି କାନ୍ଦି କହିଲା- "ପରଭାରେ, ମୋ ପୁଅ ତତେ ଲାଗିଲା। ବିଦେଶ ଜାଗାରେ କେମିତି ସେ ଚଳିବ, ସେଇକଥା ଭାବି ଭାବି ରାତିରେ ମତେ ନିଦ ହେବ ନାହିଁ।

ମୋ ବାପଟା ପରା ତାକୁ ଟିକେ ନିଘା ରଖିଥିବୁ...।

ଡେରି ହୋଇଯାଉଛି ବୋଲି ତରତର ହେଉଥିଲେ ପ୍ରଭାକର ଭାଇ। ବୋଉକୁ ଆଶ୍ୱାସନା ଦେଇ କହିଲେ- "କାଇଁକି ତୁ ବ୍ୟସ୍ତ ହେଉଛୁ ଖୁଡୀ ? ସେ'ତ ମେସ୍‌ରେ ରହିବ। ପ୍ରତି ରବିବାର ମୁଁ ଯାଇ ତା' ଆଡକୁ ଘେରାଏ ବୁଲି ଆସିବିନି !

ବୋଉ କହିଲା- "ସୁରିଆରେ, ଯା' ଠାକୁର ମନ୍ଦିରରେ ମୁଣ୍ଡିଆମାରି, ନନାଙ୍କ ଆଶୀର୍ବାଦ ଆଣି ଆ।"

ଠାକୁରଙ୍କୁ ମୁଣ୍ଡିଆମାରି, ସୁଦର୍ଶନ ନନାଙ୍କ ଆଶୀର୍ବାଦ ଆଣି ଫେରୁଥିବା ସମୟରେ ଗାଁ' ଦାଣ୍ଡରେ ଦେଖାହୋଇଗଲା ନକୁଳ ଅଜାଙ୍କ ସହିତ। ତାକୁ ତଳେଇକି ଚାହିଁ ନକୁଳ ଅଜା ପଚାରିଲା "ତମେ କିଏ କି ବାବୁ ? ଆମ ସନାତନ ବାବୁଙ୍କ ପୁତ୍ର ସୁରେନ୍ଦ୍ରବାବୁ ଟି !"

"କାଇଁ, ଚିହ୍ନିପାରୁନା କି ଅଜା ? ଚଷମା ଲଗାଉନ ଆଖିରେ ? -ଥଟ୍ଟାରେ ଉତ୍ତର ଦେଲା ସୁରେନ୍ଦ୍ର।

ଚିହ୍ନିବି କେମିତି ? କାଲି ଲଙ୍ଗଳା ହୋଇ ଦାଣ୍ଡରେ ଡେଉଁଥିଲୁ। ଆଜି ଫୁଲପ୍ୟାଣ୍ଟ ସାର୍ଟ ପିନ୍ଧି ଫୁଲ୍‌ବାବୁଙ୍କ ପରି ସହର ବାହାରିଲୁଣି। କେମିତି ଚିହ୍ନିବି ? ମୋ ଆଖି ତ ଟେରା ହୋଇଯାଉଛି ! କ'ଣ ବାପ, କଟକରେ ପଢ଼ିଲୁ ପରା ! ଆଜି ଯାଉଛୁ କି ? -ପଚାରିଲା ନକୁଳ ଅଜା।

- ହଁ, ଆଜି ଯାଉଛି। ମନ୍‌ଡେ କଲେଜ ଖୋଲିବ।

-କ'ଣଟା ଖୋଲିବ ?

-ସୋମବାର କଲେଜ ଖୋଲିବ। ଯାଉଛି ଅଜା, ନମସ୍କାର।

'ବୁଢ଼ାଟିଏ ହୋଇଥା !' -ଚିରାଚରିତ ଢଙ୍ଗରେ ଆଶୀର୍ବାଦ ଦେଇ ନକୁଳ ଅଜା ହସିଲା ଏକ ଅବୁଝା ହସ।

ସେ'ଠୁ ଫେରି ବାପା, ବୋଉଙ୍କୁ ପ୍ରଣାମ କରି ସୁରେନ୍ଦ୍ର ଯେତେବେଳେ ଘରୁ ଗୋଡ଼ କାଢ଼ିଲା, ବୋଉ କାନ୍ଦିଲା ଅସମ୍ଭାଳ ହୋଇ। ମାମିନା ଅପା ତାକୁ ବୁଝେଇ ଶୁଝାଇ ବୋଧ କରିବା ପରେ ହାତରେ ଦୁଇଟି ବ୍ୟାଗ ଓହଳାଇ ସନାତନ ରାସ୍ତାଯାଏ ଚାଲିଲେ ପୁଅକୁ ବଳେଇ ଦେବାକୁ। ମଠସାହି ଗାଁ' ବାଙ୍କ ଯାଏ ସୁଁ ସୁଁ କାନ୍ଦି ବୋଉ ଆସୁଥିଲା ତା' ପଛେ ପଛେ। ସୁରେନ୍ଦ୍ର ଆଖିରେ ଲହଡି ଭାଙ୍ଗୁଥିଲା ଲୁହ। ତାକୁ ସବୁ ଦେଖାଯାଉଥିଲା ଅସ୍ପଷ୍ଟ, ଜାଲୁ ଜାଲୁଆ। ସେ ଲୁହଧୁଆ ମୁହଁରେ ଫେରି ଚାହିଁଲା। ବୋଉ ଠିଆ ହେଇଥିଲା ଓସ୍ତ ଗଛ ମୂଳରେ। ତାକୁ ଏକ ଲୟରେ ଚାହିଁ। ଲୁଗା କାନିରେ ଆଖି ପୋଛୁଥିଲା। ଠପ୍ ଠପ୍ ଲୁହ କେଇବୁନ୍ଦା ଖସିପଡିଲା ସୁରେନ୍ଦ୍ର ଆଖିରୁ। ସେ ପୁଣି ପଛକୁ ଚାହିଁଲା। ସେ'ଠି ବୋଉ ଠିଆ ହୋଇଥିଲା ଦୁଃଖ ଓ ଶୋକର ଏକ ପ୍ରତିମୂର୍ତ୍ତି ଭଳି।

ପୋଡ଼ାକାନ୍ଥି ଗାଁ'ର ବାଙ୍କ ବୁଲିଲା ବେଳକୁ ବୋଉ ଆଉ ଦେଖାଗଲା ନାଇଁ। ତାଙ୍କ ଗାଁ ଆଉ ଦେଖାଗଲା ନାଇଁ। ବୋଉ ଓ ଗାଁ ଧୀରେ ଧୀରେ ଅଦୃଶ୍ୟ ହୋଇ ମିଶିଯାଇଥିଲେ ଦିଗ୍‌ବଳୟରେ।

ଜନ୍ମର ଷୋହଳ ବର୍ଷଯାଏ ଗାଁର ଅନ୍ତରଙ୍ଗ କୋଳରେ ବଢ଼ି ଆସିଥିବା ସୁରେନ୍ଦ୍ର ସହରରେ ପହଞ୍ଚି କାନ୍ଦ କାନ୍ଦ ହେଲା। ସତେକି ଗୋଟେ ଅଗ୍ନା ଅଗ୍ନି ବନସ୍ତ ଭିତରେ ଆସି ପହଞ୍ଚି ଯାଇଛି, ସେହିପରି ଅନୁଭବ କଲା। ହଷ୍ଟେଲରେ ସିଟ୍ ନ ମିଳିବାରୁ ଗୋଟିଏ ମେସ୍‌ରେ ରହିଲା ତିନିଚାରିଜଣ ପିଲାଙ୍କ ସହିତ ମିଶି।

ଦୁଇଚାରିଦିନକେ ଥରେ ପଳାଇ ଆସେ ଗାଁ'କୁ। ଦି ଚାରିଦିନ ରହୁରହୁ ଆଠଦଶ ଦିନ ରହିଯାଏ। ଗାଁ'ର ରଘୁ, ପଦିଆ, ଗଗନା, ବାଆଜି ଆଦି ସାଙ୍ଗଙ୍କ ଆକର୍ଷଣ ତାକୁ ଭିଡି ଧରେ। ଆମ୍ବତୋଟା ଆ' ଆ' ବୋଲି ଡାକେ। ଦାଣ୍ଡ ପୋଖରୀ ମତେ ଛୁଁ... ମତେ ଛୁଁ ବୋଲି କୁହାଟ ମାରେ। ସନାତନ ବିରକ୍ତି ହୁଅନ୍ତି। ପୁଅର ମନ ଜାଣି ବୋଉ କୁହେ, "ଛୁଆଟର ମନ ଲାଗୁନାଇଁ ବିଦେଶରେ। ରହୁ ଆଉ ଦି' ଚାରିଦିନ ! କଲେଜରେ ତେଣେ ପର୍ସେଣ୍ଟେଜ୍ କମିଯାଏ ଉପସ୍ଥାନରେ। ପାଠପଢ଼ା ଆଗେଇଯାଏ। ହେଲେ ଗାଁ' ନିଶା ଛାଡ଼େନା ତା'ର।

(କ୍ରମଶଃ)



## ଇତି

**ବନାନୀ ରାଉତ**



**ମୋ** ଭିତରେ ନିଃଶବ୍ଦ ଶୂନ୍ୟତା
କୋଳାହଳ ଭିତରେ ବି ଏକାକୀତ୍ୱ
ଜୀବନ ଜୀଇଁବାରେ ଅସମ୍ଭବ ନିରବତା
ନୀରବତା ଭିତରେ ବି ତୁମେ
ତୁମର ସେ ସ୍ନେହ, ପ୍ରେମ, ଘୃଣା
ତୁମେ କେମିତି ଯେ
ଅହଂ ଟିକକକୁ ଫୋପାଡୁ ଥିଲା
ନେସି ହୋଇ ଯାଉଥିଲା
ମୋ ଭିତରେ
ମୋ ଅଭିମାନ ତୁ ଅହଂ
ଜୀଇଁବାକୁ ଦେଉ ନଥିଲା
ତୁମେ ଚାଲିଗଲା ପରେ
ଭାବିଥିଲି ବଞ୍ଚିବି ନିଜ ପାଇଁ
ହେଲେ ମୋ ନୀରବତା
ଶୋଷିହୋଇ ଯାଉଛି
ପ୍ରାପ୍ତି ଅପ୍ରାପ୍ତି ମୋ ଭୁଲ ଠିକ କୁ
ତୁମେ ଚାଲିଗଲା ମୋତେ ହରାଇଦେଇ



ଛିଟିକି ପଡିଛି ମୋ ଅବଶିଷ୍ଟଅଂଶ
ବଞ୍ଚିବାର ସ୍ୱପ୍ନ ସ୍ଥାଣୁ ହୋଇ ବିଦ୍ରୁତ
କରୁଛି ମୋତେ, ଟୋପାଏ ଲୁହ
ଆଉ ମୁଠିଭର୍ତ୍ତି କୋହ
ଭିଜୁଛି ମୋ କ୍ଷତାକ୍ତ ସ୍ପନ୍ଦନ
ଲିଭିଗଲା ଶୂନ୍ୟତାର ସଙ୍ଗୀତ
ସରିଗଲା ଦିଗହଜା ଅବିଶ୍ରାନ୍ତ ସ୍ୱପ୍ନ
ଖଣ୍ଡ ଖଣ୍ଡ ବିକ୍ଷିପ୍ତ ହୃଦୟ
ଜାଣେନା ଏ ସମୟ ମୋ ପାଇଁ ରଖିଛି କଣ
ଚାଲୁଛି ଏକୁଟିଆ ଯେତେ ଦିନ
ପାରିବି ମୁଁ ଚାଲି ... ହେଲେ
ଆଉ ଥରେ ନେବି ମୁଁ ଜନ୍ମ...
ତୁମର ହୋଇ...
ରହିଛି ଅପେକ୍ଷାରେ କେବେ ହେବ
ଏ ଜୀବନ ଇତି... କେବେ
ହେବ ଏ ଶରୀରରୁ
ମୋ ଆତ୍ମାର ମୁକ୍ତି...।

*ନୀଳକଣ୍ଠ ନଗର,ଭୁବନେଶ୍ୱର*
*ଦୂରଭାଷ : ୯୬୫୮୬୨୨୫୬୨*

## ସମୁଦ୍ରର ଶୋଷ

**ଶରତ କୁମାର ଦାସ**

**ସ**ମୟର ଚକ୍ରେ ବିଶ୍ୱାସ ପାଲଟେ
ଅବିଶ୍ୱାସ ଯୂପକାଠି,
ପଣତରେ ବନ୍ଧା ସ୍ୱପ୍ନ ସମ୍ଭାବନା
ମାଟିରେ ଯାଏ ତ ଲୋଟି।
ଜୀବନର ଯେତେ ସୀମାହୀନ ଦୃଶ୍ୟ
କେତେ ଆଶା ପ୍ରତ୍ୟାଶାର,
ଅପହଞ୍ଚ ଲାଗେ ଦୂରନ୍ତ ବାସନା
ଇନ୍ଦ୍ରଧନୁ ଧରିବାର।
ପ୍ରଶାନ୍ତିର ଯେତେ ସ୍ୱର୍ଣ୍ଣାଭ ସକାଳ
ପ୍ରାଣର ସ୍ପନ୍ଦନ ଯେତେ,
ଅନ୍ଧ ଅନ୍ଧକାରେ ନିୟତ ନୈରାଶ୍ୟେ
ଘୂରିବୁଲେ ରକ୍ତପଥେ।
ନିସ୍ୱତାର ରିକ୍ତ ଗଭୀର ଗୁହାରୁ
ଶୁଭେ ବୁକୁଫଟା ସୁର,
ଅନ୍ଧାର ଆଲୋକ ପ୍ରାଣର ରହସ୍ୟ
ବ୍ୟଥା ଆଉ ବେଦନାର।
ଶତାବ୍ଦୀର ଯେତେ ସ୍ନିଗ୍ଧ ପ୍ରତିଶ୍ରୁତି
ଘୂରୁଥାଏ ଛାଇପରି,
ସ୍ମୃତିର ଛାତିରେ ଜୀବନର ନକ୍ସା
ଫୁଟିଉଠେ ଉଙ୍କିମାରି।
ଦର୍ପଣ ଆଗରେ ସକାଳରୁ ସଞ୍ଜ
ଲାଗିଥାଏ ଲମ୍ବା ଧାଡ଼ି,
ଭୂତ ଭବିଷ୍ୟତ ବର୍ତ୍ତମାନ ଯେତେ
ଡେଣା ମେଲିଯାଏ ଉଡି।
ସମୟର ଯେତେ ପୁଷ୍ପିତ ସାରାଂଶ
ନୀରବରେ ଅଶ୍ରୁ ଢାଳେ,
ଅସ୍ମିତାର ମୁଗ୍ଧ ମଧୁର ମୁହୂର୍ତ୍ତ
ଲିଭିଯାଏ ଅବହେଳେ।



ଲହରୀର ସିକ୍ତ ଉତ୍କଣ୍ଠାରେ ହଜେ
ଯେତେ ସୂର୍ଯ୍ୟୋଦୟ ବେଳା,
ସାଗରର ବକ୍ଷେ ହଜିଯାଏ ଭସା
ଭିଜା ଭିଜା ମେଘମାଳା।
ଜହ୍ନ ତାରା ଲୁଚି ଯା'ନ୍ତି ମେଘାଚ୍ଛନ୍ନ
ଦୂର ଆକାଶର କୋଳେ,
ନୀଳ ଉର୍ମିମାଳା ଲୀନ ହୋଇଯା'ନ୍ତି
ଉଦ୍ଭ୍ରାନ୍ତ ସମୁଦ୍ର ଜଳେ
ସାଇଁ ସାଇଁ ଝାଉଁବଣ ଲୁହ ଝାରେ
ଉତ୍କୀର୍ଣ୍ଣ ବାରିଧି କୂଳେ,
ଉତ୍ତାଳ ତରଙ୍ଗ ବାଷ୍ପିଭୂତ ହୁଏ
ମଧ୍ୟାହ୍ନର କ୍ରୂରବେଳେ।
କଇଁ କଇଁ କାନ୍ଦେ ଅଥଳ ସମୁଦ୍ର
ମନେ ଭରି ଅବସୋସ,
ଉଚ୍ଛୁଳା ହୃଦ ତା' ଶୂନ୍ୟତାରେ ଭରେ
ବଢ଼ି ବଢ଼ି ଯାଏ ଶୋଷ।

*ଅଧ୍ୟାପକ*
*ବଡବିଲ ମହାବିଦ୍ୟାଳୟ*
*ବଡବିଲ,କେନ୍ଦୁଝର*
*ଦୂରଭାଷ : ୮୨୪୯୧୩୭୦୯୧*

## କରୋନା ବି ଶିଖାଇଲା

**ସୁବ୍ରତ ମଲିକ**

**କ**ରୋନା ବି ଶିଖାଇଲା
ସାବୁନରେ ନିୟମିତ
ଗୋଡ ହାତ ଧୋଇବା
ଗରମ ଖାଦ୍ୟ ସାଥେ
ଉଷୁମ ପାଣି ପିଇବା...।
କରୋନା ବି ଶିଖାଇଲା
ବୁଲାବୁଲି ଛାଡ଼ିବା
ଘରେ ସଦା ରହିବା
ନାନାବିଧ କାର୍ଯ୍ୟରେ
ହାତ ଟେକେ ବାଣ୍ଟିବା...।
କରୋନା ବି ଶିଖାଇଲା
ଜୀବହତ୍ୟା ଛାଡ଼ି
ଶାକାହାରୀ ହୁଅ
ସବୁ ପ୍ରାଣୀ ସମାନ
ଜୀଇଁବାକୁ ଦିଅ...।
କରୋନା ବି ଶିଖାଇଲା
ଜନ୍ମଭୂମି ତୁମର
ସବୁବେଳେ ନିଜର
ବିଦେଶ ଭୂମି ପ୍ରୀତି
ନୁହେଁ ସବୁଦିନର...।
କରୋନା ବି ଶିଖାଇଲା



ବିଜ୍ଞାନ ପ୍ରଯୁକ୍ତିବିଦ୍ୟା
ଆଧୁନିକ ଚିକିତ୍ସା
ପ୍ରକୃତିର ଆଗେ ସଦା
ନୂଆଇବ ମଥା।
କରୋନା ବି ଶିଖାଇଲା
ପ୍ରକୃତିର ପାଖରେ
ମଣିଷ ତ ଛାର
ନିମିଷକେ ଚାହିଁଲେ
ରଚିଦେବ ହାହାକାର।

ମଙ୍ଗଳପୁର, ଅସୁରାଳି, ଭଦ୍ରକ

## ବାଟ

**ମାନିନୀ ଜେନା**



**ଅ**ମାନିଆ ପାଦ ମୋର
ଆଖିର ପାଚେରୀ ଦେଇ
ଆଗ ପଛ ହେଇ
ଅବାଗିଆ ଢଙ୍ଗରେ ଚାଲେ।
ନିଜକୁ ଲୁଚେଇବାର ପ୍ରହସନ
ବନ୍ଦ କରେ ମୁଁ
ବିରତି ନିଏ,
ଅପଥଗାମୀ ହେବାକୁ
ରାସ୍ତା ବି ବାରଣ କରେ
ଦେଖେଇ ହୁଏ ସେ ଠିକ୍,
ମୁଁ କିନ୍ତୁ ଯିବାକୁ ଚାହେଁ ଅପଥରେ
ରାସ୍ତା ହୋଇପାରି ନଥିବା
ବାଟ ସବୁ ବେଶି ନିଜର ଲାଗନ୍ତି
ଜଙ୍ଗଲର ଛାଉଣୀ ଭିତରେ
ଅଧା ବଡ ଗଛ ଛାଇରେ
କିଛି ଗଛ ନୀରବି ଯାଏ।
ଟାଣୁ ଥାଏ ସେ ରାସ୍ତା
ତାର ବାଟୋଇ ହେବାକୁ
କିଛି ମୁହୂର୍ତ୍ତର ସମ୍ପର୍କ
ପଥ ଆଉ ପଥିକର
କିନ୍ତୁ ମୁଁ ଦିଗହରା



ମୁଁ କଣ ଯାଇ ପାରିବି ?
ଗଲେ ବି କେତେ ବାଟ ଯିବି,
କଣ ପାଇବି ଆଉ କୋଉଠି
ସବୁ ଅହେତୁକ ପ୍ରଶ୍ନ
ମୋତେ ଯିବାକୁ ଦିଏନି,
ନା ମୁଁ ଯାଇ ପାରେନି
ନା ମୁଁ ଯିବାକୁ ଚାହେଁ ନି
କେଉଁଟା ଠିକ୍
ବୋଧେ କିଛି ନୁହେଁ ?

*ଓଡ଼ିଆ ଅଧ୍ୟାପିକା*
*ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ*
*ଖୋର୍ଦ୍ଧା*








**ଅଦିତି ମହାକୁଡ**
ଷ୍ଟାଣ୍ଡାର୍ଡ-୩
ଦି ହେରିଟେଜ ସ୍କୁଲ
କୋଲକାତା-୭୦୦୧୦୭





**ପ୍ରତ୍ୟାଶା ରଥ**
ଷ୍ଟାଣ୍ଡାର୍ଡ- ୫
କୋଲକାତା



# କରୋନା ଲଢ଼େଇରେ ଅସଲ ଯୋଦ୍ଧା ନଚ୍ଛି



**ବାରିପଦା:** ବାରିପଦା ପୌରପରିଷଦର ଉପନଗରପାଳ ଦାୟିତ୍ୱ ଭାର ସମ୍ଭାଳିଥିବା ବେଳେ ପୌରପରିଷଦର ପରିମଳ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପରେ ବର୍ତ୍ତମାନ ବିଶ୍ୱ ମହାମାରୀ କୋଭିଡ଼-୧୯ର ମୁକାବିଲା କରିବାକୁ ଅଣ୍ଟା ଭିଡ଼ି ଆଗେଇ ଆସିଛନ୍ତି ବିଜୁ ଯୁବ ଜନତା ଦଳର ଜଣେ ଯୁବ ଯୁଦ୍ଧା । କେହି କେହି କରୋନା ଲଢ଼େଇରେ ଅସଲ ଯୁଦ୍ଧା ବୋଲି କହିବା ଆରମ୍ଭ କରିଛନ୍ତି । ଯୁବ ସମାଜ ତାଙ୍କୁ ନଚ୍ଛି ଭାଇ ଓ ବୟସ୍କମାନେ ନଚ୍ଛି ବୋଲି ସମ୍ବୋଧନ କରୁଥିବା ବେଳେ ଅନ୍ୟ କେତେକଙ୍କ ନିକଟରେ ଜିତେନ୍ଦ୍ର ନାମରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇ ପାରିଛନ୍ତି । ପୌରପରିଷଦର ୨୮ଟି ୱାର୍ଡ଼ର ସମସ୍ତ ଅଞ୍ଚଳଗୁଡ଼ିକରେ ଘୁରି ବୁଲି ପିଲାରୁ ବୟସ୍କ, ଭିନ୍ନକ୍ଷମ, ଅସହାୟ, ଭିକ୍ଷୁକ, ଫୁଟପାଥରେ ଆଶ୍ରୟ ନେଇଥିବା ନିସ୍ୱ , ଗରୀବ, ଦିନ ମଜୁରୀଆ, ଦେହ ମେହନତି ମଣିଷମାନଙ୍କ ନିକଟରେ ପହଁଞ୍ଚି କେତେ ବେଳେ ମାସ୍କ ବିତରଣ କରିବା ସହିତ ବ୍ୟବହାରର ଉପକାରୀତା ଓ ପରସ୍ପର ମଧ୍ୟରେ ସାମାଜିକ ଦୂରତା ରକ୍ଷା କରିବା ନିମନ୍ତେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି, ପୁଣି କେତେବେଳେ ସାନିଟାଇଜର, ସାବୁନ, ରେଶନ, ଶୁଖିଲା ଖାଦ୍ୟ, ନୂତନ ବସ୍ତ୍ର ଆଦି ବାଣ୍ଟିବା ସହିତ ବାରମ୍ବାର ହାତକୁ ସର୍ବ ନିମ୍ନ ୧୬ ସେକେଣ୍ଡ ପର୍ଯ୍ୟନ୍ତ ସଫା କରିବା ଏବଂ ହାତ ସଫା କରିବାର ତରିକା ଆଦି ଶିଖାଇବାରେ ଲାଗିଛନ୍ତି । କେବଳ ଏତିକି ନୁହେଁ କେଉଁଠି କିଏ ଭୋକିଲା ରହିଛି, ପୁଣି ସହରକୁ ବାହାରୁ ରାଜ୍ୟରୁ ଆସି ଅସୁବିଧାରେ ସମ୍ମୁଖୀନ ହୋଇଥିବା ଶ୍ରମିକ ଆଦିଙ୍କ ସମ୍ପର୍କରେ ସୂଚନା ପାଇବା ମାତ୍ରେକେ ସହାୟତା କରିବାକୁ ପାଖରେ ପହଁଞ୍ଚିଯାଉଛନ୍ତି । ପୁଣି ଜିଲ୍ଲା ରେଡ଼କ୍ରସ ରକ୍ତଭଣ୍ଡାରରେ ରକ୍ତର ଅଭାବ ପଡ଼ିଲେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ଓ କୌଣସି ରୋଗୀର ରକ୍ତ ଆବଶ୍ୟକ ପଡ଼ିଲେ ଏହିରି ବିଭିନ୍ନ କଥାରେ ନଚ୍ଛିକୁ ଡ଼କରା ଆସିଥାଏ । ଏହା ବ୍ୟତୀତ ଲକ୍ ଡ଼ାଉନ ସମୟରେ ପକ୍ଷୀମାନଙ୍କୁ ଦାନା ଦେବା, ଭୁକିଲା ବୁଲା ଗୋରୁ ଓ କୁକୁରମାନଙ୍କୁ ଖାଇବାକୁ ଦେବା ଆଦି କାର୍ଯ୍ୟରେ ଲାଗିପଡ଼ିଥିବାର ଦେଖିବାକୁ ମିଳି ଥାଏ । ଏଥି ସହିତ ସହରରେ କେଉଁଠି ରୋଗୀଙ୍କୁ ହସପିଟାଲରେ ପହଁଞ୍ଚାଇବାଠାରୁ ଆରମ୍ଭ କରି ଜମା ହୋଇଥିବା ଆଳିଆ ଆବର୍ଜନା ସ୍ଥାନାନ୍ତରିତ କରାଇବା, ବୁଲା କୁକୁର, ଷଣ୍ଢ ଓ ବିଲେଇ ଏପରିକି ମୂଷା ଆଦି ମରିପଡ଼ିଥିଲେ ଉଠାଇବା ନିମନ୍ତେ ଡାକ ପଡୁଛି ନଚ୍ଛି ଭାଇଙ୍କୁ । ପୁଣି କେଉଁଠି ଅଳିଆ ଆବର୍ଜନାକୁ ପୌରପରିଷଦର ସଫେଇ କର୍ମଚାରୀମାନଙ୍କ ସହିତ ମିଶି ହଟାଇବାରେ ଲାଗି ପଡୁଥିବାର ଦେଖିବାକୁ ମିଳୁଛି । ଦିନ ହେଉ ଅଥବା ରାତି ଜନସାଧାରଣଙ୍କ ସେବାରେ ସଦାସର୍ବଦା ନିଜକୁ ସମର୍ପିତ କରାଇ ଦେଇଛନ୍ତି । ଜିଲ୍ଲାରେ ଲକ୍ ଡ଼ାଉନ ଜାରି ରହିଥିବା ବେଳେ ନଚ୍ଛି ଓରଫ ଜିତେନ୍ଦ୍ର ସହରରୁ ଆରମ୍ଭ କରି ବସ୍ତି ଓ ତଳିଆ ଅଞ୍ଚଳରେ ବସବାସକରୁଥିବା ଜନସାଧାରଣଙ୍କ ନିକଟରେ ପହଁଞ୍ଚି ପୌରବାସୀଙ୍କ ମଧ୍ୟରେ କୋଭିଡ଼-୧୯ର ମୁକାବିଲା ନିମନ୍ତେ ସଚେତନତାର ବାର୍ତ୍ତା ବାଣ୍ଟିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାରର ସହାୟତା ପ୍ରଦାନ ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି । କିଏ ଭାବ ବିହ୍ୱଳ ହୋଇ ମୁଣ୍ଡରେ ହାତ ଦେଇ ସୁଖରେ ଥା ବୋଲି ଆଶୀର୍ବାଦ ଦେଲାଣି ପୁଣି କିଏ ଖୁସିରେ ଲାଳି ବୁହେଇ ନେଲାଣି । ଏଥିରୁ ଆତ୍ମସନ୍ତୋଷ ଲାଭ କରୁଥାନ୍ତି । ତେବେ ତାଙ୍କର ଏହି ସେବା ମନୋବୃତ୍ତିକୁ ସମାଜର ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବା ବେଳେ ସମାଲୋଚକମାନଙ୍କ ମହଲରେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି । ପ୍ରକାଶ ଥାଉକି, ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଶାସନ ଭାର ସମ୍ଭାଳି ଥିବା ସମୟରେ ନିଜ ଗଡ଼ ବାରିପଦା ସହରରେ ପ୍ରଜାମାନଙ୍କ ସାମୂହିକ ହିତ ସାଧନ ନିମନ୍ତେ ୧୯୦୫ରେ ବାରିପଦା ପୌରପରିଷଦ ଗଠନ କରିଥିବା ବେଳେ ଏଥିରେ ଉପନଗରପାଳ ଭାବେ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କୁ ନିଯୁକ୍ତି ଦେଇଥିଲେ । ଜିତେନ୍ଦ୍ର ମହାନ୍ତି ୨୦୧୪ରେ ଅନୁଷ୍ଠିତ ପୌରପରିଷଦ ନିର୍ବାଚନରେ ୫ ନମ୍ବର ୱାର୍ଡ଼ରୁ କାଉନସିଲର ଓ ଉପନଗରପାଳ ଭାବେ ନିର୍ବାଚିତ ହୋଇଥିଲେ ଏବଂ ଏହି ଆସନ ତାଙ୍କୁ ସେବା କ୍ଷେତ୍ରରେ ଅଧିକ ପ୍ରେରଣା ଯୋଗାଇ ଦେଇଥିବାର ଜଣାପଡ଼ିଛି । ଏଥି ସହିତ ଶ୍ରୀମହାନ୍ତି ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ତାଙ୍କ ନେତୃତ୍ୱରେ ବୈପ୍ଳବିକ ଛାତ୍ର ସଙ୍ଗଠନ ମୁଣ୍ଡଟେକି ଉଠିବା ସାଙ୍ଗକୁ ଜିଲ୍ଲାରେ ଲ, ୟୁନିଭାର୍ସିଟି ଓ ମେଡ଼ିକାଲ କଲେଜ ପ୍ରତିଷ୍ଠାକୁ ନେଇ ହୋଇଥିବା ଐତିହାସିକ ଛାତ୍ର ଆନ୍ଦୋଳନରେ ସାମିଲ ହୋଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦଳ ନେତାଙ୍କ ଚିଠି

# ଧାନ ସଂଗ୍ରହ ବ୍ୟବସ୍ଥାକୁ ସୁଗମ କରାଯାଉ



**ଭୁବନେଶ୍ୱର :** ମହାମାରୀ କରୋନା ଯୋଗୁଁ ସମଗ୍ର ଦେଶରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ବିଶେଷକରି ରାଜ୍ୟର ଆର୍ଥିକ ମେରୁଦଣ୍ଡ ଚାଷୀକୂଳ ଆଜି ଘୋର ସଙ୍କଟ ଦେଇ ଗତି କରୁଛନ୍ତି । ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଘଡ଼ିସନ୍ଧି ମୁହୂର୍ତ୍ତରେ ଚାଷୀଙ୍କଠାରୁ ଧାନ କିଣ ତଥା ଧାନ ସଂଗ୍ରହ ବ୍ୟବସ୍ଥାକୁ ସୁଗମ କରାଯାଉ । ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଚାଷୀଙ୍କ ହିତ ସାପେକ୍ଷ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ପତ୍ରରେ ଶ୍ରୀ ନାଏକ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ରବି ଧାନ ସଂଗ୍ରହ କରିବା ସମୟ ଉପନୀତ ହୋଇଛି । ତେବେ କରୋନା ମହାମାରୀ ପରି ସଙ୍କଟ ସମୟରେ କେନ୍ଦ୍ର ସରକାର କୃଷିଜାତ ଦ୍ରବ୍ୟର ସରକାରୀ ସଂଗ୍ରହକୁ ବିକେନ୍ଦ୍ରୀକରଣ ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ଧାନ ସଂଗ୍ରହ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରି ବର୍ଷା ଋତୁ ପୂର୍ବରୁ ଧାନ ସଂଗ୍ରହ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ନାଏକ ଅନୁରୋଧ କରିଛନ୍ତି । କରୋନା କଟକଣା କାରଣରୁ ଧାନମଣ୍ଡିରେ ଦିନକୁ ମାତ୍ର ୩୦ ଜଣ ଚାଷୀ ଧାନ ବିକିବାକୁ ଆସିପାରିବେ । ମାତ୍ର ଏହି ବ୍ୟବସ୍ଥାରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଧାର୍ଯ୍ୟ ପରିମାଣର ଧାନ ସଂଗ୍ରହ କରିବା ଆଦୌ ସମ୍ଭବ ନୁହେଁ । ତେଣୁ ଯେଉଁଠାରେ ପାଖରେ ମଣ୍ଡି ନାହିଁ, ସେଠାରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ପଞ୍ଚାୟତ କର୍ମଚାରୀମାନଙ୍କୁ ନିୟୋଜିତ କରି ଗ୍ରାମ ପଞ୍ଚାୟତରେ ସ୍କୁଲ ବାରଣ୍ଡା ଓ ଗୋଷ୍ଠୀ କେନ୍ଦ୍ର ଘରେ ଧାନ ସଂଗ୍ରହର ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଶ୍ରୀ ନାଏକ ଅନୁରୋଧ କରିଛନ୍ତି । ସାମାଜିକ ଦୂରତା ଅବଲମ୍ବନ କରାଯାଇ ପ୍ରତି ଘଣ୍ଟା ଏଲ୍ଆଇ ପଏଣ୍ଟ ପିଛା ୧ ହେକ୍ଟର ପରିବର୍ତ୍ତେ ୨ ହେକ୍ଟର ଜମିରେ ଧାନ ସଂଗ୍ରହ କରାଯାଉ । ଏପରିକି ଧାନ ସଂଗ୍ରହ ପାଇଁ ବ୍ୟବହାର ହୋଇପାରିଥିବା ଟୋକନକୁ ପୁଣି ଥରେ ବ୍ୟବହାର କରିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ନାଏକ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଜଣାଇଛନ୍ତି ।

# ବଢ଼ିବନି ବିଦ୍ୟୁତ୍ ଦର



**ଭୁବନେଶ୍ୱର :** କରୋନା ସଂକ୍ରମଣ ଆଶଙ୍କାରେ ଦେଶବ୍ୟାପୀ ଲକଡାଉନ୍ ଲାଗୁ ହୋଇଥିବା ବେଳେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ମଧ ବିଦ୍ୟୁତ୍ ଦରକୁ ଅପରିବର୍ତ୍ତିତ ରଖିଛନ୍ତି । ଘରୋଇ,ବ୍ୟବସାୟିକ ଓ ଶିଳ୍ପ ସଂସ୍ଥାର ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ୍ ଦର ଅପରିବର୍ତ୍ତିତ ରହିଛି । ବିଦ୍ୟୁତ୍ ଦର ସଂକ୍ରାନ୍ତ ନୂଆ ନିର୍ଦ୍ଦେଶନାମା ମେ’ ପହିଲାରୁ ଲାଗୁ ହେବ । କରୋନା ପରିସ୍ଥିତି ଯୋଗୁ ରିଟେଲ ସପ୍ଲାଇ ଟାରିଫ (ଆରଏସ୍‌ଟି) ଓ ବିଏସ୍‌ପି (ବଲକ ସପ୍ଲାଇ ଟାରିଫ) ମଧ୍ୟ ବୃଦ୍ଧି କରାଯାଇନି । ତେବେ ପରିସ୍ଥିତିରେ ସୁଧାର ଆସିଲେ ଚଳିତ ଆର୍ଥିକ ବର୍ଷରେ ଏହି ଟାରିଫର ପୁନର୍ବିଚାର କରାଯାଇପାରେ ବୋଲି ଆୟୋଗ ସ୍ପଷ୍ଟ କରିଛନ୍ତି । ଗତବର୍ଷ ସାଧାରଣ ନିର୍ବାଚନ ଯୋଗୁ ରାଜ୍ୟରେ ବିଦ୍ୟୁତ୍ ଦେୟ ବୃଦ୍ଧି ହୋଇନଥିଲା । ଗତବର୍ଷ ଭଳି ଘରୋଇ ଉପଭୋକ୍ତାଙ୍କୁ ପ୍ରଥମ ୫୦ ୟୁନିଟ୍ ପିଛା ୨.୫୦ ଟଙ୍କା, ୫୦ରୁ ୨୦୦ ୟୁନିଟ୍ ପାଇଁ ୪.୩୦ ଟଙ୍କା ଓ ୨୦୦ରୁ ୪୦୦ ୟୁନିଟ୍ ପାଇଁ ୫.୩୦ ଟଙ୍କା ଓ ୪୦୦ ୟୁନିଟ୍‌ରୁ ଅଧିକ ହେଲେ ୟୁନିଟ୍ ପିଛା ୫.୭୦ ଟଙ୍କା ହିସାବରେ ମାସିକ ବିଦ୍ୟୁତ୍ ଦେୟ ଦେବାକୁ ପଡିବ । ଡିଜିଟାଲ ମୋଡରେ ବିଦ୍ୟୁତ୍ ଦେୟକୁ ପ୍ରୋତ୍ସାହନ କରିବା ନିମନ୍ତେ ଉପଭୋକ୍ତଙ୍କୁ ୨ ପ୍ରତିଶତ ରିହାତି ଓ ସମସ୍ତ ପ୍ରି-ପେଡ୍ ଗ୍ରାହକଙ୍କୁ ମଧ୍ୟ ୨ ପ୍ରତିଶତ ରିହାତି ମିଳିବ । ଓଇଆରସିଙ୍କ ନିର୍ଦ୍ଦେଶ ଅନୁସାରେ ୨୦୧୯-୨୦ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଯୋଗାଣ ପାଇଁ ଏକ ୟୁନିଟ୍ ପିଛା ହାରାହାରି ୪୮୨.୨୬ ପଇସା ଖର୍ଚ୍ଚ ହେଉଥିବା ବେଳେ ୨୦୨୦-୨୧ ଆର୍ଥିକ ବର୍ଷରେ ତାହା ୫୦୩.୩୮ ପଇସାକୁ ବୃଦ୍ଧି ପାଇଛି । ଏହାସତ୍ତ୍ୱେ ଗ୍ରାହକଙ୍କ ଉପରେ କୌଣସି ଆର୍ଥିକ ଚାପ କମିଶନ ପକାଇ ନାହାନ୍ତି ।

# ସମୂହ ନମାଜପାଠ ମନା



**ଭୁବନେଶ୍ୱର :** ଇସ୍‌ଲାମ ଧର୍ମାବଲମ୍ବିଙ୍କ ପବିତ୍ର ରମ୍‌ଜାନ ମାସ ଆରମ୍ଭ ହେବାକୁ ଯାଉଛି । ପ୍ରତିବର୍ଷ ଇସ୍‌ଲାମ ଧର୍ମାବଲମ୍ବିମାନେ ରମଜାନ୍‌କୁ ବହୁ ଆଡ଼ମ୍ବର ସହକାରେ ପାଳନ କରିଥାନ୍ତି । ହେଲେ ଚଳିତ ଥର କରୋନା ପାଇଁ ଲକ୍‌ଡାଉନ ଚାଲିଥିବାରୁ ସମୂହ ନମାଜ ପାଠ ଓ ଇଫ୍‌ତାର ପାର୍ଟି ଆୟୋଜନ ଉପରେ କଟକଣା ଜାରି କରାଯାଇଛି । ସମୂହ ନମାଜ ପାଠକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବା କମିଶନରେଟ ପୁଲିସ ପକ୍ଷରୁ କୁହାଯାଇଛି । ବୁଧବାର କମିଶନରେଟ ପୁଲିସ ପକ୍ଷରୁ ଜୋନ୍-୧ ଏସିି ମାନସ ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜଧାନୀରେ ଥିବା ୧୨ଟି ମସ୍‌ଜିଦର ମୌଲବୀ ଓ ମୌଲାନାଙ୍କ ସମେତ ମୁସ୍‌ଲିମ ସାହିର ମୁରବୀମାନେ ଯୋଗ ଦେଇଥିଲେ । ବୈଠକରେ ସମୂହ ନମାଜ ପାଠ ଓ ଇଫ୍‌ତାର ପାର୍ଟି କରିବାକୁ ବାରଣ କରାଯାଇଛି । ସଂଘରୋଧ ଭାବେ ରମଜାନ ପାଳନ ଲାଗି ନିଷ୍ପତ୍ତି ହୋଇଛି । ଲକ୍‌ଡାଉନ ସମୟରେ କୌଣସି ଧର୍ମାନୁଷ୍ଠାନରେ ସମୂହ ପ୍ରାର୍ଥନା କିମ୍ବା ନମାଜ ପାଠ ହୋଇପାରିବ ନାହିଁ । ମସ୍‌ଜିଦରେ କେବଳ ଜଣେ ମୌଲବୀ ଏବଂ ୩ଜଣ ରହି ନମାଜ ପାଠ କରିପାରିବେ । ମସ୍‌ଜିଦରୁ ହିଁ ପ୍ରତିଦିନ ଆଜାନ ପରେ ଉପବାସ ସମୟ ସମ୍ପର୍କରେ ଏବଂ ସାମାଜିକ ଦୂରତା ରକ୍ଷା ନେଇ ଲୋକଙ୍କୁ ସଚେତନ କରାଯିବ । ପରିବାର ଲୋକଙ୍କ ବ୍ୟତୀତ ଅନ୍ୟ କେହି ଭିଡ଼ କରି ସାମୂହିକ ପ୍ରାର୍ଥନା ବା ନମାଜ ପାଠ କରିରିବେ ନାହିଁ । କୌଣସି ମୌଲବୀ ଲୋକଙ୍କ ଘରକୁ ଯାଇ ନମାଜ ପାଠ କରିରିବେ ନାହିଁ । ଏହି ସମୟରେ କୌଣସି ବ୍ୟକ୍ତି ସାହି କିମ୍ବା ବସ୍ତି ଭିତରେ ପ୍ରବେଶ କଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିନିଷ କିଣିବା ପାଇଁ କେହି ଯାନବାହନ ବ୍ୟବହାର କରିରିବେ ନାହିଁ । ନିକଟସ୍ଥ ଦୋକାନରୁ ସାଇକେଲ କିମ୍ବା ଚାଲିଚାଲି ଯାଇ ସଉଦା କିଣି ପାରିବେ । ଉପବାସ କଲେ ଆବଶ୍ୟକ ସାମଗ୍ରୀ କିଣିବା ଲାଗି ଦୋକାନରେ ଭିଡ଼ ଲଗାଇ ପାରିବେ ନାହିଁ । ବିନା କାରଣରେ କେହି ଘରୁ ବାହାରି ପାରିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

# ଶ୍ରମିକଙ୍କୁ ୨୦୦ଦିନର ନିଶ୍ଚିତ କର୍ମନିଯୁକ୍ତି ଦାବି

**ଭୁବନେଶ୍ୱର :** ପ୍ରବାସୀ ଓଡ଼ିଆ ଓ ଶ୍ରମିକଙ୍କ ସମସ୍ୟା ବଖାଣି ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ କଂଗ୍ରେସ ମୁଖିଆ ନିରଞ୍ଜନ ପଟ୍ଟନାୟକ କିଛି ଦାବି ଉପସ୍ଥାପନ କରିଛନ୍ତି । ନିରଞ୍ଜନଙ୍କ ପ୍ରେସ ବାର୍ତ୍ତାରେ ଉଲ୍ଲେଖ ରହିଛି ଯେ, ରାଜ୍ୟରେ ଲକ୍‌ଡାଉନ୍ ଅବଧି ସାନି ନବଢ଼ିବା ପର୍ଯ୍ୟନ୍ତ ଏହା ମେ ୩ ତାରିଖ ପର୍ଯ୍ୟନ୍ତ ଲାଗୁ ରହିବ । ଏଭଳି ସ୍ଥିତିରେ ରାଜ୍ୟ ବାହାରେ ଥିବା ଶ୍ରମିକମାନଙ୍କ ସ୍ଥିତି ସଙ୍କଟାପନ୍ନ ହେଲାଣି । ଜାତୀୟ ଟାସ୍କ ଫୋର୍ସ ଗଠନ ନହେବା ପର୍ଯ୍ୟନ୍ତ ଏଭଳି ସମସ୍ୟାର ସମାଧାନ ସମ୍ଭବ ନୁହେଁ । ଏହା ଏକ ଆନ୍ତଃରାଜ୍ୟ ଓ ରାଜ୍ୟ-ରାଜ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ ନହେବା ପର୍ଯ୍ୟନ୍ତ ଏସବୁର ସମାଧାନ ଖୋଜିବା ସମ୍ଭବ ନୁହେଁ । ତେବେ ସରକାର ସରପଞ୍ଚମାନଙ୍କୁ ରାଜ୍ୟ ବାହାରୁ ଫେରନ୍ତା ବ୍ୟକ୍ତିଙ୍କୁ ଏକାନ୍ତବାସରେ ପଠାଇବାର ଦାୟିତ୍ୱ ଦେଇ ଏକ ସମୟ ଉପଯୋଗୀ ପଦକ୍ଷେପ ନେଇଛନ୍ତି । ଏହା ସ୍ୱାଗତଯୋଗ୍ୟ । ମାତ୍ର ବାହାର ରାଜ୍ୟରୁ ଆସିଥିବା ଲୋକଙ୍କ ପାଖରେ ରୋଜଗାର ନଥିବା ହେତୁ ଏମାନଙ୍କ ପାଇଁ ଜୀବନଯାପନ କଷ୍ଟକର ହୋଇ ପଡୁଛି । ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସ୍ୱଳ୍ପ ମିଆଦୀ କାର୍ଯ୍ୟକ୍ରମରେ ୧୦୦ଦିନର କାମର ପ୍ରତିଶ୍ରୁତି ମିଳୁଥିବା ବେଳେ ଏହାକୁ ବଢ଼ାଇ ୨୦୦ ଦିନର କାର୍ଯ୍ୟ ଦିବସରେ ପରିଣତ କରାଯାଉ ଯାହା ଦ୍ୱାରା ଲୋକେ ନିଶ୍ଚିତ ଉପକୃତ ହୋଇପାରିବେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୋକାନ ବଜାର ...

ପଞ୍ଜିକୃତ ମାର୍କେଟ୍‌ରେ ଦୋକାନ ଖୋଲିବାକୁ ଅନୁମତି ଦିଆଗଲେ ମଧ ସେଠାରେ ୫୦ ପ୍ରତିଶତରୁ ଅଧିକ କର୍ମଚାରୀ କାର୍ଯ୍ୟ କରିପାରିବେ ନାହିଁ । ସେଠାରେ କର୍ମଚାରୀମାନଙ୍କୁ ମାସ୍କ ପରିଧାନ କରିବାକୁ ପଡିବ ଏବଂ ସାମାଜିକ ଦୂରତା ବଜାୟ ରଖିବାକୁ ହେବ । ଶନିବାର କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ ଏକ ସ୍ପଷ୍ଟୀକରଣରେ କହିଛନ୍ତି ଗ୍ରାମାଞ୍ଚଳରେ ସପିଂ ମଲ୍ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ଖୋଲିବା ପାଇଁ ଅନୁମତି ମିଳିବ । ପୌରାଞ୍ଚଳରେ ମାର୍କେଟ୍ / ମାର୍କେଟ କମ୍ପ୍ଲେକ୍ସ ଏବଂ ମଲ୍‌ଗୁଡିକରେ ଥିବା ଦୋକାନ ଖୋଲିବ ନାହିଁ ।

### ପଞ୍ଜୀକରଣ ପାଇଁ ...

ଏହି ପୋର୍ଟାଲକୁ ଖୋଲିବା ପାଇଁ ମୋବାଇଲ ବା କମ୍ପ୍ୟୁଟରର ସାହାଯ୍ୟ ନେଇପାରିବେ । ଏଥିଲାଗି ସବୁ ଗ୍ରାମପଞ୍ଚାୟତରେ ଓ ୱାର୍ଡରେ ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି । ଗତ ଗୁରୁବାରଠାରୁ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଛି । ପଞ୍ଜୀକରଣ ପାଇଁ ଦୁଇଟି ଜିନିଷ ବାଧ୍ୟତାମୂଳକ । ଆଧାର ନମ୍ବର ଓ ମୋବାଇଲ ନମ୍ବର ପଞ୍ଜୀକରଣ ବେଳେ ବାଧ୍ୟତାମୂଳକ । ଯଦି ନିଜେ ପଞ୍ଜୀକରଣ କରୁଛନ୍ତି ତେବେ ଆପଣ ନିଜ ନମ୍ବର ଦେବେ । ଆଉ ଯଦି ସେମାନଙ୍କ ପାଇଁ ଅନ୍ୟ କେହି ପଞ୍ଜୀକରଣ କଲେ ତେବେ ତାଙ୍କ ନମ୍ବର କିମ୍ବା ପରିବାର ଲୋକଙ୍କ ନମ୍ବର ଦିଆଯିବ । ଓଡ଼ିଶା ବାହାରେ ଥିବା ଓଡ଼ିଆଙ୍କ ବ୍ୟଗ୍ରତାକୁ ସରକାର ବୁଝିଛନ୍ତି । ସେଥିପାଇଁ ଗତକାଲି ଠାରୁ ସରକାରଙ୍କ ସ୍ୱତନ୍ତ୍ର ପୋର୍ଟାଲରେ ପଞ୍ଜୀକରଣ ଆରମ୍ଭ ହୋଇଛି । ବାହାରୁ ଆସିବାକୁ ଥିବା ପ୍ରାୟ ୫ ଲକ୍ଷ ଓଡ଼ିଆଙ୍କ ପାଇଁ ସରକାର ପଞ୍ଜୀକରଣର ବ୍ୟବସ୍ଥା କରିଛନ୍ତି । ପଞ୍ଜୀକରଣ ଫର୍ମ ପୂରଣ ପାଇଁ ବ୍ୟକ୍ତିଗତ ବିବରଣୀ ଦେବାକୁ ହେବ । ପୂରା ଠିକଣା ଦେଇ ପଞ୍ଜୀକରଣ କରିବାକୁ ପଡ଼ିବ । ଯୋଗାଯୋଗ ନିମନ୍ତେ ନିଜ ସମ୍ପର୍କୀୟଙ୍କ ନାମ ଓ ମୋବାଇଲ ନମ୍ବର ଦେବାକୁ ପଡ଼ିବ । ଓଡ଼ିଶାକୁ ଫେରୁଥିବା ବ୍ୟକ୍ତିମାନେ କେଉଁ ବର୍ଗର ଅଛନ୍ତି ସେମାନଙ୍କ ପରିଚୟ ପ୍ରଦାନ କରିବେ । ସେମାନେ ଛାତ୍ର କି ଶ୍ରମିକ ବା ପର୍ଯ୍ୟଟକ ସମସ୍ତ କଥା ଜଣାଇବାକୁ ପଡ଼ିବ । ରାଜ୍ୟବାହାରୁ କେଉଁ ସ୍ଥାନରୁ ଆସୁଛନ୍ତି ଓ ଓଡ଼ିଶାକୁ କେଉଁ ସ୍ଥାନକୁ ଯିବେ ତାହାର ସମସ୍ତ ବିବରଣୀ ଦେବାକୁ ପଡ଼ିବ । ଫର୍ମ ପୂରଣ ପରେ ସବ୍‌ମିଟ ବଟନ୍ କ୍ଲିକ୍ କରିବା ମାତ୍ରେ ପଞ୍ଜିକୃତ ମୋବାଇଲ ନମ୍ବରକୁ ଏକ ଓଟିପି ଆସିବ । ଓଟିପିକୁ ୱେବସାଇଟ୍‌ର ଡିସପ୍ଲେ ବକ୍ସରେ ପୂରଣ କରିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୋବାଇଲକୁ ଏକ କନଫର୍‌ମେସନ୍ ମେସେଜ ଆସିବ । ବାସ୍ ତାପରେ ଆପଣଙ୍କ ପଞ୍ଜୀକରଣ ସମ୍ପୂର୍ଣ୍ଣ ହୋଇଥିବା ଆପଣ ସ୍ପଷ୍ଟ ହେବେ ବୋଲି ସେ କହିଛନ୍ତି । ଆଉ ଯେଉଁ ଗ୍ରାମାଞ୍ଚଳର ଲୋକେ ଯଦି ପଞ୍ଜୀକରଣ କରିବା ଜାଣିପାରିବେ ନାହିଁ, ସେମାନଙ୍କ ପାଇଁ ପଞ୍ଚାୟତରେ ନିଯୁକ୍ତି ଥିବା ବ୍ୟକ୍ତି ରେଜିଷ୍ଟ୍ରେସନ୍ କରେଇ ଦେଇପାରିବେ । ଏହି ପଞ୍ଜୀକରଣ ବ୍ୟବସ୍ଥା ମଧ ଫର୍ମ ମାଧ୍ୟମରେ କରାଯାଇପାରିବ । ସେଥିଲାଗି ବହୁମାତ୍ରାରେ ଫର୍ମ ଛପା ହୋଇ ରଖାଯାଇଛି । ଓଡ଼ିଶାକୁ ଫେରିବା ପରେ ସେମାନେ ୧୪ ଦିନ କ୍ୱାରେଣ୍ଟାଇନ୍‌ରେ ରହିବେ । ତାପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ଘରକୁ ପଠାଯିବ ବୋଲି ସେ କହିଛନ୍ତି ।

### ବିଶ୍ୱରେ ...

ଆମେରିକା ପରେ ଇଟାଲୀରେ ସବୁଠାରୁ ଅଧିକ ଲୋକ କରୋନାରେ ପ୍ରାଣ ହରାଇଛନ୍ତି । ଇଟାଲୀରେ ମୃତ୍ୟୁସଂଖ୍ୟା ଇତିମଧ୍ୟରେ ୨୬ ହଜାର ୩୮୪କୁ ବୃଦ୍ଧି ପାଇଛି । ଫ୍ରାନ୍ସରେ ୧ ଲକ୍ଷ ୫୯ ହଜାର ୮୨୮ ଜଣ ଆକ୍ରାନ୍ତ ହୋଇଥିଲା ବେଳେ ୨୨ ହଜାର ୨୪୫ ଜଣଙ୍କ ପ୍ରାଣଗଲାଣି । ଜର୍ମାନୀରେ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୫୫ ହଜାରରେ ପହଞ୍ଚିଛି । ସେଠାରେ ୫,୮୦୫ ଜଣଙ୍କ ମୃତ୍ୟୁ ଘଟିଲାଣି । ବ୍ରିଟେନ୍‌ରେ ୧ ଲକ୍ଷ ୪୮ ହଜାର ୩୭୭ ଜଣ ଆକ୍ରାନ୍ତ ହୋଇଛନ୍ତି । ଗତ ୨୪ ଘଣ୍ଟା ମଧ୍ୟରେ ବ୍ରିଟେନ୍‌ରେ ୮୧୩ ଜଣଙ୍କ ପ୍ରାଣହାନୀ ଘଟିବାରୁ ମୃତ୍ୟୁସଂଖ୍ୟା ୨୦ ହଜାର ୩୧୯କୁ ବୃଦ୍ଧି ପାଇଛି । ଇରାନରେ ୮୯ ହଜାର ୩୨୮ ଜଣ ଆକ୍ରାନ୍ତ ହୋଇଛନ୍ତି । ସେଠାରେ ୫,୬୫୦ ରୋଗୀ ପ୍ରାଣ ହରାଇଛନ୍ତି । ଚୀନରେ ଗତ ୨୪ ଘଣ୍ଟା ମଧ୍ୟରେ ମାତ୍ର ୧୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହେବାରୁ ଆକ୍ରାନ୍ତଙ୍କ ସଂଖ୍ୟା ୮୨ ହଜାର ୮୧୬ କୁ ବୃଦ୍ଧି ପାଇଛି । ଚୀନରେ ଏ ପର୍ଯ୍ୟନ୍ତ ୪,୬୩୨ ଜଣ କରୋନାରେ ପ୍ରାଣ ହରାଇଛନ୍ତି ।

### ଦେଶରେ ...

ରାଜ୍ୟୱାରୀ କୋଭିଡ୍ ହସ୍ପିଟାଲର ବିସ୍ତୃତ ବିବରଣୀ ସମ୍ପର୍କରେ ଆଲୋଚନା କରାଯାଇଥିଲା । କରୋନା ସଂକ୍ରମଣରେ ମୃତ୍ୟୁହାର ପ୍ରାୟ ୩.୧% ରହିଥିବା ଜିଓଏମ୍ ବୈଠକକୁ ଅବଗତ କରାଯାଇଥିଲା । ଏହି ହାର ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡିକ ତୁଳନାରେ ବେଶ୍ ଭଲରହିଛି ବୋଲି ମତପ୍ରକାଶ ପାଇଥିଲା । ଏବେ ୯.୧ ଦିନରେ କରୋନା ସଂକ୍ରମଣ ଦ୍ୱିଗୁଣିତ ହେଉଥିବା ଏହି ବୈଠକରୁ ଜଣାପଡିଛି ।

### କରୋନା ମୁକାବିଲାରେ ...

ଅଧିବେଶନକୁ ମଧ ବନ୍ଦ କରାଯାଇଥିଲା । ଏହା ପରେ ପରେ ସଂସଦର ଉଭୟ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା । କରୋନା ମୁକାବିଲା କ୍ଷେତ୍ରରେ ଓଡ଼ିଶା ଅନେକ ଆଗୁଆ ପଦକ୍ଷେପ ନେଇ ସବୁ ରାଜ୍ୟର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଦେଶର ପ୍ରଥମ ରାଜ୍ୟ ଭାବେ ସ୍ୱତନ୍ତ୍ର କୋଭିଡ୍-୧୯ ହସ୍ପିଟାଲ୍ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ । ମାତ୍ର ୭ ଦିନ ମଧ୍ୟରେ ରାଜ୍ୟରେ ୧ ହଜାର ଶଯ୍ୟା ବିଶିଷ୍ଟ ୨ଟି କୋଭିଡ୍ ହସ୍ପିଟାଲ୍ ପ୍ରସ୍ତୁତ ହୋଇପାରିଥିଲା । ଏହି ପ୍ରକ୍ରିୟା ଏବେ ପର୍ଯ୍ୟନ୍ତ ଜାରି ରହିଥିବାବେଳେ ରାଜ୍ୟର ସମସ୍ତ ଜିଲ୍ଲାରେ କୋଭିଡ୍ ହସ୍ପିଟାଲ୍ ଖୋଲିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି । ରାଜ୍ୟରେ ମୋଟ୍ ୩୫ଟି କୋଭିଡ୍ ହସ୍ପିଟାଲ୍ ପ୍ରସ୍ତୁତ କରିବା ପାଇଁ ସରକାର ଘୋଷଣା କରିଥିବା ବେଳେ ଏବେ ଏ ଯାଏଁ ୩୩ଟି ସ୍ୱତନ୍ତ୍ର ହସ୍ପିଟାଲ୍ ସହ ୫ ହଜାର ୪୭୪ ଶଯ୍ୟା ପ୍ରସ୍ତୁତ ହୋଇସାରିଛି । ସ୍ୱାସ୍ଥ୍ୟ ସେବା ଓ ରୋଗୀ ଚିକିତ୍ସାକୁ ଗୁରୁତ୍ୱ ଦେବା ସହିତ କେମିତି କରୋନା ସଂକ୍ରମଣ ରୋକାଯିବ ସେନେଇ ମଧ ରାଜ୍ୟ ସରକାର କେନ୍ଦ୍ରଠାରୁ ଆଗୁଆ ପଦକ୍ଷେପ ନେଇଥିଲେ । ଦେଶର ପ୍ରଥମ ରାଜ୍ୟଭାବେ ଗତ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ୫ଟି ସହରରେ ଲକ୍‌ଡାଉନ୍ ଘୋଷଣା କରିଥିଲେ । ଏହାପରେ ଅର୍ଥାତ୍ ୨୪ତାରିଖରୁ କେନ୍ଦ୍ର ସରକାର ସାରା ଦେଶରେ ଏପ୍ରିଲ ୧୪ ଲକ୍‌ଡାଉନ୍ ଜାରି କରିଥିଲେ । ସେହିପରି ପ୍ରଥମ ରାଜ୍ୟଭାବେ ଦିତ୍ୱୀୟ ପର୍ଯ୍ୟାୟ ଲକ୍‌ଡାଉନ୍‌କୁ ଏପ୍ରିଲ୍ ୩୦ ପର୍ଯ୍ୟନ୍ତ ବଢ଼ାଯାଇଥିଲା । ଏହାକୁ ସାରା ଦେଶରେ ଲାଗୁ କରିବା ସହିତ ରେଳ ଓ ବିମାନ ଚଳାଚଳ ସେବାକୁ ସମ୍ପୂର୍ଣ୍ଣ ବନ୍ଦ ରଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ । ରାଜ୍ୟ ପନ୍ଥାକୁ କେନ୍ଦ୍ର ଗ୍ରହଣ କରି ପୁଣି ଥରେ ସାରା ଦେଶରେ ଲକ୍‌ଡାଉନ୍ ଅବଧିକୁ ମେ’ ୩ ଯାଏ ବୃଦ୍ଧି କରିବା ସହିତ ରେଳ ଓ ବିମାନ ସେବାକୁ ବାତିଲ୍ କରାଯାଇଥିଲା । ଏହି ପଦକ୍ଷେପ ବ୍ୟତୀତ ରାଜ୍ୟରେ କରୋନା ଚିକିତ୍ସା ଓ ନମୁନା ପରୀକ୍ଷଣକୁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ମାଗଣା କରିଥିଲେ । ଏହାସହ ଡାକ୍ତରୀ ସଂଖ୍ୟା ବୃଦ୍ଧି ପାଇଁ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଏଥିରେ ନିୟୋଜିତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ନିବେଦନ କ୍ରମେ ଅବସରପ୍ରାପ୍ତ ଡାକ୍ତରମାନେ ମଧ ଟେଲିମେଡିସିନ୍ ପ୍ରକ୍ରିୟାରେ ଯୋଡ଼ି ହୋଇଥିଲେ । ସେହିପରି ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଆଗୁଆ ୩ ମାସର ଦରମା ପ୍ରଦାନ କରିବାରେ ମଧ ମୁଖ୍ୟମନ୍ତ୍ରୀ ଉଦାହରଣ ସାଜିଥିଲେ । ଏହା ବ୍ୟତୀତ ସବୁ ବିଧାୟକଙ୍କ ଗୋଟିଏ ମାସର ଦରମା ସରକାରଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ ସହ ଆଏଏଏସ୍‌ମାନଙ୍କର ଅଧା ଦରମା ଦେବା ପାଇଁ ଘୋଷଣା କରିଥିଲେ । ପରେ କେନ୍ଦ୍ର ସରକାର ଏମ୍‌ପିମାନଙ୍କ ୩୦% ଦରମା କାଟ୍ ନିଷ୍ପତ୍ତି ନେଇଥିଲେ । ଏହା ବ୍ୟତୀତ ବର୍ତ୍ତମାନ ସରକାର ଏକ ବଡ଼ ପଦକ୍ଷେପ ନେବା ପାଇଁ ଘୋଷଣା କରିଛନ୍ତି । ସାରା ଦେଶରେ ଥିବା ଓଡ଼ିଆ ଶ୍ରମିକମାନଙ୍କୁ କେମିତି ରାଜ୍ୟକୁ ଫେରାଇ ଆଣି ହେବ ଓ ସେମାନଙ୍କୁ ସଠିକ୍ ଢଙ୍ଗରେ କ୍ୱାରେଣ୍ଟାଇନ୍‌ରେ ରଖାଯିବ ସେନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ପ୍ରଥମ ରାଜ୍ୟ ଭାବେ ନବୀନ ସରକାର ଏହି ଘୋଷଣା କରିଥିବା ବେଳେ ପ୍ରାୟ ୫ ଲକ୍ଷ ପ୍ରବାସୀ ଓଡ଼ିଆ ବିଭିନ୍ନ ରାଜ୍ୟରୁ ଫେରିବେ ବୋଲି ସରକାର ଅନୁମାନ କରିଛନ୍ତି । ଏହି ଶ୍ରମିକମାନଙ୍କୁ ୧୪ ଦିନ ପର୍ଯ୍ୟନ୍ତ ନିଜ ଦାୟିତ୍ୱରେ ରଖିବା ପାଇଁ ସରକାର ଘୋଷଣା କରିଛନ୍ତି । ସେମାନେ ଫେରିବା ପରେ ସମସ୍ତଙ୍କର ଡାକ୍ତରୀ ପରୀକ୍ଷା କରାଯାଇ ସୁସ୍ଥଲୋକଙ୍କୁ ଘରକୁ ଛାଡ଼ି ଅନ୍ୟ ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା କରିବା ପାଇଁ ସରକାର ଘୋଷଣା କରିଛନ୍ତି । ଏହି ସବୁ ବିରଳ ତଥା ଆଗୁଆ ପଦକ୍ଷେପ ପାଇଁ ରାଜ୍ୟ ସରକାର ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି । ଅନ୍ୟପକ୍ଷରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ବହୁ ପୂର୍ବରୁ ସତର୍କ ହୋଇ ବିଦେଶ ଫେରନ୍ତା ବ୍ୟକ୍ତିମାନଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ କରିଥିଲେ । ଏହାସହିତ ସମସ୍ତଙ୍କୁ ନିଜ ଘରେ ୧୪ ଦିନ ପର୍ଯ୍ୟନ୍ତ କ୍ୱାରେଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦେଇଥିଲେ । ସବୁଠାରୁ ବଡ଼ କଥାହେଲା ଲୋକମାନଙ୍କୁ ଏହି କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହନ ବାବଦକୁ ସରକାର ୧୫ ହଜାର ଟଙ୍କାର ସହାୟତା ରାଶି ମଧ ପ୍ରଦାନ କରିବାକୁ ଘୋଷଣା କରିଥିଲେ । ଯାହାକି ସାରା ଦେଶରେ ଏକ ଚର୍ଚ୍ଚିତ ବିଷୟ ହୋଇଥିଲା । ଏହି ପଞ୍ଜୀକରଣ ମାଧ୍ୟରେ ରାଜ୍ୟକୁ ବିଭିନ୍ନ ଦେଶରୁ ଆସିଥିବା ପ୍ରାୟ ୪୬୦୦ରୁ ଅଧିକ ଲୋକ ନିଜର ସୂଚନା ଦେଇ କ୍ୱାରେଣ୍ଟାଇନ୍‌ରେ ରହିଥିଲେ । ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କଠାରୁ କରୋନା ଚିହ୍ନଟ ହୋଇଥିଲେ ମଧ ସତର୍କତା ଦୃଷ୍ଟିରୁ ଅଧିକ ଲୋକଙ୍କୁ ଏହା ବ୍ୟାପିପାରି ନଥିଲା । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ନିଜାମୁଦ୍ଦିନ୍ ଫେରନ୍ତାମାନେ ଏକ ଆହ୍ୱାନ ସାଜିଥିଲେ ବି ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ରାଜ୍ୟରେ ଯେଉଁମାନେ ବି ସେଠାରେ ଯୋଗ ଦେଇଥିଲେ ସମସ୍ତେ ନିଜଆଡୁ ସରକାରଙ୍କୁ ସୂଚନା ଦେଇଥିଲେ । ଯାହାକି ରାଜ୍ୟ ସରକାର ଏହି ଘଟଣା ଉପରେ ଆୟତ୍ତ ଆଣିପାରିଥିଲେ । ବର୍ତ୍ତମାନ ରାଜ୍ୟ ପାଇଁ ପଶ୍ଚିମ ବଙ୍ଗ ଫେରନ୍ତାମାନେ ମୁଣ୍ଡ ବିନ୍ଧାର କାରଣ ସାଜିଥିବା ବେଳେ ଗ୍ରାମାଞ୍ଚଳକୁ ଏହି ଆକ୍ରାନ୍ତମାନେ ଅଧିକ ସଂଖ୍ୟକ ଆସୁଛନ୍ତି । ତେଣୁ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ପଞ୍ଚାୟତମାନଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳରେ କରୋନା ରୋକିବାକୁ ସରପଞ୍ଚମାନଙ୍କୁ ଅଖଣ୍ଡ କ୍ଷମତା ଦେଇଛନ୍ତି । ସରପଞ୍ଚମାନେ ଏବେ ଜିଲ୍ଲାପାଳ କ୍ଷମତା ପାଇଁ କୋଭିଡ ଯୋଦ୍ଧା ଭାବେ ଗ୍ରାମାଞ୍ଚଳରେ କାମ କରୁଛନ୍ତି ।

### ରବିଧାନ ...

ନେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏଥି ସହିତ ବିଭାଗ ଦ୍ୱାରା ଡାଲି ଓ ତୈଳବୀଜ ସର୍ବନିମ୍ନ ସହାୟକ ମୂଲ୍ୟ ଜରିଆରେ ଚାଷୀମାନଙ୍କଠାରୁ ସଂଗ୍ରହକୁ ସୁବ୍ୟବସ୍ଥିତ କରିବା ସହିତ ବିଭାଗ ପକ୍ଷରୁ ଚାଷୀମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ କରାଇବା ଦିଗରେ ଆଗୁଆ ପଦକ୍ଷେପ ନିମନ୍ତେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ରବିଧାନ ସଂଗ୍ରହ ସମୟରେ ଧାନ ସଂଗ୍ରହ କେନ୍ଦ୍ର ନିମନ୍ତେ ଜାରି କରାଯାଇଥିବା ବିସ୍ତୃତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଜିଓରକୁ କଡ଼ାକଡ଼ି ଭାବରେ ଅନୁପାଳନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମଣ୍ଡିକୁ ସମ୍ପୂର୍ଣ୍ଣ ଧୂମପାନ ମୁକ୍ତ ରଖିବା ସହିତ ମଣ୍ଡି ପରିସରରେ ଛେପ ପକାଇବା ନିମନ୍ତେ ନିଷେଧ କରାଯାଇଛି । ସାମାଜିକ ଦୂରତ୍ୱ ଏବଂ ମାର୍ଗଦର୍ଶିକା ଅନୁପାଳନକୁ କଡ଼ାକଡ଼ି ଭାବେ ଅନୁପାଳନ ନିମନ୍ତେ ସ୍ଥାନୀୟ ପୁଲିସ ପ୍ରଶାସନ ଏବଂ ସ୍ୱେଚ୍ଛାସେବୀମାନଙ୍କର ସହଯୋଗ ଏବଂ ଚାଷୀମାନଙ୍କୁ ସୂଚନା ପ୍ରଦାନ ନିମନ୍ତେ ମାଇକ୍ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଇଛି । ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ବୀରବିକ୍ରମ ଯାଦବଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

### ଶୁଭାରମ୍ଭ ...

ପ୍ରତ୍ୟେକ ରାଜ୍ୟ ଓ ସମଗ୍ର ଦେଶ ଆତ୍ମ ନିର୍ଭରଶୀଳ ହେଲେ ହିଁ ଏଭଳି ବିପଦର ସାମ୍ନା କରିପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ ପୁଣି କହିଲେ ଯେ ଗତ ପାଞ୍ଚ ବର୍ଷ ଭିତରେ ପ୍ରାୟ ୧.୨୫ ଲକ୍ଷ ପଞ୍ଚାୟତକୁ ବ୍ରଡ଼ବ୍ୟାଣ୍ଡ ମାଧ୍ୟମରେ ଯୋଡ଼ା ଯାଇପାରିଛି ଯାହାକି ପୂର୍ବରୁ ମାତ୍ର ୧୦୦ଟି ଗ୍ରାମ ପଞ୍ଚାୟତରେ ଉପଲବ୍ଧ ଥିଲା । ସେହିଭଳି ଏବେ ସାରା ଦେଶରେ ସାଧାରଣ ସୁବିଧା କେନ୍ଦ୍ର ସଂଖ୍ୟା ୩ ଲକ୍ଷକୁ ଟପି ସାରିଛି । ଗ୍ରାମାଞ୍ଚଳ ସ୍ତରରେ ଡିଜିଟାଲ ଭିତ୍ତିଭୂମି ମଧ ସୁଦୃଢ଼ ହୋଇପାରିଛି । ଆଜିର ଏହି ଦିବସ ତାଙ୍କୁ ଗ୍ରାମ ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ପ୍ରତ୍ୟକ୍ଷ ଭାବ ବିନିମୟର ସୁଯୋଗ ପ୍ରଦାନ କରିଛି । ସରପଞ୍ଚମାନଙ୍କ ସହ ଏହି ଭାବ ବିନିମୟ ବେଳେ ପ୍ରଧାନମନ୍ତ୍ରୀ ଗ୍ରାମଗୁଡ଼ିକୁ ଅଭିନନ୍ଦନ ଜଣାଇ ‘ଦୁଇ ଗଜ ଦୂରତା’ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ସେ କହିଲେ ଯେ ଆମମାନଙ୍କ ଏଭଳି ପ୍ରୟାସ ଭିତରେ, ଆମେ ଏକଥା ମଧ ସ୍ମରଣ ରଖିବା ଉଚିତ ଯେ କୌଣସି ଜଣେ ବ୍ୟକ୍ତିର ଅବହେଳା ହିଁ ସମଗ୍ର ଗ୍ରାମକୁ ବିପଦ ମୁହଁକୁ ଠେଲି ଦେଇପାରେ । ତେଣୁ ଏଥିରେ ଖିଲାପ କରିବା ଉଚିତ ନୁହେଁ । ସରପଞ୍ଚମାନେ ଗ୍ରାମର ସ୍ୱଚ୍ଛତା ଅଭିଯାନ ଦିଗରେ ପୂର୍ଣ୍ଣ ପ୍ରାଣରେ କାର୍ଯ୍ୟ କରିବା ଉଚିତ । ଏଥି ସହ ସେମାନେ ବୟୋବୃଦ୍ଧ, ଦିବ୍ୟାଙ୍ଗ ଏବଂ ଗ୍ରାମର ଅନ୍ୟାନ୍ୟ ଦୁର୍ଗତ ଲୋକମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବା ଆବଶ୍ୟକ । ଏହା ବ୍ୟତୀତ କ୍ୱାରେଣ୍ଟାଇନ୍, ସାମାମଜିକ ଦୂରତା ରକ୍ଷା ଏବଂ ମୁହଁକୁ ମାସ୍କରେ ଘୋଡ଼ାଇ ରଖିବା କାର୍ଯ୍ୟକୁ ମଧ ସେମାନେ ସୁନିଶ୍ଚିତ କରିବା ଦରକାର । ସରପଞ୍ଚମାନେ କୋଭିଡ-୧୯ ସଂପର୍କୀତ ସମସ୍ତ ସଠିକ ସୂଚନା ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚାଇବା ବାଞ୍ଛନୀୟ । ପ୍ରତ୍ୟେକ ଲୋକ ‘ଆରୋଗ୍ୟ ସେତୁ’ ଆପକୁ ଡାଉନଲୋଡ଼ କରନ୍ତୁ । ଏହାଦ୍ୱାରା ସେମାନେ କରୋନା ସଂକ୍ରମଣ ସଂପର୍କରେ ତ୍ୱରିତ ସୂଚନା ପାଇପାରିବେ । ଗ୍ରାମାଞ୍ଚଳର ଗରିବ ଲୋକମାନେ କିଭଳି ସବୁଠାରୁ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ସେଥିପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ଆୟୁଷ୍ମାନ ଭାରତ ଯୋଜନା ଗ୍ରାମାଞ୍ଚଳର ଲୋକଙ୍କ ସକାଶେ ଏକ ବିରାଟ ଆଶ୍ୱସ୍ତି ଭାବେ ମୁଣ୍ଡ ଟେକିଛି । ଏହି ଯୋଜନା ମାଧ୍ୟମରେ ଦେଶର ପ୍ରାୟ ଏକ କୋଟି ଲୋକ ଭଲ ଭଲ ହସପିଟାଲରେ ଉତ୍ତମ ଚିକିତ୍ସାସେବା ଲାଭ କରି ପାରିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଅବସରରେ ଜମ୍ମୁ-କଶ୍ମୀର, କର୍ଣ୍ଣାଟକ, ବିହାର, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ ଓ ଆସାମର ସରପଞ୍ଚମାନଙ୍କ ସହ ଭାବ ବିନିମୟ କରିଥିଲେ । ସେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱରାଜ ଚିନ୍ତାଧାରା କିଭଳି ଗ୍ରାମ ସ୍ୱରାଜର ମୂଳ ଆଧାର ପାଲଟିଛି ତାହା ଉଲ୍ଲେଖ କରିଥିଲେ । ଶାସ୍ତ୍ରରୁ ଉକ୍ତି ଉଦ୍ଧାର କରି ପ୍ରଧାନମନ୍ତ୍ରୀ ଲୋକମାନଙ୍କ ସ୍ମରଣ କରାଇ ଦେଇଥିଲେ ଯେ ସମସ୍ତ ସାମର୍ଥ୍ୟର ମୂଳ ଆଧାର ହେଲା ଏକତା । ପରିଶେଷରେ ପ୍ରଧାନମନ୍ତ୍ରୀ ପଞ୍ଚାୟତିରାଜ ଦିବସ ଅବସରରେ ଦେଶର ସରପଞ୍ଚମାନଙ୍କୁ କରୋନା ବିରୋଧରେ ସେମାନଙ୍କର ସମୂହ ଲଢ଼େଇ, ଐକ୍ୟବଦ୍ଧତା ଓ ସଂକଳ୍ପ ସକାଶେ ଅଭିନନ୍ଦନ ଜଣାଇଥିଲେ ।

# ସାଇ କରୁଣା



ଇଂ.ସଚ୍ଚିଦାନନ୍ଦ ନନ୍ଦ

ସାଇଙ୍କ କରୁଣା କଥା ଭାବିଲେ, ସ୍ମୃତିର ପ୍ରଚ୍ଛଦପଟରେ ଭାସି ଆସେ ମସ୍‌ଜିଦ୍ ସମ୍ମୁଖରେ ଥିବା ସେ କୁଣ୍ଡଟି ଯେଉଁଠି ଭିକ୍ଷା ସଂଗୃହୀତ ରୁଟି ତଥା ଅନ୍ୟ ଖାଦ୍ୟପଦାର୍ଥ ଗୁଡ଼ିକ, ଯାହାକୁ ଘର ପରିଷ୍କାର କରିବାକୁ ଆସୁଥିବା ମହିଳା ସହ, କୁଆ କୁକୁର ତଥା ଅନ୍ୟ କ୍ଷୁଧିତ ପ୍ରାଣୀମାନେ ମଧ୍ୟ ଭକ୍ଷଣ କରିଥାନ୍ତି। ଏହା ଦିନେ ଦି ଦିନର କଥା ନୁହେଁ ବରଂ ପ୍ରତିଦିନର ମୁଖ୍ୟ ଭୂତ ଯଜ୍ଞ। ଅବତାରମାନେ ଏକ ସଙ୍ଗେ କେତେ କେତେ ଭଲ କାମ, ଶିକ୍ଷାପ୍ରଦ କାମ, ଫଳପ୍ରଦ କାମ ନିଜେ କରି ଅନ୍ୟମାନଙ୍କୁ ଶିଖାଇଥାଆନ୍ତି ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ଯାହାର ଘର ଅଛି, ଚୁଲି ଜଳି ଖାଦ୍ୟ ପଦାର୍ଥ ରନ୍ଧନ ହେଉଛି ସେମାନଙ୍କ ଦ୍ୱାରା ଏ କାମ ହୋଇପାରୁ ନଥିବାବେଳେ, ଘର ନଥାଇ, ଚୁଲି ନ ଜଳି, ରୋଜଗାର ନଥାଇ କେବଳ ଏକ କରୁଣାପୂର୍ଣ୍ଣ ହୃଦୟ ଥିବାରୁ ଏହା ସମ୍ଭବ ହୋଇପାରୁଥିଲା। ଅବତାରମାନେ ସଦା ସର୍ବଦା ଏଭଳି ଏକ ଦରଦୀ ହୃଦୟ ଧରି ଆସିଥାନ୍ତି। ସେ ନିଜକୁ ଭିକ୍ଷୁକ ସଜାଇ ଆସନ୍ତୁ, ରାଜ ପରିବାରରେ ଜନ୍ମଲାଭ କରାନ୍ତୁ ବା ଗୃହୀ, ସଂସାରୀ ହୋଇଥାଆନ୍ତୁ ସେ ଏହିଭଳି ସମବେଦନା ଓ ଜୀବ ଦୟା ନିଶ୍ଚିତ ଭାବେ ପ୍ରଦର୍ଶନ କରିଥାଆନ୍ତି। ସେ ପରା ଆମକୁ କହନ୍ତି ହୃତ୍+ଦୟା = ହୃଦୟ। ଏଠାରେ ହୃତ୍‌ପିଣ୍ଡ ଏକାମ କରେ ନାହିଁ ହୃଦୟ ଆବଶ୍ୟକ। ଯୁଗକୁ ଯୁଗ ତାଙ୍କ ଦେହର ଆକାର ପ୍ରକାର ବଦଳିଯାଏ, ରୂପ, ଭେକ, ବଦଳିଯାଏ, କିନ୍ତୁ ହୃଦୟ ଅତୀବ କୋମଳ ଓ ତରଳ ହୋଇଥାଏ। କରୁଣାର ସ୍ରୋତସ୍ୱିନୀ ପ୍ରବାହିତ ହୋଇଯାଏ। ସେ ସ୍ରୋତରେ କେବଳ ମାନବ ନୁହେଁ, ସମସ୍ତ ପ୍ରକାର ସ୍ଥଳଚର, ଜଳଚର ଓ ଆକାଶଚର ପ୍ରାଣୀଙ୍କ ସହିତ ଅଦୃଶ୍ୟ ଶରୀରରେ ଥିବା ପ୍ରେତ ଲୋକରେ ଥିବା ତଥା ଭୂଲୋକରୁ ଆରମ୍ଭ କରି ସତ୍ୟ ଲୋକ ପର୍ଯ୍ୟନ୍ତ ସବୁ ପ୍ରକାର ପ୍ରାଣୀମାନେ ଦୈହିକ, ମାନସିକ, ବୌଦ୍ଧିକ ତଥା ଆଧ୍ୟାତ୍ମିକ ସ୍ତରର କରୁଣା ଲାଭ କରିଥାନ୍ତି। ମାନବ ଶରୀରଧାରୀ ତପସ୍ୱୀ, ସାଧକ, ଯୋଗୀ ଋଷିଙ୍କ ଠାରୁ ଆରମ୍ଭ କରି ଚୋର, ତସ୍କର, ସମାଜର ଶତ୍ରୁ, ଅପହରଣକାରୀ ତଥା ଅମଣିଷମାନେ ମଧ୍ୟ ତାଙ୍କ କରୁଣାରୁ ଉପକାର ପାଇଯାଆନ୍ତି। ଯଦି କେହି ତାଙ୍କ ଦ୍ୱାରା ପ୍ରଦତ୍ତ ଦଣ୍ଡରେ ଦଣ୍ଡିତ ହୁଏ, ତେବେ ମଧ୍ୟ ସେ ଭାଗ୍ୟବାନ ବୋଲି ପରିଗଣିତ ହୁଏ।

ତପସ୍ୱୀ ଅମୃତନନ୍ଦ ବାଲ୍ୟକାଳର ମହା ଯଜ୍ଞର ଫଳ ପାଇ ନଥିବାରୁ ଏକ ପ୍ରକାର ହତାଶ ସହ ନିର୍ଜୀବ ସାଧନାରେ ଥିଲେ। ଭଗବାନ ତାଙ୍କ କୁଟୀରରେ ଉପସ୍ଥିତି ହୋଇ ତାଙ୍କ ଗୁରୁରମଣ ମହର୍ଷିଙ୍କ ସ୍ନେହସିକ୍ତ କଣ୍ଠସ୍ୱରରେ ସମ୍ବୋଧନ କରି କଥୋପକଥନ ଛଳରେ ବାଲ୍ୟକାଳ ଯଜ୍ଞର ଫଳଶ୍ରୁତିକୁ ସାକାର କରିଦେଲେ। ତପସ୍ୱୀଙ୍କ ଜୀବନ ତେଜୋଦୀପ୍ତ ହେଲା ସେ ନୂତନ ଉଦ୍ଦୀପନା ଲାଭ କଲେ ଏବଂ କୌଣସି ତପସ୍ୟା ବୃଥା ଯାହାନାହିଁ ଉକ୍ତିଟି ସତ୍ୟରେ ପରିଣତ ହେଲା। କି କରୁଣା କେଉଁ ପରିମାଣର କରୁଣା, କେଉଁ ପରିପ୍ରେକ୍ଷୀର କରୁଣା ଏହା କେବଳ କଳାନାତୀତ। ମହାନ ତପସ୍ୱୀମାନଙ୍କ ପାଇଁ ତାଙ୍କର ଯେତିକି କରୁଣା କୁଟନ୍ (ଗାଁର କୁକୁର) ପାଇଁ ତତୋଧିକ କରୁଣା। ତାର ତପସ୍ୟା କ'ଣ ଥିଲା, କେବଳ ଭଗବାନ ହିଁ ଜାଣିପାରୁଥିବେ। ଗ୍ରାମବାସୀମାନେ ବାବାଙ୍କୁ ସ୍ୱାଗତ କରିବାରେ ବ୍ୟସ୍ତ ରହି, ସେଥିରେ ଅସୁବିଧା ଘଟାଇବା ଭୟରେ ତାଙ୍କୁ ଦୂରସ୍ଥ କୌଣସି ସ୍ଥାନରେ ବାନ୍ଧି ରଖିଥିଲେ ଯାହା କରୁଣାବତାର ବାବାଙ୍କ ଠାରୁ ଲୁଚି ରହି ନଥିଲା। ତାକୁ ବନ୍ଧନ ମୁକ୍ତ କରିବାକୁ ଆଦେଶ ଦିଅନ୍ତେ, କୁଟନ୍ ଅତିଶୟ ଆନନ୍ଦରେ ସଭାସ୍ଥଳକୁ ଆସି କାହାରି କିଛି ଅସୁବିଧା ନକରି କେବଳ ଭଗବାନଙ୍କ ପାଦାଶ୍ରୟ ଖୋଜିଥିଲା। ନିର୍ବିଘ୍ନରେ ସଭାକାର୍ଯ୍ୟ ସମାପନ ହେଲା। ବାବାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଗଲା। ଗ୍ରାମବାସୀମାନେ ଫେରି ଆସି ଦେଖନ୍ତି ତ କୁଟନ ବାବାଙ୍କ ପାଦାସନ ପାଖରେ ନିଶ୍ଚିନ୍ତରେ ଚିରଦିନ ପାଇଁ ଶୋଇଯାଇଛି। ଗ୍ରାମବାସୀ ଭକ୍ତମାନଙ୍କ ପାଇଁ ଯାହା ଦୁର୍ଲ୍ଲଭ ତାହା କୁଟନପାଇଁ ଅତି ସୁଲଭ ଥିଲା। ତାହା କଣ କୁଟନର ଭକ୍ତିର ପୁରସ୍କାର ନା ପୁରସ୍କାର ପ୍ରଦାତାଙ୍କ କରୁଣା? ବିଦେଶୀ ଯୁବ ପାଇଲଟ ଆଲ୍‌ଡ୍ରୁକର ଆକାଶପଥରେ ବିମାନ ଉଡାଇ ଯାଉ ଯାଉ ଘନ ଅନ୍ଧକାରପୂର୍ଣ୍ଣ ମୃତ୍ୟୁର କରାଳ ଲହରୀରେ ପଡ଼ିଗଲେ। ନିଜର ବୁଦ୍ଧିବଳ, ବାହୁବଳ, ସାଥି ପାଇଲଟର ଜୀବନକୁ ବଞ୍ଚାଉ ବଞ୍ଚାଉ ନିଜ ଜୀବନ ବିପଦପୂର୍ଣ୍ଣ ହୋଇଥିଲା। ଶେଷକୁ ଅନନ୍ୟୋପାୟ ହୋଇ ବିକଳ ହୋଇ ଡାକନ୍ତି 'ହେ ଦୟାମୟ ଭଗବାନ, ମୁଁ ବଞ୍ଚିବାକୁ ଚାହେଁ, ମୋତେ ରକ୍ଷା କର।' ସେତେବେଳେ ସେ ସାଇବାବାଙ୍କୁ ଚିହ୍ନି ନଥିଲେ କି ତାଙ୍କ ମହିମା ବିଷୟରେ ଅବଗତ ନଥିଲେ। ସେ ସିନା ଚିହ୍ନି ନଥିଲେ କିନ୍ତୁ କରୁଣାମୟ ସମସ୍ତଙ୍କୁ ଜାଣିଥାନ୍ତି। ଠିକ୍ ଏକ ଦକ୍ଷ ବୈମାନିକ ଭଳି, ବୈମାନିକ ଭାଷାରେ ନିର୍ଦ୍ଦେଶ ଦେଲେ, 'କେଉଁ ଦିଗରେ ଗଲେ ତୋ ବିମାନର ଇନ୍ଧନ ସରିବା ପୂର୍ବରୁ ତୁ ନିରାପଦ ସ୍ଥାନରେ ପହଞ୍ଚିପାରିବୁ। ବୁଡ଼ିଗଲା ବେଳକୁ କୁଟା ଖିଅ ଭରସା ଭଳି ଆଲଡ୍ରକର ସେ ନିର୍ଦ୍ଦେଶକୁ ମାନିନେଲେ। ଠିକ୍ ସେହି ନିର୍ଦ୍ଦେଶାନୁସାରେ ବିମାନର ଇନ୍ଧନ ସରିବା ପୂର୍ବରୁ ସଠିକ୍ ବିମାନଘାଟୀରେ ଅବତରଣ କରିଗଲେ। ପରେ ଅନୁସନ୍ଧାନରୁ ଜାଣିପାରିଲେ ବିପଦ କାଳରେ ତାଙ୍କୁ ପ୍ରାର୍ଥନା ନ କରିଥିଲେ ମଧ୍ୟ ଯିଏ ତାଙ୍କୁ ନିର୍ଦ୍ଦେଶ ଦେଇ ନିରାପତ୍ତା ସୁନିଶ୍ଚିତ କରିଥିଲେ ସେ ସତ୍ୟସାଇଙ୍କ ଛଡ଼ା ଆଉ କେହି ନୁହେଁ। ଅନ୍ତର ତାଙ୍କର ଭରିଗଲା କୃତଜ୍ଞତାରେ। ଚିରଦିନ ପାଇଁ ପଦ୍ମପାଦର ଉପାସକ ହୋଇଗଲେ ବୈମାନିକ ଆଲ୍‌ଡ୍ରୁକର।

ଥରେ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପ୍ରଶାନ୍ତି ଯାତ୍ରା ଓ ରହଣୀ ସମୟରେ ବାବା କଲେଜର ପିଲାମାନଙ୍କୁ ଡାକି କହିଲେ, ପ୍ରଧାନମନ୍ତ୍ରୀ ଝିଟିପିଟିକୁ ଭୟ କରନ୍ତି, ଦେଖ ତାଙ୍କ ଶୟନ କକ୍ଷରେ ଗୋଟିଏ ହେଲେ ଝିଟିପିଟି ଯେପରି ନରହନ୍ତି। ପିଲାମାନେ ଫେରି ଯାଉ ଯାଉ ପୁନଶ୍ଚ ଡାକି କହିଲେ, ଝିଟିପିଟିମାନଙ୍କୁ କିପରି ବାହାର କରିବ? ଛାତ୍ରମାନଙ୍କ ଉତ୍ତର ଶୁଣି କହିଲେ, ସେଗୁଡ଼ିକ ଏ ପର୍ଯ୍ୟନ୍ତ ନିଜ ଘର ଭଳି ସେ କକ୍ଷରେ ରହିଆସୁଥିଲେ। ଦିନକ ପରେ ସେମାନେ ପୁଣି ସେଠାରେ ରହିବେ। ତେଣୁ ତାଙ୍କ ଭୟ ଦେଖାଇବ ନାହିଁ, ବିଷାକ୍ତ ବାଷ୍ପ ପ୍ରୟୋଗ କରିବନାହିଁ, ଧୀରେ ଧୀରେ ତାଙ୍କୁ କଷ୍ଟ ନ ହେଲାଭଳି କେବଳ ଘଉଡାଇ ଦେବ। ସାମାନ୍ୟ ଝିଟିପିଟି ମାନଙ୍କ ପାଇଁ ମଧ୍ୟ କି ଉନ୍ନତ ଭାବ। ଏହା ସମ୍ଭବ କେବଳ ଗୋଟିଏ କରୁଣାପୂର୍ଣ୍ଣ ହୃଦୟ ପକ୍ଷରେ। ଦିବ୍ୟ ଜୀବନ ସଂଘର ଋଷିକେଶ ଆଶ୍ରମର ମୁଖ୍ୟ ଥାନ୍ତି କ୍ରିଷ୍ଣାନନ୍ଦ ସରସ୍ୱତୀ। ସେ ଗୋଟିଏ ସାଧନା କରିବାକୁ ଆରମ୍ଭ କଲେ। ନାରଦଙ୍କ ପରି ଭୂଲୋକରେ ଦେହକୁ ଛାଡ଼ି, ଭୂବଲୋକ, ସ୍ୱଃଲୋକ, ମହଲୋକ ପ୍ରଭୃତି ଲୋକରେ ବିଚରଣ କରିବାର ଶକ୍ତି ହାସଲ କରିଥିଲେ। ଦିନେ ସେ ଭାବିଲେ ଏବେ ସତ୍ୟ ଲୋକକୁ ଯାଇ ସେଠାକାର ଅନୁଭୂତି ହାସଲ କଲେ କେମିତି ହୁଅନ୍ତା। ତାଙ୍କର ସେ ଶକ୍ତି ଥିଲା ଏବଂ ତା ବଳରେ ସେ ଜନଲୋକ ତପଲୋକ ଅତିକ୍ରମ କରି ସତ୍ୟ ଲୋକରେ ପହଞ୍ଚିଗଲେ। କୌଣସି କାରଣରୁ ସେଠାରୁ ଫେରି ପାରିଲେ ନାହିଁ। ଫେରି ନପାରିବା କଷ୍ଟରୁ ଉଦ୍ଧାର କରିବା ପାଇଁ ଗୁରୁ ଶିବାନନ୍ଦ ସରସ୍ୱତୀଙ୍କୁ କାତର ପ୍ରାର୍ଥନା କଲେ। ହଠାତ୍ ଜଣେ ଅଚିହ୍ନା ବ୍ୟକ୍ତି, କମଳା ରଙ୍ଗର ଗାଉନ୍ ଓ ଘଞ୍ଚ କେଶରେ ସଜ୍ଜିତ ହୋଇ ତାଙ୍କ ହାତ ଧରି କୋମଳ କଣ୍ଠରେ କହିଲେ, 'କ୍ରିଷ୍ଣାନନ୍ଦ ଆସ ମୁଁ ତୁମକୁ ତୁମ ଦେହ ପର୍ଯ୍ୟନ୍ତ ନେଇଯିବି। କ୍ରିଷ୍ଣାନନ୍ଦ ତାଙ୍କ କଥା ମାନିଗଲେ ଏବଂ ଲୋକପରେ ଲୋକ ପାରି କରାଇ ସେ ଭୁଲୋକରେ ଥିବା ତାଙ୍କ ଦେହ ପର୍ଯ୍ୟନ୍ତ ଘେନି ଆସିଲେ। କ୍ରିଷ୍ଣାନନ୍ଦ ପଚାରିଲେ, ଆଜ୍ଞା ମୁଁ ତ ମୋ ଗୁରୁ ଶିବାନନ୍ଦଙ୍କୁ ପ୍ରାର୍ଥନା କରୁଥିଲି, ଆପଣ କିଏ, କେମିତି ମୋ କଷ୍ଟ ବୁଝିପାରି ମୋତେ ଏ ଅଲୌକିକ ସାହାଯ୍ୟ କଲେ? ତା ସହିତ ଆସିବା ବାଟରେ ମୁଁ ଦେଖିଲି ପ୍ରତ୍ୟେକ ଲୋକ ବାବଦରେ ଆପଣଙ୍କ ବିଶେଷ ଜ୍ଞାନ ଅଛି ଏବଂ ସମସ୍ତେ ଆପଣଙ୍କୁ ସମ୍ମାନ ଜଣାଉଥିଲେ। ସାହାଯ୍ୟକର୍ତ୍ତା ଉତ୍ତର ଦେଲେ, 'ଯିଏ ଯେଉଁ ନାମ ଓ ରୂପକୁ ପ୍ରାର୍ଥନା କଲେ ବି ମୁଁ ସମସ୍ତଙ୍କୁ ସାହାଯ୍ୟ କରେ, ସେଥିରେ ମୋର ଆନନ୍ଦ।' ତୁମ ସାଧନା ସଫଳ ହେବାରେ ମୁଁ ତୁମକୁ ଆହୁରି ସାହାଯ୍ୟ କରିବି, ଆଗେଇଚାଲ। ଏତେ ଗୁରୁତ୍ୱପୂର୍ଣ୍ଣ କଥାରେ ନିଜ କରୁଣାର ଧାରା ପ୍ରବାହିତ କରିପାରୁଥିବା ପରମାତ୍ମା ତାଙ୍କ ସୃଷ୍ଟିର ସାମାନ୍ୟ ଜୀବକୁ ମଧ୍ୟ ହେଳା କରିନାହାନ୍ତି। ତାଙ୍କ କାର ଚକତଳେ ମରିବାକୁ ଯାଉଥିବା ସାପକୁ ମଧ୍ୟ ସେ ବିନା ପ୍ରାର୍ଥନାରେ କରୁଣା କରିଛନ୍ତି। ତାଙ୍କ ପାଇଁ ପାହାଡ଼ ଉପରକୁ ପାଣି ବୋହିଥିବା ମଇଁଷିକୁ ମଧ୍ୟ କୃତଜ୍ଞତା ନଜଣାଇ ଜଣେ ବିଶିଷ୍ଟ ଲୋକ ଭଳି ଚାଲିଯାଇ ନାହାନ୍ତି। ସାଇଗୀତାର ଦେହାବସାନରେ ତାଙ୍କୁଟୁମ୍ବର ଲୋକ ଭଳି ଲୋତକର ଧାରା ବୁହାଇଛନ୍ତି। ତାଙ୍କୁ ବିଷ ବରା ଦେଇ ଜୀବନରୁ ମାରିବା ମନୋବୃତ୍ତି ଲୋକଙ୍କୁ ମଧ୍ୟ କରୁଣାଶୀର୍ବାଦ ଦେଇ ଭକ୍ତି ମାର୍ଗରେ ଆଗେଇ ନେଇଛନ୍ତି। ଏଇ କଳିଯୁଗରେ ଭଗବାନ ବୁଦ୍ଧଙ୍କୁ ତାଙ୍କ କରୁଣା ପାଇଁ ଦଶାବତାର ମଧ୍ୟରୁ ଗୋଟିଏ ସ୍ଥାନ ମିଳିଛି। ଏହା ପୂର୍ବରୁ ଦେବାସୁରଙ୍କ ସାଗର ମନ୍ଥନ ବେଳେ ହଳାହଳ ପାନ କରି ଭଗବାନ ମହେଶ୍ୱର ଯାହା କଲେ ସେ ମଧ୍ୟ କରୁଣାବତାର ଆଖ୍ୟା ଲାଭ କରିଥିଲେ। ବର୍ତ୍ତମାନ ଆମ ସମକ୍ଷରେ ଆମ ସମସାମୟିକ ଭାବେ ଆମର ଜନ ମାନସରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ଭଗବାନ ଶ୍ରୀ ସତ୍ୟସାଇବାବା। କରୁଣା କ'ଣ ତାହା ଆଉ ପୁସ୍ତକ ପୃଷ୍ଠାରୁ ଖୋଜିବାକୁ ପଡ଼ିବ ନାହିଁ। ସେ ହିଁ କରୁଣାର ପ୍ରତିମୂର୍ତ୍ତି, ସେ ହିଁ କରୁଣାର ଚିର ପ୍ରବାହିତ ସ୍ରୋତସ୍ୱିନୀ। ତାଙ୍କୁ କରୁଣାର ସାଗର ବୋଲି ସମ୍ବୋଧନ କରିବାକୁ ସେ କହିଥିଲେ 'ସାଗରର ଏକ ସୀମା ଅଛି, ମୋ କରୁଣାର ସୀମା ନାହିଁ।' ତେଣୁ ତାଙ୍କୁ ସୀମାତୀତ କରୁଣାର ପ୍ରତ୍ୟକ୍ଷାତ୍ମା କହିଲେ ଆଦୌ ଅତ୍ୟୁକ୍ତି ହେବନାହିଁ।





*ଅଲିଶା ବଜାର, କଟକ*
*ଦୂରଭାଷ : ୯୪୩୭୫୧୧୨୩୦*

# ମୟୂରଭଞ୍ଜ-ବେଙ୍ଗଲ ସୀମାର ସ୍ଥିତି ଅନୁଧ୍ୟାନ କଲେ ପୁଲିସ ଡିଜି



**ବାରିପଦା :** ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ ଅଭୟ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ମୟୂରଭଞ୍ଜ-ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ଶୁଳିଆପଦା ପ୍ରବେଶପଥ ପରିଦର୍ଶନ କରିବା ସଂଗେସଂଗେ ସ୍ଥିତାବସ୍ଥା ଅନୁଧ୍ୟାନ ଶେଷ କରି ଫେରିଯାଇଛନ୍ତି । ଏଥି ସହିତ ଡ଼ିଜିପି କୋଭିଡ଼-୧୯ର ମୁକାବିଲା ନିମନ୍ତେ ପୁଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଓ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଏହାପରେ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ଗସ୍ତ ସମ୍ପର୍କରେ ଉପସ୍ଥିତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ ଅବସରରେ ଆଜି ମୟୂରଭଞ୍ଜ ଓ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଅଞ୍ଚଳ ବୁଲି ଦେଖିଥିଲେ । ଜିଲ୍ଲାରେ ଲକ୍ ଡ଼ାଉନ ଇନଫୋର୍ସମେଣ୍ଟ ଭଲ ରହିଛି । ଓଡ଼ିଶା – ବେଙ୍ଗଲ ବୋର୍ଡ଼ରରେ ପୋଷ୍ଟ, ଅଫିସର ଓ ଫୋର୍ସ ସଂଖ୍ୟାକୁ ବୃଦ୍ଧି କରାଯାଇଛି । ଓଡ଼ିଶାର ଏକ ତୃତୀୟାଂଶ କରୋନା ପଜିଟିଭ ସଂଖ୍ୟା ପଶ୍ଚିମବଙ୍ଗ ଓରିଜିନର ରହିଛି । ଏବେ ସନ୍ତୋଷ ପ୍ରକାଶ କରୁଛି ଯେ ସୀମାନ୍ତବର୍ତ୍ତୀ ଜନବସତି ଅଞ୍ଚଳର ପରିସ୍ଥିତି ସନ୍ତୋଷଜନକ ରହିଅଛି । ସେହି ସମସ୍ତ ଅଞ୍ଚଳଗୁଡ଼ିକୁ ପ୍ରଶାସନ ପକ୍ଷରୁ ସେନିଟାଇଜିଂ କରାଯାଉଛି । ଏସପି ଓ ଜିଲ୍ଲାପାଳ ମିଶି ଭଲ କାର୍ଯ୍ୟ କରୁଛନ୍ତି । ଆଶା କରୁଛି ସୀମାନ୍ତ ଅଞ୍ଚଳରେ ରହିଥିବା ଜନବସତିଗୁଡ଼ିକରେ ବସବାସ କରୁଥିବା ଜନସାଧାରଣ ସଚେତନ ଓ ସତର୍କ ରହି କାର୍ଯ୍ୟକରିବା ସାଙ୍ଗକୁ ପ୍ରଶାସନକୁ ସହଯୋଗ କରିବେ । ଯଦି କୌଣସି ବ୍ୟକ୍ତି ସୀମା ଅତିକ୍ରମ କରି ଭିତରେ ପ୍ରବେଶ କଲା ସଂଗେସଂଗେ ତାଙ୍କୁ କ୍ୱାରେଣ୍ଟାଇନରେ ଭର୍ତ୍ତି କରାଇବାର ବ୍ୟବସ୍ଥା କରାଇବେ । ବର୍ତ୍ତମାନ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାରୁ କୋଭିଡ଼-୧୯କୁ ନେଇ କୌଣସି ରିପୋର୍ଟ ଆସିନାହିଁ । କାମନା କରୁଅଛି କି, ମୟୂରଭଞ୍ଜ ଏହି ସ୍ଥିତାବସ୍ଥାକୁ ଆଗକୁ ରକ୍ଷା କରିବାରେ ସଫଳ ହେବ ବୋଲି ପୁଲିସ ମହାନିର୍ଦ୍ଦେଶକ ଶ୍ରୀଅଭୟ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଏହି ସମୟରେ ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାର ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ ଯେ, ହାତୀର ଦାନ୍ତ, ଦେଖିବାରେ ଗୋଟାଏ, କିନ୍ତୁ କାର୍ଯ୍ୟରେ ଭିନ୍ନ । ଠିକ୍ ସେହିପରି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ସିଲ କରାଯାଇଥିବାର କହୁଥିବା ବେଳେ ବାହାର ରାଜ୍ୟ ଓ ଜିଲ୍ଲାରୁ ମୟୂରଭଞ୍ଜ ଭିତରକୁ ଅବାଧ ପ୍ରବେଶ ଜାରି ରହୁଥିଲେ ମଧ୍ୟ ପୁଲିସ ଏହାର ଟେର ପାଇପାରୁ ନାହିଁ । ଆଜି ବାଲେଶ୍ୱର ଅରଡ଼ବଜାର ଅଞ୍ଚଳରୁ ବଳରାମ ଦାସ ଓ ଭଦ୍ରଖ ତିହିଡ଼ି ଅଞ୍ଚଳରୁ ହରମୋହନ ପାଢ଼ୀ ଓଆର-୨୨-୯୪୦୬ ନମ୍ବର ହିରୋହୋଣ୍ଡା ସ୍ପ୍ଲେଣ୍ଡର ବାଇକରେ ଆସି ବାରିପଦାରେ ପହଁଞ୍ଚି ଦାରୋଗାଡ଼ାହିସ୍ଥିତ ଫାଇନାନ୍ସ କାର୍ଯ୍ୟାଳୟ ଖୋଲିବାକୁ ଉଦ୍ୟମ କରିଥିଲେ । ମାତ୍ର ସୁକୁମାର ପ୍ରଧାନ ଏଥିରେ ବାଧାଦେବାରୁ ଫେରିଯିବାକୁ ବାଧ ହୋଇଥିବାର ଜଣାପଡ଼ିଛି । ତେବେ ମୟୂରଭଞ୍ଜ ଓଡ଼ିଶା ସରକାରଙ୍କ ଗ୍ରୀନ ଜୋନରେ ରହିଥିଲେ ମଧ୍ୟ ବାଲେଶ୍ୱର ଓ ଭଦ୍ରଖ ଅଞ୍ଚଳରୁ ଏହି ଦୁଇ ଜଣ ବାଇକରେ ବାରିପଦାରେ ପହଁଞ୍ଚିବା ଚିନ୍ତାର ବିଷୟ ପାଲଟିଯାଇଛି । ସେହିପରି ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟକୁ ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ବ୍ଲକ ଅନ୍ତର୍ଗତ ପଳାଶମୁଣ୍ଡଳୀ ପଞ୍ଚାୟତର କାଞ୍ଜିଆମୁଣ୍ଡା, ଟୁକପଳାଶିଆ; ଚିକିଟାମାଟିଆ ପଞ୍ଚାୟତର ଖୁଣ୍ଟାପାଳ, ଭାତଛତର, ବ୍ରାହ୍ମଣମରା; ନୁହାଝାଳିଆ ପଞ୍ଚାୟତର ଧିରେଇଡ଼ିହି, ବଡ଼ଶୋଳ ଗ୍ରାମଗୁଡ଼ିକ ରହିଥିବା ବେଳେ ଶୁଳିଆପଦା ବ୍ଲକର ବାଘଡ଼ା, ଶୀର୍ଷା, ଚକଶୁଳିଆପଦା ଆଦି ବିଭିନ୍ନ ରାଜସ୍ୱ ଗ୍ରାମଗୁଡ଼ିକ ରହିଅଛି । ଏଥି ସହିତ ପଶ୍ଚିମବଙ୍ଗ ରାଜ୍ୟର ଧୂମସାହି ହାଟକୁ ମଧ୍ୟ ମୟୂରଭଞ୍ଜ ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକରୁ ଜନସାଧାରଣଙ୍କ ଅବାଧ ଯାତାୟତ ରହିଥାଏ । ତେଣୁ ପୁଲିସ ମହାନିର୍ଦ୍ଦେଶକ ଶ୍ରୀଅଭୟ ଦେଇଥିବା ସୂଚନା ଓଡ଼ିଶାର କରୋନା ପଜିଟିଭଙ୍କ ମଧ୍ୟରୁ ଏକ ତୃତୀୟାଂଶ ପଶ୍ଚିମବଙ୍ଗ ଓରିଜିନ ମୟୂରଭଞ୍ଜ ପ୍ରତି ସତର୍କ ଘଣ୍ଟି ରହିଥିଲା । ପଶ୍ଚିମବଙ୍ଗ ରାଜ୍ୟରୁ ପ୍ରାୟ ୧୦ ହଜାରରୁ ଅଧିକ ଶ୍ରମିକ ଜିଲ୍ଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରନ୍ତି । ଏମାନଙ୍କ ମଧ୍ୟରୁ କେତେକ ପଳାଇଯାଇଥିବା ବେଳେ ଅନ୍ୟ କେତେକ ଅସ୍ଥାୟୀ କ୍ୟାମ୍ପରେ ରହିଥିବାର ଜଣାପଡ଼ିଛି ।

# ଦିନକୁ ହେବ ୩୦୦୦ କରୋନା ପରୀକ୍ଷା



**ଭୁବନେଶ୍ୱର :** ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟରେ ଦୈନିକ ୩୦୦୦ କରୋନା ପରୀକ୍ଷା ପାଇଁ ନିଷ୍ପତ୍ତି ହୋଇଛି। ଏଥାଇଁ ବଲାଙ୍ଗିର, ବାଲେଶ୍ୱର, ବାରିଦା ଓ କୋରାପୁଟ ଠାରେ ଥିବା ମେଡିକାଲ କଲେଜ ହସ୍ପିଟାଲରେ ଲାବୋରେଟୋରୀମାନ ଖୋଲାଯିବ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ବସିଥିବା ମନ୍ତ୍ରୀସ୍ତରୀୟ ବୈଠକରେ ଏଭଳି ଆଲୋଚନା ହୋଇଥିବା ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି। ଶ୍ରୀ ଜେନା କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ଦୈନିକ ପ୍ରାୟ ୨ହଜାର ନମୂନା ପରୀକ୍ଷା ହେଉଥିବାବେଳେ ତାହାକୁ ୩ ହଜାରକୁ ବୃଦ୍ଧି କରାଯିବ। କେବଳ ଚାରିଟି ମେଡିକାଲ କଲେଜ ନୁହେଁ ଭୁବନେଶ୍ୱର ଠାରେ ଥିବା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ କରୋନା ପରୀକ୍ଷା ଆରମ୍ଭ ସହିତ ଆଇଏଲ୍‌ଏସରେ ପରୀକ୍ଷା କ୍ଷମତା ୪୫୦କୁ ବଢ଼ାଇବାପାଇଁ ସ୍ଥିର ହୋଇଛି। ସେହିଭଳି ବାହାରୁ ଓଡ଼ିଶାକୁ ଆସିବା ପୂର୍ବରୁ କିଭଳି ତାଙ୍କର କରୋନା ପରୀକ୍ଷା କରାଯାଇ ପାରିବ ସେ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା ହେବ। କୋଭିଡ ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର, ନର୍ସ ଓ ଅନ୍ୟ ପାରାମେଡିକାଲ ଷ୍ଟାଫ୍‌ମାନଙ୍କୁ ଅଧିକ ପ୍ରୋତ୍ସାହନ ରାଶି ଦେବାପାଇଁ ବୈଠକରେ ଆଲୋଚନା ହୋଇଛି। ତେବେ ଏ ସଂକ୍ରାନ୍ତରେ କୌଣସି ନିଷ୍ପତ୍ତି ହୋଇପାରି ନଥିବା ଜଣାପଡ଼ିଛି। ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ କରୋନା ବ୍ୟାପୁଥିବା ତିନି ଜିଲ୍ଲା ଭଦ୍ରକ, ବାଲେଶ୍ୱର ଓ ଯାଜପୁର ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହୋଇଛି। ପଞ୍ଚାୟତରେ ଥିବା କ୍ୱାରେଣ୍ଟାଇନରେ ରହିବା, ଖାଇବା ଓ ଚିକିତ୍ସା ଆଦିକୁ ମାଗଣା କରାଯାଇଥିବା ବେଳେ ରାଜ୍ୟ ବାହାରୁ ଆସୁଥିବା ଶ୍ରମିକମାନଙ୍କ ପଞ୍ଜୀକରଣ ଲାଗି ପଞ୍ଚାୟତ ସ୍ତରରେ ଏକ କମିଟି ଗଠନ କରାଯିବ। ସରପଞ୍ଚଙ୍କ ଅଧ୍ୟକ୍ଷତାରେ ଗଠନ ହେବାକୁ ଥିବା ଏହି କମିଟିରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ୩ ଜଣ ଶିକ୍ଷକ ରହିବେ। ପଶ୍ଚିମବଙ୍ଗ ସହିତ ଓଡ଼ିଶାକୁ ଲାଗିଥିବା ସୀମା ବଡ଼ ହୋଇଥିବାରୁ ଏହାକୁ ସମ୍ପୂର୍ଣ୍ଣ ସିଲ୍ କରିବା ସମ୍ଭବପର ନୁହେଁ। ତେଣୁ ଯେଉଁମାନେ ସୀମା ଆରପଟୁ ଓଡ଼ିଶାକୁ ଆସୁଛନ୍ତି ସେମାନଙ୍କୁ ବୁଝାଇ ସୁଝାଇ କ୍ୱାରେଣ୍ଟାଇନ୍ ଗୃହରେ ରଖିବାପାଇଁ ଚେଷ୍ଟା କରାଯାଉଛି । ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆୟୋଜିତ ଏହି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାଶ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକିନି ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଉପସ୍ଥିତ ଥିଲେ।

ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୭ ଏପ୍ରିଲ - ୦୩ ମଇ, ୨୦୨୦





## ଅଳ୍ପ ଆଳାପ



ସମଗ୍ର ବିଶ୍ୱରେ ମହାମାରୀ କରୋନାର ରୂପ ଅତ୍ୟନ୍ତ ଭୟଙ୍କର। ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଉଛି ସମୟ। ଶିଳ୍ପ କାରଖାନାଠୁ ଆରମ୍ଭ କରି ଫୁଟପାଥ ଉପରେ ଜୀବିକା ନିର୍ବାହ ଉପରେ ରୋକ ଲାଗିଛି। ଚୀନ, ଆମେରିକା, ଇଟାଲୀ, ବ୍ରିଟେନ ଭଳି ବିକଶିତ ରାଷ୍ଟ୍ରରେ ଏହାର ଭୟାନକ ଚିତ୍ର ସମସ୍ତଙ୍କୁ ଆତଙ୍କିତ କରିଛି। ଭାରତ ବି ଏଥିରୁ ବାଦ ପଡିନାହିଁ। କରୋନା ପାଇଁ ବିଶ୍ୱ ଅର୍ଥନୀତି ନିମ୍ନମୁଖୀ। ଏହାର ଏକ ବଡ ଅଂଶ ଭାବେ ଜଣାଶୁଣା ରିଅଲ ଇଷ୍ଟେଟ ବ୍ୟବସାୟ ମଧ୍ୟ ଘୋର ସଙ୍କଟ ମଧ୍ୟରେ ଗତି କରୁଛି। ଏଭଳି ସ୍ଥିତିରେ ରିଅଲ ଇଷ୍ଟେଟର ଭବିଷ୍ୟତକୁ ନେଇ ରାଜ୍ୟର ଏକ ପ୍ରତିଷ୍ଠିତ ଗୃହ ନିର୍ମାଣକାରୀ ସଂସ୍ଥା ଶ୍ରୀକ୍ରିଷ୍ଣା ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ମୁଖ୍ୟ ତଥା ପରିଚାଳନା ନିର୍ଦ୍ଦେଶକ **ପବିତ୍ର ରାଉତରାୟ**ଙ୍କ ସହ ଏ ସପ୍ତାହର ଅଳ୍ପ ଆଳାପ।

**ସାକ୍ଷାତକାର : ତାରକ ମହାନ୍ତି**

**ପ୍ର : ମହାମାରୀ କରୋନାକୁ ନେଇ ସମଗ୍ର ବିଶ୍ୱ ଚିନ୍ତାରେ ଥିଲା ବେଳେ ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ପରିଲକ୍ଷିତ। ଲକ୍‌ଡାଉନ୍ ସ୍ଥିତି ଭିତରେ ରିଅଲ ଇଷ୍ଟେଟ୍ ବ୍ୟବସାୟର ଭବିଷ୍ୟତ କିଭଳି ବୋଲି ଆପଣ ମନେ କରୁଛନ୍ତି ?**

ଉ : କରୋନା ପ୍ରଭାବରେ ସମଗ୍ର ବିଶ୍ୱ ଏବେ ସ୍ତବ୍ଧ। ବାସ୍ତବ ରୂପରେ ଦେଖିଲେ ଏଭଳି ଅବସ୍ଥା କେତେଦିନ ରହିବ ତାହା ମଧ୍ୟ ପ୍ରଶ୍ନବାଚୀ। ତେଣୁ ଏଭଳି ପରିସ୍ଥିତିରେ ରିଅଲ ଇଷ୍ଟେଟର ଭବିଷ୍ୟତକୁ ନେଇ ଜ୍ୟୋତିଷ ଶାସ୍ତ୍ର ଗଣନା ହୁଏତ କିଛି କହିପାରେ, ମାତ୍ର ମୋ ମତରେ ଅଧିକ ଦିନ ଲକ୍‌ଡାଉନ୍ ଭଳି ଅବସ୍ଥା ରହିଲେ ରିଅଲ ଇଷ୍ଟେଟ କ୍ଷେତ୍ର ସମ୍ପୂର୍ଣ୍ଣ ଅନ୍ଧାର ଭିତରକୁ ଚାଲିଯିବ। ତେଣୁ ବିଶ୍ୱ ଦୃଶ୍ୟପଟ୍ଟ ହେଉ କି ରାଜ୍ୟ, କରୋନାର କୁପ୍ରଭାବ ଆମକୁ ଭୋଗିବାକୁ ହେବ।

**ପ୍ର : କରୋନା ଯୋଗୁଁ ଆର୍ଥିକ ମାନ୍ଦାବସ୍ଥା ଓ ଅନେକ ବ୍ୟବସାୟ ଉପରେ ଏହାର କୁପ୍ରଭାବ ଦେଖାଦେବା ଆରମ୍ଭ କଲାଣି। ଏଭଳି ପରିସ୍ଥିତିରେ ଜମି ଓ କୋଠାବାଡି କିଣାବିକା ଆଗଭଳି ସହଜ ହେବ କି ?**

ଉ : ଆପଣ ଜାଣିବା କଥା ଯେ, ରିଅଲ ଇଷ୍ଟେଟ ବ୍ୟବସାୟ ଆମର ବଜାର ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ତେଣୁ ବଜାର ନ ରହିଲେ ବ୍ୟବସାୟ କିଭଳି ହେବ। ସବୁଠି କରୋନାର ଭୟ। ତେଣୁ ରିଅଲ ଇଷ୍ଟେଟ ସମ୍ପର୍କରେ କହିବାକୁ ବି ଡର ଲାଗୁଛି। ନୂତନ ଗୃହ ନିର୍ମାଣ ଓ ଆଗରୁ ଚାଲିଥିବା ଗୃହ ସମ୍ପୂର୍ଣ୍ଣ ନହେବା ଯୋଗୁ ଏହି ବ୍ୟବସାୟ ଅନିଶ୍ଚିତତା ମଧ୍ୟକୁ ଧୀରେ ଧୀରେ ଗତି କରୁଛି ବୋଲି ବୁଝିବାକୁ ପଡିବ। ଅନ୍ୟପକ୍ଷରେ ସମଗ୍ର ବିଶ୍ୱରେ ଆର୍ଥିକ ସଙ୍କଟ କେଉଁ ଦିଗକୁ ଯିବ ତାହା ବର୍ତ୍ତମାନ ଠାରୁ କହିବା ସମ୍ଭବ ନୁହେଁ। ମୋଟାମୋଟି ଭାବେ ଦେଖିଲେ ରିଅଲ ଇଷ୍ଟେଟ ବ୍ୟବସାୟ ଏବେ ସମସ୍ୟା ଘେରରେ।

**ପ୍ର : ଆଗାମୀ ଦିନରେ ରୋଜଗାର ଉପରେ କରୋନାର ପ୍ରଭାବ ନିଶ୍ଚୟ ଦେଖାଦେବ। ତା' ଭିତରେ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ନୂତନ ଗୃହ ନିର୍ମାଣ କରି ଦେଇପାରିବେ ବୋଲି ଆପଣ ଆଶାବାଦୀ ?**

ଉ : ପ୍ରକୃତରେ ଦେଖିବାକୁ ଗଲେ ମଣିଷ ପ୍ରଥମେ ଖାଦ୍ୟ ଓ ପରେ ବାସଗୃହ ବିଷୟରେ ଚିନ୍ତା କରେ। ସମ୍ପ୍ରତି ଗୃହ ଅପେକ୍ଷା ସମସ୍ତଙ୍କୁ ଖାଦ୍ୟ ଚିନ୍ତା ଘାରିଛି। କରୋନା ଏଭଳି ବିପଦ ସୃଷ୍ଟି କରିଛି ଯେ, କାର୍ଯ୍ୟକ୍ଷେତ୍ରକୁ ଯିବା ପାଇଁ ଲୋକ ଭୟ କରୁଛନ୍ତି। ତେଣୁ ରିଅଲ ଇଷ୍ଟେଟ ବ୍ୟବସାୟ ସମ୍ପୂର୍ଣ୍ଣ ମାନବ ସମ୍ବଳ ଉପରେ ନିର୍ଭରଶୀଳ। ଆର୍କିଟେକ୍ଟ, ଇଞ୍ଜିନିୟର, କୁଶଳୀ କାରିଗର, ଅଣକୁଶଳୀ କାରିଗର, ଶ୍ରମିକ ଓ ନିର୍ମାଣ ସାମଗ୍ରୀ ହିଁ ଏହାର ମୁଖ୍ୟ ଆଧାର। ତେଣୁ ବର୍ତ୍ତମାନ ପରିସ୍ଥିତିରେ ସବୁ ଠିକ୍‌ଠାକ କରିବା ସମ୍ଭବପର ନୁହେଁ। ତେବେ ପୂର୍ବରୁ ନିର୍ମାଣାଧୀନ ଗୃହ ବିକ୍ରୟ ପାଇଁ ହୋଇଥିବା ଚୁକ୍ତି ଓ କମ୍ପାନୀ ଦ୍ୱାରା ଅଗ୍ରୀମ ଗ୍ରହଣ ଟଙ୍କା ସମସ୍ୟା ସୃଷ୍ଟି କରିବ। ଚୁକ୍ତି ମୁତାବକ ଠିକ ସମୟରେ ଗ୍ରାହକଙ୍କୁ ଗୃହ ହସ୍ତାନ୍ତର ନକଲେ ନିୟମ ଅନୁସାରେ ତାଙ୍କୁ ସୁଧ ପ୍ରଦାନ କରାଯିବ କିମ୍ବା ଘର ବାବଦକୁ ଭଡା ଦେବାକୁ ପଡିବ। ତେଣୁ ନିର୍ମାଣ ସମୟ, ଗୃହ ନିର୍ମାଣ ସାମଗ୍ରୀ ଦର ଓ ଶ୍ରମିକ ସମସ୍ୟା ଜଟିଳ ହେଲେ ଅସୁବିଧା ନିଶ୍ଚୟ। ଗ୍ରାହକ ମଧ୍ୟ ଅଗ୍ରୀମ ଦେଇ ଠିକ୍ ସମୟରେ ବଳକା ଅର୍ଥ ଦେଇନପାରିଲେ ଏହା ମଧ୍ୟ ଆହୁରି ଏକ ନୂତନ ସମସ୍ୟା ସୃଷ୍ଟି କରିବ। ସବୁକୁ ମିଶାଇ ଦେଖିଲେ ଆଗାମୀ ଦିନରେ ଘର ବିକିବା ଓ କିଣିବା ସ୍ୱପ୍ନଟିଏ ହୋଇଯିବ।

**ପ୍ର : ବର୍ତ୍ତମାନ ପରିପ୍ରେକ୍ଷୀରେ ରିଅଲ ଇଷ୍ଟେଟ କ୍ଷେତ୍ରରେ କେଉଁଭଳି ସମସ୍ୟା ଆପଣଙ୍କୁ ଅଧିକ ଚିନ୍ତାଗ୍ରସ୍ତ କରୁଛି ଓ ଏଥିରୁ ମୁକୁଳିବାର ରାସ୍ତା କଣ ?**

ଉ : ଏଥିରୁ ମୁକୁଳିବାର ସବୁଠୁ ବଡ ବାଟ ହେଉଛି ସରକାରୀ ନିୟମ କୋହଳ ଓ ଗୃହ ନିର୍ମାଣ ନିମନ୍ତେ ବ୍ୟାଙ୍କ ଦେଇଥିବା ସୁଧ ଛାଡ କରିବା। ଦ୍ୱିତୀୟରେ ରାଜ୍ୟରେ ଭିଓଡି ଆକ୍ଟ ୧୬/୩ ଅନୁସାରେ ଗୃହ ନିର୍ମାଣ ପାଇଁ ଅନୁମୋଦିତ ନକ୍ସା, ମଞ୍ଜୁରୀ ସମୟକୁ ବୃଦ୍ଧି କରିବା। କାରଣ ବର୍ତ୍ତମାନ ସମୟରେ ନିର୍ଦ୍ଧାରିତ ଅବଧି ମଧ୍ୟରେ ଆଉ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବା ସମ୍ଭବପର ନୁହେଁ। ତେଣୁ ନିୟମ ଅନୁସାରେ ଠିକ୍ ସମୟରେ ନିର୍ମାଣ କାର୍ଯ୍ୟ ନସରିଲେ ପୁନଃ ମଞ୍ଜୁରୀ ଆବଶ୍ୟକ। ଏଥିପାଇଁ ଧାର୍ଯ୍ୟ ଅର୍ଥ ଜମା ସହ ସମୟର ଆବଶ୍ୟକତା ସମସ୍ୟାକୁ ଦ୍ୱିଗୁଣିତ କରିବ। ତେଣୁ ପରିସ୍ଥିତି ଅନୁସାରେ ସରକାର ପଦକ୍ଷେପ ନ ନେଲେ ରିଅଲ ଇଷ୍ଟେଟ ଭଳି ଏକ ବୃହତ ବ୍ୟବସାୟ ଭୁଶୁଡି ପଡିବାର ଆଶଙ୍କା ଦେଖାଦେବ।

**ପ୍ର : ରିଅଲ ଇଷ୍ଟେଟ୍ ବ୍ୟବସାୟ ପାଇଁ ଅଧିକ ପୁଞ୍ଜି ଆବଶ୍ୟକ ପଡିଥାଏ। ତେଣୁ କରୋନା ଓ ଏହାର ପରବର୍ତ୍ତୀ ସମୟ ନିର୍ମାଣ କ୍ଷେତ୍ର ପାଇଁ ଆର୍ଥିକ ସଙ୍କଟ ସୃଷ୍ଟି କରିବାର ଆଶଙ୍କା ରହିଛି କି ?**

ଉ : ରେରା ନିୟମ, ବ୍ୟାଙ୍କ ସୁଧ, ଜିଏସ୍‌ଟି, ଗୃହ ନିର୍ମାଣ ସାମଗ୍ରୀର ପୁରୁଣା ଓ ନୂଆ ଦର ଦେଖିଲେ ପାର୍ଥକ୍ୟ ଆପେ ବାରି ହୋଇପଡିବ। କରୋନା ପରବର୍ତ୍ତୀ ସମୟରେ ଗୃହ ନିର୍ମାଣ ସାମଗ୍ରୀ ଦର ନିଶ୍ଚୟ ଅଧିକ ରହିବ। ଇଟା, ବାଲି, ରଡ, ସିମେଣ୍ଟ, ମେଟାଲ, ଚିପ୍‌ସ, ବଜୁରୀ ପ୍ରଭୃତି ସାମଗ୍ରୀ ମିଳିବାରେ ମଧ୍ୟ ସମସ୍ୟା ସୃଷ୍ଟି ହେବ। ବର୍ତ୍ତମାନ ଅଧିକାଂଶ ଶ୍ରମିକ ଘରକୁ ଯାଇଛନ୍ତି। ସେମାନେ କେବେ ଆସି କାର୍ଯ୍ୟରେ ଯୋଗଦେବେ ତାହା ମଧ୍ୟ ନିର୍ଦ୍ଧାରିତ ନୁହେଁ। ଏତଦ୍‌ବ୍ୟତୀତ ରିଅଲ ଇଷ୍ଟେଟ୍ ସଂସ୍ଥା ଗୃହ ନିର୍ମାଣ ସାମଗ୍ରୀ ୨୮% ପର୍ଯ୍ୟନ୍ତ ଜିଏସ୍‌ଟି ଦେଇ କିଣୁଥିଲା ବେଳେ ଗ୍ରାହକ ମାତ୍ର ୫% ଦିଅନ୍ତି ଓ ଏହାକୁ ଜମା କରାଯାଏ। ସେଭଳି ବାଲିଘାଟ ନିଲାମ ନେଉଥିବା ବ୍ୟକ୍ତି ଠିକ୍ ଦର ବା ଠିକ୍ ସମୟରେ ବାଲି ନ ଦେଲେ ନିର୍ମାଣ ଉପରେ ଏହାର ପ୍ରଭାବ ପଡିଥାଏ। ତେଣୁ ସରକାର, ବ୍ୟାଙ୍କ, ଟିକସ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ଓ ସହଯୋଗ ନରହିଲେ ଏହି ଶିଳ୍ପ ରୁଗ୍ଣ ହୋଇପଡିବା ସହ ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ହୋଇଯିବ।

**ପ୍ର : ରାଜ୍ୟରେ ନିର୍ମାଣ କ୍ଷେତ୍ରରେ ଥିବା ସରକାରୀ ପ୍ରତିବନ୍ଧକ ଓ ରେରା'ର ନୀତିନିୟମ ଆଗଭଳି କଠୋର ରହିବ କି ଏଥିରେ କିଛି କୋହଳ କରାଯିବ ବୋଲି ଆଶା କରୁଛନ୍ତି ?**

ଉ : ଦେଶ ହେଉ କି ରାଜ୍ୟରେ ରିଅଲ ଇଷ୍ଟେଟ ବ୍ୟବସାୟ ସମଗ୍ର ବଜାର ଅଂଶର ୬୦% ଉପରେ। ଅର୍ଥନୀତି ବୃଦ୍ଧି କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମ ରାଜ୍ୟରେ ୪୦ ରୁ ୫୦ ଲକ୍ଷ ଶ୍ରମିକ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ନିର୍ମାଣ ଶ୍ରମିକଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ତେଣୁ ସରକାର ଯେତେବେଳେ ସେମାନଙ୍କ ସୁରକ୍ଷା କଥା ଚିନ୍ତା କରିବେ ସେତେବେଳେ ରିଅଲ ଇଷ୍ଟେଟ୍ ପ୍ରସଙ୍ଗ ଆସିବ। ତେଣୁ ସରକାର ଏ କ୍ଷେତ୍ରକୁ ସୁରକ୍ଷିତ ରଖି ପାରିଲେ ରାଜ୍ୟର ପ୍ରଗତି ଓ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ ବୋଲି ମୋର ବିଶ୍ୱାସ।

**ପ୍ର : ଯଦି ଅଧିକ ଦିନ ଧରି ଏହି ବ୍ୟବସାୟ ବନ୍ଦ ରହିବ ଏଥିରେ ଯେଉଁ ଆର୍ଥିକ କ୍ଷତି ହେବ ତାକୁ ଭରଣା କରିବେ କିପରି ?**

ଉ : ବାସ୍ତବରେ ଦେଖିବାକୁ ଗଲେ ରିଅଲ ଇଷ୍ଟେଟ ବ୍ୟବସାୟରେ ଅଧିକ ପୁଞ୍ଜି ନିବେଶ ହୁଏ। ଯେକୌଣସି ପ୍ରୋଜେକ୍ଟ ଆରମ୍ଭ ପୂର୍ବରୁ ମୋଟ ଖର୍ଚ୍ଚର ୫୦% ଖର୍ଚ୍ଚ ସରିଥାଏ। ଏହାରି ମଧ୍ୟରେ ଜମି ଅଧିଗ୍ରହଣ, ପ୍ଲାନ ଆପ୍ରୁଭାଲ, ରେରା ଅନୁମତି ପାଇବାକୁ ଅର୍ଥ ଜମା କରାଯିବା ସହ ଅନ୍ୟ ଆନୁସଙ୍ଗିକ ଖର୍ଚ୍ଚ ମଧ୍ୟ ହୋଇଥାଏ। ତେଣୁ ଖର୍ଚ୍ଚ ହେଉଥିବା ଅର୍ଥ ବ୍ୟାଙ୍କରୁ ୧୫% ସୁଧରେ ଆଣିବାକୁ ପଡେ। ଏଥିପାଇଁ ବ୍ୟାଙ୍କକୁ ନିୟମିତ ସୁଧ ଦେବାକୁ ହୁଏ। ତେଣୁ କରୋନା ଆସିବା ଆଗରୁ ରିଅଲ ଇଷ୍ଟେଟ ବଜାର ମାନ୍ଦା ରହିଥିଲା। ତାହାରି ମଧ୍ୟରେ ନୂତନ ପ୍ରୋଜେକ୍ଟ ଓ ଅଧା ଥିବା କାର୍ଯ୍ୟ ସାରିବାକୁ ବ୍ୟସ୍ତ ଥିଲା ବେଳେ ମହାମାରୀ ସଙ୍କଟ ପହଞ୍ଚିଲା। ଲକ୍‌ଡାଉନ୍ ଯୋଗୁ ନିର୍ମାଣ କାର୍ଯ୍ୟ ଯେଉଁଠି ଯେମିତି ଥିଲା ସେମିତି ପଡିରହିଛି। ହେଲେ ଆମେ ଆଣିଥିବା ଋଣ ଟଙ୍କା ଉପରେ ବ୍ୟାଙ୍କକୁ ସୁଧ ଦେବାକୁ ପଡୁଛି। ଅନ୍ୟପକ୍ଷେ ଯେଉଁ ଗ୍ରାହକ ଘର କିଣିବାକୁ ଅଗ୍ରୀମ ଦେଇ ଚୁକ୍ତି କରିଥିଲେ ରେରା ନିୟମ ଅନୁସାରେ ସେମାନଙ୍କୁ ଠିକ୍ ସମୟରେ ଗୃହ ହସ୍ତାନ୍ତର ନକଲେ ସୁଧ ମଧ୍ୟ ଦେବାକୁ ପଡିବ। ଏଭଳି ଏକ ସଙ୍କଟଜନକ ସ୍ଥିତିରେ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ବା ସମ୍ପୂର୍ଣ୍ଣ ହେବ ତାହା କହିବା କଷ୍ଟକର। ତେଣୁ ସବୁ ଦୃଷ୍ଟିକୋଣରୁ ଏହି ବ୍ୟବସାୟ ଏବେ ଅନେକ ପରିମାଣର କ୍ଷତିରେ।

**ପ୍ର : ସରକାର ରିଅଲ ଇଷ୍ଟେଟ ବ୍ୟବସାୟ ପାଇଁ କିଛି ପ୍ରୋତ୍ସାହନ ବା ସହାୟତା ଦେବା କଥାକୁ ଆପଣ କେତେଦୂର ସଠିକ ଭାବନ୍ତି ଏବଂ ଏହି ସାହାଯ୍ୟ ସହଯୋଗ ଆର୍ଥିକ କିମ୍ବା ନିୟମ କୋହଳ ଭଳି ନିଷ୍ପତ୍ତି ହେବା ଉଚିତ୍ ବୋଲି ମନେକରନ୍ତି ?**

ଉ : ଆଜି ଦିନରେ ରିଅଲ ଇଷ୍ଟେଟ ବ୍ୟବସାୟ କଥା ଭାବିଲେ ଏହା ନିଶ୍ଚୟ ଚିନ୍ତାଜନକ। ଏଥିରେ କେବଳ ଗୃହ ନିର୍ମାଣକାରୀ ସଂସ୍ଥାର କ୍ଷତି ନୁହେଁ, ସରକାର, ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ବ୍ୟବସାୟୀ, ଇଞ୍ଜିନିୟର, ଆର୍କିଟେକ୍ଟ, ମିସ୍ତ୍ରୀ, ଶ୍ରମିକ ଏବଂ ଏହା ଉପରେ ନିର୍ଭର କରି ଚଳୁଥିବା ଲକ୍ଷାଧିକ ପରିବାର କ୍ଷତି ସହିବେ। ସବ୍‌ରେଜିଷ୍ଟ୍ରାର ଅଫିସ, ଓକିଲ, ମୋହରୀରଙ୍କ ଠାରୁ ଆରମ୍ଭ କରି ଅଧିକାଂଶ ବର୍ଗର ଲୋକ ଯେଉଁମାନେ ଏହାଦ୍ୱାରା ଉପକୃତ ହୁଅନ୍ତି ସେମାନେ ମଧ୍ୟ କ୍ଷତିଗ୍ରସ୍ତ ହେବେ। ଜମି କିମ୍ବା ଘର ପଞ୍ଜିକରଣ ହେଲେ ସରକାର ରାଜସ୍ୱ ପାଇଥାନ୍ତି। ତାହା ମଧ୍ୟ ପ୍ରଭାବିତ ହେବ। ତେଣୁ ରାଜ୍ୟରେ କରୋନାର ପ୍ରଭାବ କମିଲେ ସରକାର ରିଅଲ ଇଷ୍ଟେଟ କ୍ଷେତ୍ର ପ୍ରତି ତୁରନ୍ତ ଧ୍ୟାନ ଦେବା ଦରକାର। ନଚେତ ଗୃହ ନିର୍ମାଣ ଭଳି ସଂସ୍ଥା ବୁଡିବା ସହ ଏହା ସହ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଜଡିତ ହଜାର ହଜାର ଲୋକ ତଳିତଳାନ୍ତ ହୋଇଯିବେ। ପ୍ରସଙ୍ଗର ଗୁରୁତ୍ୱକୁ ଉପଲବ୍ଧି କରି ରାଜ୍ୟ ସରକାର ଏକ୍ଷେତ୍ର ପାଇଁ ପ୍ୟାକେଜ୍ ଘୋଷଣା କରିବାର ଆବଶ୍ୟକତା ରହିଛି।



ଶ୍ରୀକ୍ରିଷ୍ଣା ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ମୁଖ୍ୟ ପବିତ୍ର ରାଉତରାୟଙ୍କ ସହ 'ଏକମାତ୍ର ସମ୍ପାଦକ ତାରକ ମହାନ୍ତି।

# ଆନ୍ତଃମନ୍ତ୍ରୀସ୍ତରୀୟ କମିଟିରେ ବିଭିନ୍ନ ପଦକ୍ଷେପ ସ୍ଥିର କରିବାକୁ ନିଷ୍ପତ୍ତି

**ଭୁବନେଶ୍ୱର :** ରାଜ୍ୟରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ତଥା ଅନ୍ୟାନ୍ୟ ଶିଳ୍ପାନୁଷ୍ଠାନଗୁଡ଼ିକରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ଉଦ୍ଦେଶ୍ୟରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ନିମନ୍ତେ ଏକ ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍-୧୯ ସଂକ୍ରମଣ ମୁକାବିଲା ସମୟରେ ରାଜ୍ୟରେ ଶିଳ୍ପ ପ୍ରଗତି ଏବଂ ଦ୍ରୁତ ଅର୍ଥନୈତିକ ଉନ୍ନତି ଯେପରି ପ୍ରଭାବିତ ନହୁଏ, ସେ ବିଷୟରେ ସରକାରଙ୍କ ପ୍ରତିବଦ୍ଧତାକୁ ସୂଚାଉଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କମିଟିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ମନ୍ତ୍ରୀ, ଅର୍ଥମନ୍ତ୍ରୀ, ଇସ୍ପାତ ଏବଂ ଖଣି ମନ୍ତ୍ରୀ ସଦସ୍ୟ ଭାବରେ ରହିବାକୁ ନିଷ୍ପତ୍ତି ନିଆଯାଇଥିଲା। ସାରାଦେଶ ସମେତ ରାଜ୍ୟରେ ଲକ୍‌ଡାଉନ୍ ପରିସ୍ଥିତି ଯୋଗୁ ଶିଳ୍ପ ପ୍ରତିଷ୍ଠାନଗୁଡିକରେ ହୋଇଥିବା ବ୍ୟାପକ କ୍ଷତି ଦୃଷ୍ଟିରୁ ସେଗୁଡ଼ିକର ପୁନରୁତ୍ଥାନ ନିମନ୍ତେ କମିଟି ବିଭିନ୍ନ ପଦକ୍ଷେପ ସ୍ଥିର କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ତଦନୁସାରେ ଆନ୍ତଃ-ମନ୍ତ୍ରୀସ୍ତରୀୟ ବୈଠକ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପରୋକ୍ତ ବିଭାଗର ମନ୍ତ୍ରୀବୃନ୍ଦ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଖଣି ଓ ଇସ୍ପାତ, ଶ୍ରମ, ଶକ୍ତି,ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବବୃନ୍ଦ, ଇଡ୍‌କୋର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ, ଇପିକଲର ପରିଚାଳନା ନିର୍ଦ୍ଦେଶକ, ଶିଳ୍ପ ବିଭାଗର ନିର୍ଦ୍ଦେଶକ ଏବଂ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୧୭ଟି ଶିଳ୍ପ ସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଏହି ଅନ୍‌ଲାଇନ୍ ବୈଠକରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ପରିଚାଳନା କରିଥିଲେ । ବୈଠକରେ ବିଭିନ୍ନ ଉଦ୍ୟୋଗ ସଂଗଠନର ପ୍ରତିନିଧିବୃନ୍ଦ ଯୋଗଦେଇ ମତାମତ ରଖିଥିଲେ। କୋଭିଡ୍-୧୯ ଯୋଗୁ ବିଭିନ୍ନ ଶିଳ୍ପ ସଂସ୍ଥାମାନେ ଗଭୀର ଭାବେ ପ୍ରଭାବିତ ହୋଇଥିବା ଦୃଷ୍ଟିରୁ ସେଗୁଡ଼ିକୁ ଯଥା ସମ୍ଭବ କିପରି ପୁନରୁତ୍ଥାନ କରାଯିବ, ସେ ଦିଗରେ ରାଜ୍ୟ ସରକାର କିଭଳି ଯୋଜନା ପ୍ରସ୍ତୁତି କରୁଛନ୍ତି, ସେସବୁର ଆଲୋଚନା ବୈଠକର ମୂଳ ଉଦ୍ଦେଶ୍ୟ ଥିଲା । ଏ ସମ୍ପର୍କରେ ଇପିକଲର ପରିଚାଳନା ନିର୍ଦ୍ଦେଶକ ନୀତିନ ବି. ଜାୱଲେ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ବଜାର ଚାହିଦା ବୃଦ୍ଧି ନିମନ୍ତେ ବୃହତ୍ତର ଶିଳ୍ପ ଭିତ୍ତିଭୂମି ପ୍ରତିଷ୍ଠା କରିବା ହେଉଛି ସରକାରଙ୍କର ପ୍ରମୁଖ ଆଭିମୁଖ୍ୟ । ଏହାଦ୍ୱାରା ଶିଳ୍ପାନୁଷ୍ଠାନଗୁଡ଼ିକର ପୁନରୁଦ୍ଧାର ହେବା ସହିତ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇ ଦିଆଯାଇପାରିବ । ଫଳରେ ପୂର୍ବରୁ ବିଶ୍ୱସ୍ତରରେ ଅର୍ଥନୈତିକ ଦୃଷ୍ଟିରୁ ଶକ୍ତିଶାଳୀ ବିବେଚିତ ଦେଶଗୁଡ଼ିକରୁ ଚାଲିଆସୁଥିବା ଉଦ୍ୟୋଗଗୁଡ଼ିକୁ ଆମ ରାଜ୍ୟକୁ ଆକର୍ଷିତ କରିହେବ ଓ ରାଜ୍ୟ ଉନ୍ନତ ସ୍ଥିତିରେ ରହିପାରିବ। ଶିଳ୍ପ ସଂଘଗୁଡ଼ିକୁ ସେମାନଙ୍କ ପ୍ରସ୍ତାବ ଏବଂ ଆବଶ୍ୟକତା ସମ୍ପର୍କରେ ମତ ଉପସ୍ଥାପନ କରିବା ପାଇଁ ସୁଯୋଗ ପ୍ରଦାନ କରାଯାଇଥିଲା। ଶିଳ୍ପ ସଂସ୍ଥାଗୁଡ଼ିକ ସରକାରୀ ଦେୟ ପ୍ରଦାନ ନିମନ୍ତେ କୋହଳ ବ୍ୟବସ୍ଥା କିମ୍ବା ଅବଧି ବୃଦ୍ଧି ସାଙ୍ଗକୁ ରାଜ୍ୟରେ ଥିବା ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ଉତ୍ପାଦିତ ଦ୍ରବ୍ୟ କ୍ରୟ କରିବାର ସୁଯୋଗ ପ୍ରଦାନ ପରି ପ୍ରୋତ୍ସାହନ ଆଶା କରି ମତାମତ ରଖିଥିଲେ । ଆଗାମୀ ସପ୍ତାହରେ ଅନ୍ୟ ଏକ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ଶିଳ୍ପ ସଂଘମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯିବା ସାଙ୍ଗକୁ ରାଜ୍ୟ ସରକାରଙ୍କୁ ସବିଶେଷ ପ୍ରସ୍ତାବ ପ୍ରଦାନ କରାଯିବ । ସୂଚନା ଯୋଗ୍ୟ , ଓଡ଼ିଶା ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରି କୋଭିଡ୍-୧୯ ସଂକ୍ରମଣକୁ ଦକ୍ଷତାର ସହ ମୁକାବିଲା କରିବା ପାଇଁ ସକ୍ଷମ ହୋଇପାରିଛନ୍ତି । ବିଶ୍ୱବ୍ୟାପୀ ସଂକ୍ରମଣ ସ୍ଥିତିରେ ଏକ ବୃହତ୍ ଅର୍ଥନୈତିକ ସଂକଟକୁ ଦୂର କରିବା ନିମନ୍ତେ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗତ ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ଅନୁମୋଦନ କର୍ତ୍ତୃପକ୍ଷଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟସ୍ତରୀୟ ସିଙ୍ଗଲ ଓ୍ୱିଣ୍ଡୋ ଅଥରିଟିର ଅନୁମୋଦନ କ୍ରମେ ସମୁଦାୟ ୯୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ମଞ୍ଜୁର ହୋଇଥିଲା । ଏହାଦ୍ୱାରା ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଆର୍ଥିକ ବିକାଶ ହୋଇପାରିବ। ଯାହା କରୋନା ମୁକାବିଲାରେ ସହାୟକ ହେବ ବୋଲି ବରିଷ୍ଠ ଅଧିକାରୀମାନେ ମତପୋଷଣ କରିଛନ୍ତି।

# ମାଟ୍ରିକ ଖାତାଦେଖା ଖୁବ୍‌ଶୀଘ୍ର





**ଭୁବନେଶ୍ୱର :** ମାଟ୍ରିକ ଖାତା ଦେଖିବାପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ ପ୍ରସ୍ତୁତ ହୋଇ ଥିବାବେଳେ ସରକାରଙ୍କ ଅନୁମତିକୁ ଅପେକ୍ଷା କରାଯାଇଛି । ଏହା ମିଳିଲାପରେ ତୁରନ୍ତ ଖାତାଦେଖା କାର୍ଯ୍ୟ ଆରମ୍ଭ ହେବବୋଲି କହିଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ । ସେ କହିଲେ ଯେ ମାଟ୍ରିକ ଖାତା ମୂଲ୍ୟାୟନ ପାଇଁ ଅଧିକ ସଂଖ୍ୟାରେ ଶିକ୍ଷକ ନିୟୋଜିତ ସହିତ କେନ୍ଦ୍ର ସଂଖ୍ୟା ବଢ଼ାଇ ଦିଆଯିବ। ଖାତାଦେଖା ସମୟରେ ସାମାଜିକ ଦୂରତ୍ୱ ରକ୍ଷାପାଇଁ ଅଧିକ ସ୍ଥାନ ଆବଶ୍ୟକ ହେଉଥିବାରୁ ମୂଲ୍ୟାୟନକେନ୍ଦ୍ର ସଂଖ୍ୟା ବୃଦ୍ଧି କରାଯିବ। ଯେଉଁ ଶିକ୍ଷକମାନଙ୍କୁ ରିଜର୍ଭରେ ରଖାଯାଇଥିଲା ସେମାନଙ୍କୁ ଖାତା ଦେଖିବାପାଇଁ ଡକାଯିବ। ବର୍ତ୍ତମାନ ଯେଉଁସବୁ ବିଦ୍ୟାଳୟରେ ମୂଲ୍ୟାୟନ ପାଇଁ ସ୍ଥିର ହୋଇଛି ତାହାର ଆଖପାଖରେ ଥିବା ବିଦ୍ୟାଳୟରେ ଖାତା ଦେଖିବାର ବ୍ୟବସ୍ଥା ହେବ। ସେଠାରେ ଖାତା ଦେଖା ସରିବା ପରେ ମୂଳ ମୂଲ୍ୟାୟନ କେନ୍ଦ୍ରକୁ ଫେରିବ। ଖାତା ଦେଖା ଓ ଫଳ ପ୍ରକାଶନ କାର୍ଯ୍ୟ ୪୫ ଦିନ ମଧ୍ୟରେ ସରିବ ବୋଲି ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି । ଚଳିତବର୍ଷ ଖାତା ଦେଖାରେ ବହୁ ବିଳମ୍ବ ହୋଇଥିବାରୁ ଏହା କିଭଳି ସୁରୁଖୁରୁରେ କମ୍ ସମୟ ଭିତରେ ସରିବ ସେଥିପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ଚାଲିଛି । ଆସନ୍ତା ୩ ତାରିଖରେ ଲକ୍‌ଡାଉନ୍ ଅବଧି ସରିବା ପୂର୍ବରୁ ଏ ନେଇ ଆଉ ଥରେ ବୈଠକ ବସିବ । ଗତ ଫେବୃୟାରୀ ୧୮ ତାରିଖରୁ ମାଟ୍ରିକ ପରୀକ୍ଷା ସରିଥିବାବେଳେ ମାର୍ଚ୍ଚରୁ ଖାତାଦେଖା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶିକ୍ଷକ ଶିକ୍ଷୟତ୍ରୀମାନେ ପ୍ରଥମ ଦିନ ଖାତାଦେଖା ପାଇଁ ଅଭ୍ୟାସ ବି କରିଥିଲେ । ହେଲେ କରୋନା ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ୍ ଘୋଷଣା ହେବାପରେ ଆରମ୍ଭରୁ ହିଁ ଖାତାଦେଖା କାର୍ଯ୍ୟ ହୋଇପାରି ନାହିଁ।









Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି